


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-152 ◆FRIDAY ◆28 NOVEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୫୨ ◆ଶୁକ୍ରବାର ◆୨୮ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ବିଧାନସଭାରେ ଜନପ୍ରତିନିଧିଙ୍କୁ ରାଷ୍ଟ୍ରପତିଙ୍କ ଗୁରୁମନ୍ତ୍ର

# ଉଚ୍ଚାରଣ, ଆଚରଣରେ ସଂଯମ ରହୁ



- ଗୃହରେ କ'ଣ କହୁଛନ୍ତି, କିପରି କହୁଛନ୍ତି ତାହା ସମସ୍ତେ ଜାଣି ପାରୁଛନ୍ତି
- ଏଠାକାର ଆତ୍ମୀୟ ପରିବେଶ ମୋତେ ଭାବପ୍ରବଣ କରିଦେଇଛି
- ଓଡ଼ିଶାରେ ନାରୀ ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହି ଆସିଛି
- ଓଡ଼ିଶା କୋଳରେ ପ୍ରକୃତି ସବୁ ପ୍ରକାରର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି
- ଏହାର ସଦୁପଯୋଗ ଓଡ଼ିଶାକୁ ଅଗ୍ରଣୀ ପ୍ରଦେଶରେ ପରିଣତ କରିପାରିବ

■ ଭୁବନେଶ୍ୱର, ୨୭।୧୧ (ସମିସ): ବର୍ତ୍ତମାନ ଟେକ୍ନୋଲୋଜିର ସମୟ, ଜନ ପ୍ରତିନିଧି ଭାବେ ଆପଣମାନେ ସାରା ରାଜ୍ୟରେ ଚିହ୍ନାମୁହଁ। ଆପଣମାନଙ୍କର ବହୁ ପ୍ରଶଂସକ ଏବଂ ଅନୁଗାମୀ ମଧ୍ୟ ରହିଛନ୍ତି। ଆପଣମାନେ କଣ କରୁଛନ୍ତି, କହୁଛନ୍ତି ତାହା ଜାଣିବା ପାଇଁ ସେମାନେ ଉତ୍ସୁକ ଥାଆନ୍ତି। ତେଣୁ ଆପଣମାନଙ୍କର ଉଚ୍ଚାରଣ ଓ ଆଚରଣ ଉଭୟ ମୂଲ୍ୟବାନ। ନେତା ଯାହା କରିବେ ଜନତା ତାହାକୁ ଅନୁସରଣ କରିବେ। ତେଣୁ ଆପଣମାନେ ନିଜ ଆଚରଣ ଏବଂ ଉଚ୍ଚାରଣକୁ ସଂଯମ ରଖିବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ବୁଧବାର ଅପରାହ୍ନରେ ବିଧାନସଭାକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି ଯେ ଆଜି ଘରକୁ ଆସିଲା ପରି ଲାଗୁଛି। ଦେଶର ଏକାଧିକ ରାଜ୍ୟ, ରାଜ୍ୟ ବିଧାନସଭା, ବିଶ୍ୱର କେତେକ ଦେଶର ସଂସଦକୁ ସମ୍ବୋଧନ କରିବାର ସୁଯୋଗ ଲାଭ କରିଛି। ମାତ୍ର ଓଡ଼ିଶା ବିଧାନସଭାକୁ ସମ୍ବୋଧନ କରିବା ମୋ ପାଇଁ ଖୁସିର ବିଷୟ। ମୁଁ ଗାଁରୁ ଏକ ସାଧାରଣ ଝିଅ ହୋଇ ଆସିଥିଲି। ଏହି ଗୃହ ମୋତେ କଥା କୁହା ଶିଖାଇଛି। ଆଜି ମୁଁ ଯେଉଁଠି ଅଛି ତାହାର ସମସ୍ତ ଶ୍ରେୟ ଏହି ଗୃହର। ଯଦି ଓଡ଼ିଶାର ଜନସାଧାରଣ, ଜଗନ୍ନାଥଙ୍କର ଆଶୀର୍ବାଦ ନଥାନ୍ତା, ତାହେଲେ ମୁଁ ଆଜି ଯେଉଁଠି ଅଛି ସେଇଠି ପହଞ୍ଚି ପାରିନଥାନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି। ସେ ପୁଣି କହିଛନ୍ତି ଯେ ଏହି ଗୃହରେ ମୁଁ ବିଧାୟକ ଭାବେ ପ୍ରଶ୍ନ ପଚାରିଛି। ମନ୍ତ୍ରୀ ଭାବେ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଛି। ବିଭିନ୍ନ ସ୍ଥାୟୀ କମିଟିର ଅଧକ୍ଷ ତଥା ସଦସ୍ୟ ଭାବେ ମୁଁ ମୋର ଚିନ୍ତା ପ୍ରକଟ କରିବାର ସୁଯୋଗ ପାଇଛି। ବିଧାୟକ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସେ ବିଧାନସଭାରେ ପ୍ରବେଶ କରିଥିଲି। ଓଡ଼ିଶା କେବଳ ଏକ ପ୍ରାଚୀନ ଭୂଖଣ୍ଡ କିମ୍ବା ଆଧୁନିକ ପ୍ରଦେଶ ▶ପୃଷ୍ଠା-୧୦


## ରାଷ୍ଟ୍ରପତିଙ୍କ ସାମଗ୍ରିକ ଜୀବନ ଅନୁକରଣୀୟ



ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆମ ବିଧାନସଭାରୁ ତାଙ୍କର ସକ୍ରିୟ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ନିଜର କଠୋର ଅଧ୍ୟବସାୟ ଓ ତ୍ୟାଗ ଫଳରେ ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଛନ୍ତି। ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ରାଷ୍ଟ୍ରପତି ଭାବେ ସେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କ ସାର୍ବଜନୀନ ଏବଂ ରାଜନୈତିକ ଜୀବନ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବିଧାନସଭାରେ ରାଷ୍ଟ୍ରପତିଙ୍କ ସମ୍ବୋଧନ ପ୍ରରିପେକ୍ଷୀରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ରଖି କହିଥିଲେ ଯେ ଦୀର୍ଘ ୭୫ ବର୍ଷର ଓଡ଼ିଶା ବିଧାନ ସଭା ଇତିହାସରେ ପ୍ରଥମ ଥର ପାଇଁ ଦେଶର ପ୍ରଥମ ନାଗରିକ ବିଧାନସଭାକୁ ସମ୍ବୋଧନ ଓ ମାର୍ଗଦର୍ଶନ ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ପ୍ରାୟ ଏକ ଚତୁର୍ଥାଂଶ ଜନଜାତି ସଂପ୍ରଦାୟ ଥିବା ରାଜ୍ୟ ଓଡ଼ିଶାର ସେହି ସଂପ୍ରଦାୟରୁ ଦେଶର ରାଷ୍ଟ୍ରପତି ▶ପୃଷ୍ଠା-୧୦

## ରାଷ୍ଟ୍ରପତି ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି



ଏ ମାଟିର ଝିଅ ଆଜି ଦେଶର ରାଷ୍ଟ୍ରପତି, ଏଥିପାଇଁ ଏ ମାଟି ଗୌରବାନ୍ୱିତ। ଆହୁରି ଗର୍ବର କଥା ଯେ ସେ ତାଙ୍କର ରାଜନୈତିକ ଜୀବନ ୨୫ ବର୍ଷ ତଳେ ଓଡ଼ିଶା ବିଧାନସଭାରୁ ଆରମ୍ଭ କରିଥିଲେ। ଆଜି ସେ ଦେଶର ରାଷ୍ଟ୍ରପତି ହୋଇ ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବିଧାନସଭାରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପୂର୍ବରୁ ନିଜ ଅଭିଭାଷଣରେ କହିଛନ୍ତି ଯେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ। ଆମ ରାଜ୍ୟରୁ ଆସିଥିବା ଭାରତର ରାଷ୍ଟ୍ରପତି ଆଜି ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରୁଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ, ଆମ ଦେଶ ବର୍ତ୍ତମାନ ସମ୍ମୁଖୀନ ହେଉଥିବା ଆହ୍ୱାନ ପରିପ୍ରେକ୍ଷୀରେ ବିଶେଷ ଗୁରୁତ୍ୱ ବହନ କରୁଛି। ବିବିଧତା ମଧ୍ୟରେ ଏକତା ହେଉଛି ଆମ ରାଷ୍ଟ୍ରର ସୌନ୍ଦର୍ଯ୍ୟ। ଭାରତୀୟ ରାଜନୀତିକୁ ▶ପୃଷ୍ଠା-୧୦

### ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳତାକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

# ୪ ସପ୍ତାହ ମଧ୍ୟରେ କଠୋର ନିୟମ ଆଣିବାକୁ ନିର୍ଦ୍ଦେଶ



**ନିଜ ଦାୟିତ୍ୱ ପ୍ରତି ସଚେତନ ରୁହନ୍ତୁ ୟୁଟ୍ୟୁବର୍**

■ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ବିଷୟବସ୍ତୁ (କଣ୍ଟେଣ୍ଟ)କୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ବନ୍ଧିତ ଦୁଇଟି ମାମଲାର ଶୁଣାଣି କରି ଗୁରୁବାର ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଉଥିବା ଫଟୋ, ଭିଡିଓ ଏବଂ ଅନ୍ୟ ସବୁ ବିଷୟବସ୍ତୁ ପାଇଁ କାହାକୁ ନା କାହାକୁ ଉତ୍ତରଦାୟୀ କରିବାକୁ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏ ସମ୍ବନ୍ଧରେ ୪ ସପ୍ତାହ ମଧ୍ୟରେ ନୂଆ ଆଇନ ଆଣିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଏସ୍‌ସି/ଏସ୍‌ଟି ଆଇନ ଭଳି କଠୋର କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ସେହିପରି ଦିବ୍ୟାଙ୍ଗଙ୍କୁ ଅପମାନିତ କରିବା ମାମଲାରେ 'ଇଣ୍ଡିଆଜ ଗଟ୍ ଲାଟେଣ୍ଟ'ର ଉପସ୍ଥାପକ ତଥା ୟୁଟ୍ୟୁବର ସମୟ ରୈନାଙ୍କୁ ନିଜ ଦାୟିତ୍ୱ ପ୍ରତି ସଚେତନ କରାଇଛନ୍ତି। ନିଜ ଶୋ'ରେ ଦିବ୍ୟାଙ୍ଗ ଲୋକଙ୍କ ସଫଳତାର କାହାଣୀ ଦେଖାଇବାକୁ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୈନାଙ୍କୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ କହିଥିଲେ ଯେ ଆଗାମୀ ଶୁଣାଣି ପୂର୍ବରୁ କିଛି ଭଲ କାର୍ଯ୍ୟ କରି ଏଠାକୁ ଆସିବେ ବୋଲି ▶ପୃଷ୍ଠା-୧୦

# ରେକର୍ଡ ଭାଙ୍ଗିଲା ନଭେମ୍ବର ଶୀତ

- ୭୧ ବର୍ଷ ପରେ ଝାରସୁଗୁଡ଼ାରେ ପାରଦ ସର୍ବନିମ୍ନ ସ୍ତରରେ
- ଦୁଇ ଦିନ ମଧ୍ୟରେ ଆହୁରି ୩ ଡ଼ିଗ୍ରୀ ଖସିବ ତାପମାତ୍ରା
- ବଙ୍ଗୋପସାଗରରେ ସୃଷ୍ଟି ହେଲା ଆଉ ଏକ ବାତ୍ୟା 'ଡିଟୱା'
- ଓଡ଼ିଶା ଉପରେ ପ୍ରଭାବହୀନ, ରାଜ୍ୟକୁ ବହିବ ଥଣ୍ଡା ପବନ

■ ଭୁବନେଶ୍ୱର, ୨୭ ।୧୧ (ସମିସ): ରାଜ୍ୟକୁ ପୁଣି ଫେରିଛି ଶୀତ। ଦୁଇ ତିନି ଦିନ ହେବ ତାପମାତ୍ରାରେ କ୍ରମାଗତ ହ୍ରାସ ଫଳରେ ଥଣ୍ଡାର ପ୍ରଭାବ ବୃଦ୍ଧି ପାଇଛି।ଅନେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଝାରସୁଗୁଡ଼ାରେ ତାପମାତ୍ରା ସର୍ବନିମ୍ନ ତାପମାତ୍ରା ୮.୧ ଡିଗ୍ରୀକୁ ହ୍ରାସ ହୋଇଛି। ଗତ ୭୧ ବର୍ଷ ପରେ ନଭେମ୍ବର ମାସରେ ଝାରସୁଗୁଡ଼ାରେ ଶୀତ ରେକର୍ଡ ସ୍ତରକୁ ଖସିଛି। ସେହିପରି ଜି. ଉଦୟଗିରିରେ ତାପମାତ୍ରା ୭.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲା ୭.୭, ସେମିଳିଗୁଡ଼ା ୮.୬, କିରେଇ ୯.୩, ▶ପୃଷ୍ଠା-୧୦





| MODEL | 125 CF | NS 125 | 150 | N160 | NS 160 | NS 200 |
| --- | --- | --- | --- | --- | --- | --- |
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | HDFC BANK | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସଞ୍ଚୟ 25 ନଭେମ୍ବର 2025 ଠାରୁ 25 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି 100% ଜିଏସ୍‌ଟି ବେନିଫିଟ୍ ରୁ ସଞ୍ଚୟ (ଏକ୍ସ ଶୋ-ରୁମ୍ ମୂଲ୍ୟ ଓ ତଦ୍‌ଜନିତ ଆର୍‌ଟିଓ ଟ୍ୟାକ୍ସ ରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 1 ବର୍ଷର ଓନ୍ ଡ୍ୟାମେଜ୍ ବୀମା (ଓଡି), ଶୂନ୍ୟ ପିଏଫ୍ ଏବଂ ଓଡି ରେ ସଞ୍ଚୟ ହୁଏତ ଫାଇନାନ୍‌ସର୍/ଇନ୍‌ସ୍ୟୋରର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଅଲଗା ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for BAJAJ Auto Ltd.: Sambalpur:** UJJWAL BAJAJ 9853155550, **Sonepur** UJJWAL BAJAJ 9348711920 • **Bargarh** UJJWAL BAJAJ 9124042012 • **Keonjhar** JR BAJAJ 9937697094 / 9439008692• **Angul:** JAMUNA BAJAJ 7682899351 Chendipada 9692646493 • **Rourkela** RM BAJAJ 9078083803 • **Sundergarh** RM BAJAJ 9078083500 • **Bolangir** URBASI BAJAJ 7381052046 • **Bhawanipatna** KALINGA AUTO SERVICE 8763863692 • **Jharsuguda** UTKAL BAJAJ 9337200356.

● ଦିଲ୍ଲୀ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ଅସହାୟ

## ବିଷବାୟୁରୁ ମୁକ୍ତି ଦେବା ପାଇଁ ଆମ ପାଖରେ ଯାଦୁର ଛଡ଼ି ନାହିଁ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣରୁ ଜନତାଙ୍କୁ ତ୍ରାହି ମିଳୁନାହିଁ। ଲୋକେ ପ୍ରଦୂଷଣରେ ଅତିଷ୍ଠ ହୋଇ ଚାଲିଥିବାବେଳେ ସୁପ୍ରିମକୋର୍ଟ ଗୁରୁବାର ଏହି ମାମଲା ଉପରେ ଶୁଣାଣି କରି ସ୍ଥିତିକୁ ନେଇ ଅସହାୟତା ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଦିଲ୍ଲୀ-ଏନସିଆରକୁ ବିଷ ବାୟୁରୁ ମୁକ୍ତି ଦେବା ଭଳି କୌଣସି ଯାଦୁର ଛଡ଼ି ସୁପ୍ରିମକୋର୍ଟଙ୍କ ପାଖରେ ନାହିଁ। ଏହା ଦିଲ୍ଲୀ ବାସୀଙ୍କ ପାଇଁ ବିପଜ୍ଜନକ ବୋଲି ଆମେ ଜାଣିଛୁ। ଏପରି କି ନିର୍ଦ୍ଦେଶ ଦେଲେ ବାୟୁ ତୁରନ୍ତ ସଫା ହୋଇଯିବ ତାହା ଜଣାନ୍ତୁ ବୋଲି ବରିଷ୍ଠ ଓକିଲ ଅପରାଜିତା ସିଂହଙ୍କୁ ଖଣ୍ଡପୀଠ ପଚାରିଛନ୍ତି। ସିଜେଆଇ କହିଥିଲେ ଯେ ଆମେ ବି ଦିଲ୍ଲୀ-ଏନ୍‌ସିଆରର ବାସିନ୍ଦା। ବିଚାରପତି ମଧ୍ୟ ଏହି ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ବିଗିଡ଼ିବା ପଛରେ ଅନେକ କାରଣ ରହିଛି। କେବଳ ଗୋଟିଏ କାରଣକୁ କାରକ ଧରିବା ବହୁତ ବଡ଼ ଭୁଲ ହେବ। ସମସ୍ୟା କ'ଣ ତାହା ସମସ୍ତେ ଜାଣନ୍ତି। ପ୍ରଦୂଷଣର ସବୁ କାରଣ ସନ୍ଧାନ କରି ଏହାର ସମାଧାନ ଖୋଜିବା ଜରୁରୀ। ଡିସେମ୍ବର ୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।



ବରିଷ୍ଠ ଓକିଲ ଅପରାଜିତା ସିଂହ କହିଥିଲେ ଯେ ଦିଲ୍ଲୀ ପ୍ରଦୂଷଣ ସ୍ୱାସ୍ଥ୍ୟ ଜନିତ ଜରୁରୀ ପରିସ୍ଥିତି ସୃଷ୍ଟି କରୁଛି। ଏହାର ସମାଧାନ କେବଳ କାଗଜପତ୍ରରେ ସୀମିତ ରହୁଛନ୍ତି। ତୃଣମୂଳସ୍ତରରେ କିଛି କାରାଯା ନାହିଁ। ଖଣ୍ଡପୀଠ କହିଥିଲେ ଯେ ଏହି ମାମଲା ଉପରେ କ'ଣ କରାଯାଇପାରିବ ତାହା ସୋମବାର ଦେଖାଯିବ। କେବଳ ଦୀପାବଳି ଭଳି ସ୍ୱତନ୍ତ୍ର ଦିନରେ ଏହି ମାମଲା ଉଠାଇଲେ ସମାଧାନ ବାହାରି ପାରିବ ନାହିଁ। ଶୀତ ପରେ ଏହି ମାମଲା ଶୀଥିଳ ହୋଇଯାଏ। ତେଣୁ ଏହାର ନିୟମିତ ଶୁଣାଣି ହେବା ଉଚିତ।

● ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ

## କ୍ରିକେଟ ବେଟିଂରୁ ଲାଭ ଉପାର୍ଜନ ଅପରାଧ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ବେଟିଂ ର୍‍ୟାକେଟ ସମ୍ବନ୍ଧିତ ୬ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହି ନେଟୱର୍କ ଅପରାଧ ଉପରେ ଛିଡ଼ା ହୋଇଥିଲା। ତେଣୁ ଏଥିରୁ ଉପାର୍ଜିତ ପ୍ରତ୍ୟେକ ଲାଭ ଅପରାଧ ବୋଲି ହାଇକୋର୍ଟ କହିଛନ୍ତି। କ୍ରିକେଟ ବେଟିଂ ସହ ଜଡ଼ିତ ମୁକେଶ କୁମାର, ଉମେଶ ଚୌଟାଲିଆ, ନରେଶ ବଂଶଲ, ଘନଶ୍ୟାମ ଭାଇ ପଟେଲ ଏବଂ ଅନ୍ୟମାନେ ଏହି ଆବେଦନ ଉପରେ ଆସିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାରି କରିଥିବା ଅସ୍ଥାୟୀ ସମ୍ପତ୍ତି ଜବତ ଏବଂ ନୋଟିସକୁ ରଦ୍ଦ କରିବାକୁ ଦାବି କରାଯାଇଥିଲା। କ୍ରିକେଟ ବେଟିଂ ପିଏମଏଲଏରେ ଅପରାଧ ନୁହେଁ। ତେଣୁ ସମ୍ପତ୍ତିକୁ ବେଆଇନ ଧରାଯାଇପାରିବ ନାହିଁ ବୋଲି କୁହାଯାଇଥିଲା। ରାୟ ଦେଇ ହାଇକୋର୍ଟ କହିଥିଲେ ଯେ ଆବେଦନକୁ ଖାରଜ କରାଯାଉଛି। ଏହି ର୍‍ୟାକେଟ ଅପରାଧ ଉପରେ



ତିଷ୍ଠି ଥିଲା। ଡିଜିଟାଲ ଠକେଇ, ଜାଲ୍ କେୱାଇସି, ହାୱାଲା ଚେନ୍ ଏବଂ ବିନା କାଗଜପତ୍ରରେ ସୁପର ମାଷ୍ଟର ଲଗ୍‌ଇନ ଆଇଡି ମୁଖ୍ୟ ଅପରାଧର ମୂଳଦୁଆ ଥିଲା। ଏହି ସବୁ ବିଷାକ୍ତ ଗଛ ଭଳି। ଗଛ ବିଷ ହୋଇଥିଲେ, ଫଳ କେମିତି ବୈଧ ହୋଇଯିବ। ତେବେ କୋର୍ଟ ବେଟିଂକୁ ବିଷାକ୍ତ ଗଛ କହିନାହାନ୍ତି। ପିଏମଏଲଏ ଅଧିନରେ ଏହା ଅପରାଧ ନୁହେଁ। ଠକେଇ, ଜାଲ୍ ପରିଚୟ ପତ୍ର, ହାୱାଲା, ଜାଲ୍ ସିମ ଆଧାରିତ ଡିଜିଟାଲ ନେଟୱର୍କ ବିଷାକ୍ତ ବିଷ ଭଳି। ଏହା ମାଧ୍ୟମରେ ସୁପର ମାଷ୍ଟର ଆଇଡି କ୍ରୟ ଏବଂ ର୍‍ୟାକେଟ ପରିଚାଳନା କରାଯାଉଥିଲା। ଏହା ମାଧ୍ୟମରେ ମାରୁତି ଅହମଦାବାଦ ନେଟୱର୍କ ୨୦୧୪ ଡିସେମ୍ବରରୁ ୨୦୧୫ ମାର୍ଚ୍ଚ ମଧ୍ୟରେ ୨୪୬୯ କୋଟି ଟଙ୍କା ଆୟ କରିଥିଲା। ଏଥିରୁ ୬୦ କୋଟି ଆବେଦନକାରୀଙ୍କ ପାଖରେ ପହଞ୍ଚି ଥିଲା। ତେଣୁ ଇଡି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ଏକରୁ ଅଧିକ ବିବାହ କଲେ ୧୦ ବର୍ଷ ଜେଲ୍

ଗୌହାଟୀ, ୨୭ ।୧୧(ଏଜେନ୍ସି): ଆସାମ ବିଧାନସଭାରେ ବହୁ ବିବାହକୁ ରୋକିବା ପାଇଁ 'ପଲିଗାମୀ ବିଲ୍' ପାସ୍ ହୋଇଛି। ଏହି 'ଆସାମ ପ୍ରୋହିବିସନ ଅଫ୍ ପଲିଗାମୀ ବିଲ୍' ଅନୁସାରେ ଜଣେ ବ୍ୟକ୍ତି ଏକରୁ ଅଧିକ ବିବାହ କରିପାରିବେ ନାହିଁ। ତେବେ ଏହି ଆଇନ୍ ଷଷ୍ଠ ସିଡ୍ୟୁଲ ଅଞ୍ଚଳ ଓ ସିଡ୍ୟୁଲ ଟ୍ରାଇବ୍ ବର୍ଗ ଉପରେ ଲାଗୁ ହେବ ନାହିଁ। ଏହି କ୍ଷେତ୍ରରେ ଆଞ୍ଚଳିକ ପ୍ରଥାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଗୁରୁବାର ଏହି ବିଲ୍ ପାସ୍ ହୋଇଛି। ଏହା ଅନୁସାରେ ଯଦି ଜୀବନସାଥି ଜୀବିତ ଅଛନ୍ତି ଓ ତାଙ୍କଠାରୁ ଆଇନଗତ ଭାବେ ଛାଡ଼ପତ୍ର ନିଆଯାଇନାହିଁ, ତେବେ ଅନ୍ୟ କାହା ସହ ବିବାହ କଲେ ତାହକୁ ଅପରାଧ ବୋଲି ବିବେଚନା କରାଯିବ। ଏଭଳି କ୍ଷେତ୍ରରେ ଜଣେ ବ୍ୟକ୍ତିଙ୍କୁ ୭ ବର୍ଷ ଜେଲ ଓ ଜୋରିମାନାରେ ଦଣ୍ଡିତ କରାଯିବ। ଏଥିସହ ପୀଡିତାଙ୍କୁ ୧.୪୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଭାବେ ଦେବାକୁ ହେବ। ପୁଣି ଯଦି କୌଣସି ବ୍ୟକ୍ତି ନିଜର ପ୍ରଥମ ବିବାହକୁ ଲୁଚାଇ ଦ୍ୱିତୀୟ ବିବାହ କରିଛନ୍ତି, ତେବେ ତାଙ୍କୁ ୧୦ ବର୍ଷ ଜେଲ ଓ ଜୋରିମାନା ଦେବାକୁ ହେବ। ଏହି ଅପରାଧ ଦୋହରାଇଲେ ଦଣ୍ଡ ମଧ୍ୟ ସେହି ଅନୁସାରେ ବୃଦ୍ଧି ପାଇବ। ପୁଣି ଏହି ଅପରାଧ କରିଥିବା ବ୍ୟକ୍ତି ସ୍ଥାନୀୟ ସଂସ୍ଥାଗତ ନିର୍ବାଚନ ଲଢିପାରିବେ ନାହିଁ ଓ ସରକାରୀ ଚାକିରି କରିପାରିବେ ନାହିଁ ବୋଲି କୁହାଯାଇଛି।

## ୧୫ ବର୍ଷ ପରେ ଚୀନ୍‌ରେ ରେଳ ଦୁର୍ଘଟଣା; ୧୧ ମୃତ

ବେଜିଂ, ୨୭ ।୧୧(ଏଜେନ୍ସି): ଚୀନର ଦାକ୍ଷିଣାତ୍ୟ ରାଜ୍ୟ ୟୁନାନ୍‌ରେ ଗୁରୁବାର ସକାଳେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୧ ଜଣ ରେଳବାଇ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏଥିରେ ୨ଜଣ ଆହତ ମଧ୍ୟ ହୋଇଛନ୍ତି। ଭୂକମ୍ପ ସହିତ ଜଡିତ କ୍ଷତିର ଯାଞ୍ଚ କରାଯାଉଥିବା ବେଳେ ଟ୍ରେନ୍ ରେଳ କର୍ମଚାରୀଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଦୁର୍ଘଟଣା କୁନମିଙ୍ଗ ସହରର ଲୁଓୟାଙ୍ଗଜେନ୍ ରେଳ ଷ୍ଟେସନରେ ଘଟିଥିଲା। ରେଳ କର୍ମଚାରୀମାନେ ଏକ ଟର୍ଣ୍ଣିଂ ଟ୍ରାକ୍‌ର ଅଂଶରେ କାର୍ଯ୍ୟ କରୁଥିଲେ। ଏତିକି ବେଳେ ଅଚାନକ ଟ୍ରେନ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ୧୫ ବର୍ଷ ପରେ ଏହାକୁ ଚୀନ୍‌ର ପ୍ରଥମ ରେଳ ଦୁର୍ଘଟଣା ବୋଲି କୁହାଯାଉଛି। ଏହାପୂର୍ବରୁ ୨୦୧୧ରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ୪୦ ଲୋକ ମୃତ୍ୟୁବରଣ କରିଥିଲେ।

## ହାସିନାଙ୍କୁ ପୁଣି ୨୧ ବର୍ଷ ଜେଲ୍

ଢାକା, ୨୭ ।୧୧(ଏଜେନ୍ସି): ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ବାଂଲାଦେଶର ଏକ କୋର୍ଟ ଗୁରୁବାର ତାଙ୍କୁ ୩ଟି ଦୁର୍ନୀତି ମାମଲାରେ ୨୧ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାପୂର୍ବରୁ କୋର୍ଟ ତାଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ। କିନ୍ତୁ ଏଥର କୋର୍ଟ ତାଙ୍କୁ ସରକାରୀ ହାଉସିଂ ପ୍ରୋଜେକ୍ଟ ଓ ପୂର୍ବାଚଳ ପ୍ଲଟ୍ ଦୁର୍ନୀତିର ୩ଟି ମାମଲାରେ ଦଣ୍ଡିତ କରିଛନ୍ତି। ହସିନାଙ୍କ ପୁଅ ସଜିବ ୱାଜେଦ ଓ ଝିଅ ସାଇମା ୱାଜେଦଙ୍କୁ ମଧ୍ୟ ୫ ବର୍ଷ ଲେଖାଏ ଜେଲ ଦଣ୍ଡ ଶୁଣାଯାଇଛି। ଏହି ମାମଲାରେ ବାକି ଅନ୍ୟ ୨୦ ଅଭିଯୁକ୍ତଙ୍କ ମଧ୍ୟରୁ ୧୯ ଜଣଙ୍କୁ ଭିନ୍ନ ଭିନ୍ନ ଦଣ୍ଡାଦେଶ ହୋଇଛି। ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ମଧ୍ୟ କରାଯାଇଛି।

**ଚାପ ବଢ଼ାଉଛି ଏସ୍‌ଆଇଆର୍**

## ୨୨ ଦିନରେ ୭ ରାଜ୍ୟରେ ୨୫ ବିଏଲ୍‌ଓଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଦେଶରେ ୧୨ଟି ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ତଥା ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବୁଥ୍ ଲେଭୁଲ ଅଫିସର (ବିଏଲଓ)ଙ୍କୁ ଦିନରାତି କାମ କରିବାକୁ ପଡୁଛି। ୧୨ ରାଜ୍ୟର ୫୧ କୋଟିରୁ ଅଧିକ ଭୋଟରଙ୍କ ପାଖରେ ପହଞ୍ଚୁଥିବା ବିଏଲଓଙ୍କ ଉପରେ ପ୍ରବଳ ଚାପର ସମ୍ମୁଖୀନ ହେଉଛନ୍ତି। ଦିନକୁ ୧୬ରୁ ୧୭ ଘଣ୍ଟା କାମ କରୁଛନ୍ତି। ଆଉ ଏହି କାର୍ଯ୍ୟଚାପ ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଉଛି ଏବଂ କେହି କେହି ଅବସାଦଗ୍ରସ୍ତ ହୋଇ ଜୀବନ ହାରୁଛନ୍ତି। ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହେବାର ୨୨ ଦିନ ମଧ୍ୟରେ ୭ ରାଜ୍ୟରେ ୨୫ ବିଏଲଓ ପ୍ରାଣ ହରାଇଲେଣି। ତେବେ ପଶ୍ଚିମବଙ୍ଗରେ କେବଳ ୩୪ ବିଏଲଓଙ୍କ ମୃତ୍ୟୁ ହୋଇଥିବା କ୍ଷମତାସୀନ ଟିଏମ୍‌ସି ପକ୍ଷରୁ ଦାବି କରାଯାଇଛି। ଏହି ସବୁ ମୃତ୍ୟୁକୁ ନେଇ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଷ ରାଜସ୍ଥାନ, ଉତ୍ତର ପ୍ରଦେଶରେ ରାଜନୀତି ଜୋର୍ ଧରିଛି। ଏହି ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ବିରୋଧୀ ଦାବି କରୁଛନ୍ତି। ସେହିପରି ନିର୍ବାଚନ କମିଶନ (ଇସି)ଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ କାର୍ଯ୍ୟଚାପରେ କାହାର ମୃତ୍ୟୁ ହୋଇ ନ ଥିବା କୁହାଯାଇଛି।

■ ପଶ୍ଚିମବଙ୍ଗରେ ୩୪ ଜଣ ଜୀବନ ହାରିଥିବା ଟିଏମସିର ଦାବି
■ ମଧ୍ୟପ୍ରଦେଶରେ ୯, ୟୁପି-ଗୁଜରାଟରେ ୪ ଜଣ ଲେଖାଏଁ ମୃତ



ପଶ୍ଚିମବଙ୍ଗ ମନ୍ତ୍ରୀ ଅରୁପ ବିଶ୍ୱାସ କହିଛନ୍ତି ଯେ ଏସଆଇଆର ଯୋଗୁଁ ୩୪ ଲୋକ ଜୀବନ ହାରିଲେଣି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ଗଳାବାଟ ଦେଇ ଏନ୍‌ଆରସି ଲାଗୁ କରିବାକୁ ଏବଂ ଭୟର ସ୍ଥିତି ସୃଷ୍ଟି ପାଇଁ ଏସଆଇଆର କରାଯାଉଛି। ସେହିପରି ଟିଏମସି ଚାପରେ ଜାଲ୍ ଏବଂ ସନ୍ଦେହଜନକ ବ୍ୟକ୍ତିଙ୍କ ନାମ ତାଲିକାରେ ସାମିଲ କରାଯାଉଛି ବୋଲି ବିଜେପି ଆଇଟି ସେଲ୍ ମୁଖ୍ୟ ଅମିଲ ମାଲବୀୟ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ମଧ୍ୟପ୍ରଦେଶରେ ସର୍ବାଧିକ ୯ ଜଣ, ଉତ୍ତର ପ୍ରଦେଶ ଓ ଗୁଜରାଟରେ ୪ ଜଣ ଲେଖାଏଁ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ୩ ଜଣ ଲେଖାଏଁ ଏବଂ ତାମିଲନାଡୁ, କେରଳରେ ଜଣେ ଲେଖାଏଁ ବିଏଲଓ ପ୍ରାଣ ହରାଇଲେଣି।

ଉତ୍ତରପ୍ରଦେଶ ଗୋଣ୍ଡାର ବିଏଲଓ ତଥା ଶିକ୍ଷକ ବିପିନ ଯାଦବ ସୋମବାର ବିଷ ଖାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ବାପା ପ୍ରଶାସନ ବିରୋଧରେ ଗୁରୁତର ଅଭିଯୋଗ ଲଗାଇ କହିଛନ୍ତି ଯେ ଓବିସି ଭୋଟରଙ୍କ ନାମ ହଟାଇବା ଏବଂ ସାଧାରଣ ବର୍ଗର ନାମ ବଢ଼ାଇବାକୁ ବିଡିଓ ପୁଅ ଉପରେ ଚାପ ପକାଇ ଥିଲେ। ଏପରି ମନା କରିବାରୁ ନିଲମ୍ବନ ଏବଂ ଗିରଫ ଧମକ ଦିଆଯାଇଥିଲା। ସେହିପରି ବୁଧବାର ବରେଲିର ବିଏଲଓ ସର୍ବେଶ ଗଙ୍ଗୱାର ପ୍ରାଣ ହରାଇ ଥିଲେ। ତାଙ୍କ ଭାଇ ଯୋଗେଶ କହିଥିଲେ ଯେ ଏସଆଇଆର ଚାପ ଯୋଗୁ ବେଶୀ ରାତି ପର୍ଯ୍ୟନ୍ତ କାମ କରିବାକୁ ପଡୁଥିଲା। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସେ ଛିଡ଼ା ହୋଇଥିବାବେଳେ ଅଚାନକ ଖସି ପଡ଼ି ପ୍ରାଣ ହରାଇ ଥିଲେ।

## ଏସ୍‌ଆଇଆର୍ ଆଳରେ ଭଉଣୀଙ୍କ ଜମିକୁ ନିଜ ନାମରେ କରିନେଲେ

ଲକ୍ଷ୍ନୌ, ୨୭।୧୧ (ଏଜେନ୍ସି): ଉତ୍ତର ପ୍ରଦେଶ ଫିରୋଜାବାଦରେ ଏସ୍‌ଆଇଆରକୁ ନେଇ ବଡ଼ ଠକେଇ ମାମଲା ସାମ୍‌ନାକୁ ଆସିଛି। ଏସଆଇଆର ବାହାନାରେ ଭଉଣୀର ଜମିକୁ ଭାଇ ନିଜ ନାମରେ କରାଇ ନେଇଛି। ଅଭିଯୁକ୍ତର ଭଉଣୀ ପାଠ ପଢ଼ାଲେଖା ଜାଣିନାହାନ୍ତି। ତେଣୁ ଭାଇର ଏହାର ସୁଯୋଗ ଉଠାଇ ଥିଲା। ଭଉଣୀକୁ ହରିୟାଣାର ଗୁରୁଗ୍ରାମକୁ ଡାକି ଏସଆଇଆର କାମ ପାଇଁ ତହସିଲ ଯାଇ ଦସ୍ତଖତ କରିବାକୁ କହିଥିଲା। ଏପରି ନ କଲେ ସରକାର ଦେଶରୁ ବାହାର କରିଦେବେ ବୋଲି ଧମକ ଦେଇଥିଲା। ତହସିଲରେ କୋଠା ଏବଂ ଦୋକାନକୁ ଭାଇକୁ ଗିଫ୍ଟରେ ଦେଉଛନ୍ତି କି ବୋଲି ମହିଳାଙ୍କୁ ପଚରା ଯାଇଥିଲା। ଗିଫ୍ଟର ଅର୍ଥ ବୁଝି ନ ପାରି ମହିଳା ହଁ କରି ଦସ୍ତଖତ କରିଦେଇଥିଲେ। ଏବେ ପୀଡ଼ିତା ସରତାଜ ଖାନମ ଏସଏସପି ଏବଂ କୋର୍ଟରେ ଅଭିଯୋଗ ଦାଏର କରିଛନ୍ତି। ରେଜେଷ୍ଟ୍ରି ରଦ୍ଦ କରିବାକୁ ନିବେଦନ କରିଛନ୍ତି।

ଅନ୍ୟପଟେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଗୁରୁବାର ଏସଆଇଆର ଫର୍ମ ପୂରଣ କରିଛନ୍ତି। କିଛି ତ୍ରୁଟି ଥିଲେ ଜଣାଇବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି। ଏହା ମଧ୍ୟରେ ଗାଜିଆବାଦରେ ବିଏଲଓ ଡ୍ୟୁଟିରେ ମୁତୟନ ୨୧ ଜଣଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଏତଲା ରୁଜୁ କରିଛି। ଏମାନଙ୍କ ମଧ୍ୟରେ ୪ ଶିକ୍ଷକ ସାମିଲ ଅଛନ୍ତି। ଗୋଣ୍ଡାରେ ବିଏଲଓ ବିପିନ ଯାଦବଙ୍କ ଆତ୍ମହତ୍ୟାକୁ ନେଇ ରାହୁଲ ସରକାରଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ଏସଆଇଆର ନାମରେ ପଛୁଆ, ଦଳିତ, ବଞ୍ଚିତ ବର୍ଗଙ୍କୁ ଭୋଟର ତାଲିକାରୁ ହଟାଯାଇ ବିଜେପି ନିଜ ମନଇଛା ତାଲିକା ପ୍ରସ୍ତୁତ କରୁଛି। ଗଣତନ୍ତ୍ରର ହତ୍ୟା ପାଇଁ ନିର୍ବାଚନ କମିଶନ ଦାୟୀ।

**ସାମାଜିକ ଗଣମାଧ୍ୟମକୁ ବ୍ୟାପିଲା କର୍ଣ୍ଣାଟକ କଂଗ୍ରେସ କଳି**

## ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା-ଉପମୁଖ୍ୟମନ୍ତ୍ରୀ ଡିକେ ମୁହାଁମୁହିଁ

ବେଙ୍ଗାଲୁରୁ, ୨୭।୧୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ କଳି ତୁଟିବାର ନା ଧରୁନି। ମୁଖ୍ୟମନ୍ତ୍ରୀ ପଦକୁ ନେଇ ଜାରି ଶୀତଳ ଯୁଦ୍ଧ ଖୋଲାଖୋଲି ଭାବେ ସାମ୍‌ନାକୁ ଆସିଛି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଜାରି ଶୀତଳ ଯୁଦ୍ଧ ଆଜି ସର୍ବସମ୍ମୁଖକୁ ଆସିଯାଇଛି। ଦୁଇ ନେତାଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଶିବକୁମାର ଗୁରୁବାର ସକାଳେ ପୋଷ୍ଟ କରି ଲେଖି ଥିଲେ ଯେ ଆମ ଶବ୍ଦ ଦୁନିଆର ସବୁଠାରୁ ବଡ଼ ଶକ୍ତି। ବିଚାରପତି ହୁଅନ୍ତୁ ଅବା ରାଷ୍ଟ୍ରପତି କିମ୍ବା ମୁଁ ସମସ୍ତେ ନିଜ



ପ୍ରତିଶ୍ରୁତି ପାଳନ କରିବା ଉଚିତ। ଅନ୍ୟପଟେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପୋଷ୍ଟ କରି ଲେଖିଥିଲେ ଯେ ଶକ୍ତି କେବଳ ଶବ୍ଦରେ ନୁହେଁ, ବରଂ କାମ ଏବଂ ଜନତାଙ୍କ ପାଇଁ କରାଯାଇଥିବା ପ୍ରୟାସରେ ଥାଏ। ଲୋକଙ୍କ ପାଇଁ ବିଶ୍ୱକୁ ଉତ୍ତମ ବନାଇଲେ ଶବ୍ଦ ଶକ୍ତି ପାଲଟି ଯାଇଥାଏ। କର୍ଣ୍ଣାଟକ ଲୋକ ଯେଉଁ ଜନାଦେଶ ଦେଇଛନ୍ତି ତାହା କିଛି କ୍ଷଣ ଲାଗି ନୁହେଁ, ବରଂ ସମ୍ପୂର୍ଣ୍ଣ ୫ ବର୍ଷର ଦାୟିତ୍ୱ। କର୍ଣ୍ଣାଟକ ପାଇଁ ଆମର ପ୍ରତିଶ୍ରୁତି କୌଣସି ସ୍ଲୋଗାନ ନୁହେଁ, ବରଂ ସାରା ବିଶ୍ୱ ବୋଲି ସିଦ୍ଧରମେୟା ଲେଖିଛନ୍ତି। ଏହାକୁ ଶିବକୁମାରଙ୍କ ପୋଷ୍ଟର ଜବାବ ଭାବେ ଦେଖାଯାଉଛି।

ଡିକେଙ୍କ ସମର୍ଥକ ବିଧାୟକଙ୍କ ଅନୁଯାୟୀ ୨୦୨୩ରେ ସରକାର ଗଠନ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଅଢେଇ ବର୍ଷର ଡିଲ୍ ହୋଇଥିଲା। କିନ୍ତୁ ସିଦ୍ଧରମେୟାଙ୍କ ସମର୍ଥକ ଏହାକୁ ମାନୁନାହାନ୍ତି। ଗତ ୨୦ ତାରିଖରେ ଅଢେଇ ବର୍ଷର ଅବଧି ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଚର୍ଚ୍ଚା ଜୋର ଧରିଥିଲା। ଏବେ କ୍ଷମତା ସନ୍ତୁଳନ ପାଇଁ ବୟାନବାଜି ଜାରି ରହିଛି। ଡିକେଙ୍କ ସମର୍ଥନରେ କିଛି ବିଧାୟକ ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କୁ ଭେଟିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ପଦ ଛାଡ଼ିବାକୁ ଚାହୁଁନାହାନ୍ତି। ସେ କ୍ୟାବିନେଟ ଅଦଳବଦଳ ଚାହୁଁଛନ୍ତି। କିନ୍ତୁ ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ବଦଳା ଯାଉ ବୋଲି ଡିକେ ଦାବି କରୁଛନ୍ତି। ଏହାକୁ ନେଇ ଡିକେ କଂଗ୍ରେସ ନେତୃତ୍ୱଙ୍କୁ ସଙ୍କେତ ଦେଇ ପ୍ରତିଶ୍ରୁତି ପାଳନ କରିବାକୁ କହିଥିଲେ।

## ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିମାଡ଼; ୨ ଆହତ

ୱାଶିଂଟନ, ୨୭ ।୧୧(ଏଜେନ୍ସି): ଆମେରିକାରେ ବୁଧବାର ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିକାଣ୍ଡ ଘଟିଛି। ଏଥିରେ ଦୁଇଜଣ ନ୍ୟାସନାଲ ଗାର୍ଡ ଆହତ ହୋଇଛନ୍ତି। ଏହି ଘଟଣାରେ ଆଫଗାନିସ୍ତାନର ଜଣେ ଶରଣାର୍ଥୀଙ୍କୁ ଗିରଫ କରାଯାଇଛି। ଏଫ୍‌ବିଆଇର ଅଧିକାରୀ ଦେଇଥିବା ସୂଚନା ଅନୁସାରେ ଆକ୍ରମଣରେ ସାମିଲ ସଂଦୀଗ୍ଧର ହେଉଛି ୨୯ ବର୍ଷୀୟ ରହମାନୁଲା ଲାକନବାଲ। ସେ ୨୦୨୧ ଅଗଷ୍ଟରେ ଆଫଗାନିସ୍ତାନରୁ ଆମେରିକା ଆସିଥିଲା। ୨୦୨୫ରେ ତାକୁ ନାଗରିକତା ମିଳିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି। ଏହି ଘଟଣାରେ ଯିଏବି ସାମିଲ ଥାନ୍ତୁ ନା କାହିଁକି ତାଙ୍କୁ ଗମ୍ଭୀର ପରିଣାମ ଭୋଗିବାକୁ ହେବ ବୋଲି ଟ୍ରମ୍ପ କହିଛନ୍ତି। ଏଥିସହ ଆମେରିକାରେ ଆଫଗାନ ଶରଣାର୍ଥୀଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରିବାକୁ ଘୋଷଣା କରିଛନ୍ତି।

## ଦେଶର ପ୍ରଥମ ଘରୋଇ ଅର୍ବିଟାଲ ରକେଟ ଉନ୍ମୋଚନ କଲେ ମୋଦୀ

ନୂଆଦିଲ୍ଲୀ, ୨୭ ।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦେଶର ପ୍ରଥମ ଘରୋଇ ଅର୍ବିଟାଲ ରକେଟ୍ ଉନ୍ମୋଚନ କରିଛନ୍ତି। ଏହି ରକେଟର ନାମ ବିକ୍ରମ-୧ ରଖାଯାଇଛି। ଏହାର ଉଚ୍ଚତା ୭ ମହଲା କୋଠା ସହିତ ସମାନ। ଅର୍ଥାତ ରକେଟର ଉଚ୍ଚତା ଅର୍ଥାତ ୨୬ମିଟର। ଏହି ରକେଟକୁ ଏକ ଘରୋଇ ସ୍ପେସ୍ କମ୍ପାନୀ 'ସ୍କାଏରୁଟ୍ ଏରୋସ୍ପେଶ୍' ନିର୍ମାଣ କରିଛି। ଏହାକୁ ୨୦୨୬ରେ ଲଞ୍ଚ୍ କରାଯିବ। ଏହି ରକେଟ ନିଜ ସହିତ ୩୦୦ କେଜି ଓଜନର ଉପଗ୍ରହ ଅନ୍ତରୀକ୍ଷ ନେବାକୁ ସକ୍ଷମ ବୋଲି କୁହାଯାଇଛି। ରକେଟକୁ ବାଦ୍ ଦେଲେ ପ୍ରଧାନମନ୍ତ୍ରୀ କମ୍ପାନୀର ଇନ୍‌ଫିନିଟି କ୍ୟାମ୍ପସର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି କ୍ୟାମ୍ପସରେ ଏକାଧିକ ଲଞ୍ଚ୍ ଭେଇକଲର ଡିଜାଇନ୍, ଡେଭଲପମେଣ୍ଟ, ଇଣ୍ଟିଗ୍ରେସନ ଓ ଟେଷ୍ଟିଂର କାର୍ଯ୍ୟ କରାଯିବ। ଏହି କ୍ୟାମ୍ପସ ହାଇଦରାବାଦ୍‌ରେ ରହିଛି। ସ୍କାଇରୁଟ ଏରୋସ୍ପେଶ କମ୍ପାନୀକୁ ୨୦୧୮ରେ ପବନ ଚନ୍ଦନା ଓ ଭାରତ ଢାକ ସ୍ଥାପନ କରିଥିଲେ। ଏହି ଦୁଇଜଣ ଆଇଆଇଟି ପାସ୍‌ଆଉଟ୍ ଓ ପୂର୍ବତନ ଇସ୍ରୋ ବୈଜ୍ଞାନିକ।



## ଇଣ୍ଡୋନେସିଆରେ ୩୦ ଦିନରେ ୧, ୪୦୦ ଭୂକମ୍ପ

ଜାକର୍ତ୍ତା, ୨୭ ।୧୧(ଏଜେନ୍ସି): ଇଣ୍ଡୋନେସିଆରେ ଗୁରୁବାର ଆସେ ରାଜ୍ୟ ନିକଟରେ ସୁମାତ୍ରା ଦୀପରେ ୬.୩ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର କେନ୍ଦ୍ର ଭୂପୃଷ୍ଠର ୧୦ କିମି ତଳେ ଥିଲା। ଭୂକମ୍ପ ଦୃଷ୍ଟିକୋଣରୁ ସକ୍ରିୟ ଥିବା ଏହି ସମ୍ପୂର୍ଣ୍ଣ ଅଞ୍ଚଳ ଥରି ଉଠିଥିଲା। ସିନାବାଗର ପଶ୍ଚିମରୁ ୬୩ କିମି ଦୂରରେ ଭୂକମ୍ପର କେନ୍ଦ୍ର ଥିଲା। ଫଳରେ ଏହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ତେବେ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ। ଏଥିସହ ଇଣ୍ଡୋନେସିଆରେ ଗତ ୩୦ ଦିନ ମଧ୍ୟରେ ୬.୪ ତୀବ୍ରତା ପର୍ଯ୍ୟନ୍ତ ୧, ୪୦୦ଟି ଭୂକମ୍ପର ରେକର୍ଡ ହୋଇଛି ବୋଲି ୟୁନାଇଟେଡ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ଓ ଭଲକାନୋ ଡିସ୍କଭରୀ ଡାଟା ତରଫରୁ କୁହାଯାଇଛି। ଇଣ୍ଡୋନେସିଆ ପ୍ରଶାନ୍ତ ମହାସାଗରର ଚାରିପଟେ ଥିବା 'ରିଙ୍ଗ ଅଫ୍ ଫାୟାର' ଉପରେ ଅବସ୍ଥିତ। ଏହା ବିଶ୍ୱର ସବୁଠାରୁ ବିପଜ୍ଜନକ ଭୂକମ୍ପ ହେଉଥିବା ସ୍ଥାନ ଉପରେ ସ୍ଥିତ। ଏହି ଅଞ୍ଚଳରେ ଥିବା ୧୫ଟି ବଡ଼-ବଡ଼ ଟେକ୍ଟୋନିକ ପ୍ଲେଟ ପରସ୍ପରକୁ ଧକ୍କା ଦେବା ସହ ଦୂରେଇ ମଧ୍ୟ ଯାଇଥାନ୍ତି। ବିଶ୍ୱର ୯୦ ପ୍ରତିଶତ ଭୂକମ୍ପ ଏହି ଅଞ୍ଚଳରେ ହିଁ ଆସିଥାଏ। ପ୍ରତିବର୍ଷ ଇଣ୍ଡୋନେସିଆରେ ଛୋଟବଡ଼ ଭୂକମ୍ପ ଆସିଥାଏ ଓ ଏହା କୌଣସି ବଡ଼ କଥା ନୁହେଁ। ସୁମାତ୍ରା ଦୀପ ତଳେ ଥିବା ଇଣ୍ଡୋ- ଅଷ୍ଟ୍ରେଲିଆନ ପ୍ଲେଟ ଧୀରେ-ଧୀରେ ଅର୍ଥାତ ପ୍ରତିବର୍ଷ ୫-୭ ସେଣ୍ଟିମିଟର ୟୁରେସିଆନ ପ୍ଲେଟ୍ ତଳକୁ ଧସିଯାଉଛି।



ଏହା ଦ୍ୱାରା ବହୁତ ଚାପ ସୃଷ୍ଟି ହୋଇଥାଏ। ଯେତେବେଳେ ଏହି ଚାପ ଏକଦମ ଆସିଛି ସେତେବେଳେ ଭୂକମ୍ପ ଆସିଥାଏ। ପୁଣି ସୁମାତ୍ରାରେ ଗ୍ରେଟ୍ ସୁମାତ୍ରା ଫଲ୍ଟ ନାମକ ଏକ ବଡ଼ ଫାଟ ମଧ୍ୟ ରହିଛି। ଏହା ଫଳରେ ପ୍ରାୟ ଭୂକମ୍ପର ଝଟ୍‌କା ଆସିଥାଏ। ଗତ କିଛିଦିନ ମଧ୍ୟରେ ଆସିଥିବା ୬.୬ ଓ ୬.୩ ତୀବ୍ରତାର ଭୂକମ୍ପ ଏହି କାରଣରୁ ହିଁ ଆସିଥିଲା। ପୂର୍ବରୁ ୨୦୦୪ରେ ସୁମାତ୍ରା ନିକଟରେ ୯.୧ ତୀବ୍ରତାର ଏକ ବଡ଼ ଭୂକମ୍ପ ଆସିଥିଲା ଓ ଏଥିରେ ୨ ଲକ୍ଷ ୩୦ ହଜାର ଲୋକ ମୃତ୍ୟୁବରଣ କରିଥିଲେ। ଏଥର କିନ୍ତୁ ୧୦ କିମି ଗଭୀରରେ ଭୂକମ୍ପର କେନ୍ଦ୍ର ଥିଲା। ଏଥିପାଇଁ ଭୂମି ଜୋରରେ ଥରି ଉଠିଥିଲା। କିନ୍ତୁ ସୁନାମୀର କୌଣସି ବିପଦ ନ ଥିଲା। କିଛିଦିନ ତଳେ ଆସିଥିବା ଘୂର୍ଣ୍ଣିବାତ୍ୟା ଓ ବନ୍ୟାରେ ଇଣ୍ଡୋନେସିଆରେ ବହୁତ କ୍ଷୟକ୍ଷତି ହୋଇଛି। ୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଭୂକମ୍ପର ଝଟ୍‌କା ବାରମ୍ବାର ଆସୁଥିବାରୁ ଲୋକେ ବହୁତ ଭୟଭୀତ ଅବସ୍ଥାରେ ଅଛନ୍ତି। ଆଗକୁ ଆହୁରି ମଧ୍ୟ ଭୂକମ୍ପ ଝଟ୍‌କାର ଆଶଙ୍କା ରହିଛି ବୋଲି ବୈଜ୍ଞାନିକମାନ କହିଛନ୍ତି। ଇଣ୍ଡୋନେସିଆରେ ଭୂକମ୍ପ ଓ ବନ୍ୟା ପ୍ରତିବର୍ଷ ଆସିଥାଏ। ଏବେ ଜଳବାୟୁ ପରିବର୍ତ୍ତନ କାରଣରୁ ଅଧିକ ବର୍ଷା ଓ ଭୂକମ୍ପର ପ୍ରଭାବ ବଢ଼ିବାରେ ଲାଗିଛି ବୋଲି କୁହାଯାଉଛି।

## ଇମ୍ରାନ୍‌ଙ୍କୁ ନେଇ ଥମୁନି ଚର୍ଚ୍ଚା

ଇସଲାମାବାଦ୍, ୨୭ ।୧୧(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ମୃତ୍ୟୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଥମୁନାହିଁ। ୨୦୨୩ ଅଗଷ୍ଟରେ ତାଙ୍କୁ ରାୱଲପିଣ୍ଡିର ଅଡିଆଲ ଜେଲ୍‌ରେ ରଖାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଅଛି ବୋଲି କେତେକ ଗଣମାଧ୍ୟମ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଗତ ୩ ସପ୍ତାହ ହେବ ଇମ୍ରାନଙ୍କ ୩ ଭଉଣୀ ତାଙ୍କୁ ଭେଟିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଜେଲ ପ୍ରଶାସନ ସେମାନଙ୍କୁ ଅନୁମତି ଦେଉନାହିଁ। ଫଳରେ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ ବୋଲି ଅନୁମାନ କରାଯିବା ସହ ଗୁଜବ ପ୍ରସାରିତ ହୋଇଛି। ଇମ୍ରାନଙ୍କ ଭଉଣୀମାନେ ସତ କହିବାକୁ ଦାବି କରିଛନ୍ତି। ଏ ନେଇ ଦ୍ୱନ୍ଦ୍ୱ ବୃଦ୍ଧି ପାଇବା ଫଳରେ ଜେଲ ପ୍ରଶାସନ ତାଙ୍କ ସ୍ୱାସ୍ଥ୍ୟ ନେଇ ସ୍ୱଷ୍ଟୀକରଣ ଦେଇଛନ୍ତି। ଇମ୍ରାନ ପୂରା ଠିକ୍ ଅଛନ୍ତି ବୋଲି ଜେଲ ପ୍ରଶାସନ କହିଛି। ଇମ୍ରାନଙ୍କ ପାର୍ଟି ପାକିସ୍ତାନ ତେହେରିକ-ଇ-ଇନ୍‌ସାଫ୍ (ପିଟିଆଇ) ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପ୍ରଚାରିତ ହେଉଥିବା ଗୁଜବ ବିଷୟରେ ସ୍ୱଷ୍ଟୀକରଣ ମାଗିଛି। ସେହିପରି ପରିବାରର ଲୋକଙ୍କ ସହ ଇମ୍ରାନଙ୍କୁ ସକ୍ଷାତ କରାଇବାର ବ୍ୟବସ୍ଥା କରିବାକୁ ମଧ୍ୟ ପାର୍ଟି ଦାବି କରିଛି। ଯଦି ଇମ୍ରାନଙ୍କର କିଛି ହୁଏ ତେବେ ତାକୁ ବରଦାସ୍ତ କରାଯିବ ନାହିଁ ବୋଲି ପାର୍ଟି ତରଫରୁ କୁହାଯାଇଛି। ପୂର୍ବରୁ ଜେଲ୍ ବାହାରେ ଧାରଣାରେ ବସିଥିବା ଇମ୍ରାନଙ୍କ ଭଉଣୀମାନଙ୍କ ଉପରେ ଲାଠିଚାର୍ଜ କରାଯାଇଥିଲା। ଗତ ଦୁଇବର୍ଷ ହେବ ସେ ଜେଲ୍‌ରେ ବନ୍ଦ ଅଛନ୍ତି। ଇସଲାମାବାଦ ହାଇକୋର୍ଟ ମଧ୍ୟ ଇମ୍ରାନଙ୍କୁ ତାଙ୍କ ପରିବାର ସହ ସାକ୍ଷାତ କରିବାକୁ ଅନୁମତି ଦେଇଛନ୍ତି। ଏହା ସତ୍ତ୍ୱେ ଜେଲ ପ୍ରଶାସନ ଅନୁମତି ଦେଉନାହିଁ ବୋଲି ଅଭିଯୋଗ ହେଉଛି।




ବିଧାନସଭାରେ ଅଭିଭାଷଣ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ


ଏକ ବିଶେଷ ମୁହୂର୍ତ୍ତରେ ନବୀନ ପଟ୍ଟନାୟକଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

### ଆଜିଠୁ ଖୋଲିବ ମଣ୍ଡି

# ଏଯାଏ ମିଳିନି ଟୋକନ୍

ଭୁବନେଶ୍ୱର/ବରଗଡ଼, ୨୭ ।୧୧(ସମିସ): ଚଳିତ ଖରିଫ୍ ଋତୁର ଧାନକିଣା ପ୍ରକ୍ରିୟା ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ପ୍ରଥମ ଦିନରେ ବରଗଡ଼ ସମେତ ସମ୍ବଲପୁର ଜିଲ୍ଲାରୁ ଧାନ କିଣା ହେବ। ମାତ୍ର, ଏଯାଏ ଚାଷୀଙ୍କୁ ଟୋକନ୍ ମିଳିନାହିଁ। ତେଣୁ, ଆସନ୍ତାକାଲିଠାରୁ ଧାନକିଣା ଆରମ୍ଭ ହେବ ନା ନାହିଁ, ସେ ସମ୍ପର୍କରେ କୌଣସି ସ୍ୱଷ୍ଟତା ନ ଥିବାରୁ ସରକାରଙ୍କଠାରୁ ସ୍ୱଷ୍ଟୀକରଣ ଦାବି କରି ସଂଯୁକ୍ତ କୃଷକ ସଂଗଠନ ବରଗଡ଼ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି।

ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରୁ ଶୁକ୍ରବାରଠାରୁ ଧାନ କିଣା ପାଇଁ ଡିଏଲ୍‌ପିସି ବୈଠକରେ ନିଷ୍ପତ୍ତି ହୋଇଛି। ହେଲେ ଧାନ ବିକିବା ପାଇଁ ଚାଷୀଙ୍କୁ ଟୋକନ୍ ଦିଆଯାଇନାହିଁ। ଚାଷୀମାନେ ବିଭିନ୍ନ ମଣ୍ଡିରେ ହଜାରହଜାର କ୍ୱିଣ୍ଟାଲ୍ ଧାନ ଗଦା କଲେଣି। ମାତ୍ର କେବେ ସୁଦ୍ଧା ଚାଷୀଙ୍କୁ ଟୋକନ୍ ଦେଇ ଧାନ କିଣା ଆରମ୍ଭ କରିବେ, ସେନେଇ ସରକାର କୌଣସି ସ୍ୱଷ୍ଟ ସୂଚନା ଦେଉ ନାହାନ୍ତି। ଯାହାର ସୁଯୋଗ ନେଇ ଜିଲ୍ଲାରେ ଧାନ ମାଫିଆ ମାତିଲେଣି। ଚାଷୀଙ୍କ


ବରଗଡ଼ ଜିଲ୍ଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର

ଆବଶ୍ୟକତା ଥିବାରୁ ସେମାନେ ବାଧ ହୋଇ ଦଲାଲମାନଙ୍କୁ କ୍ୱିଣ୍ଟାଲ ପିଛା ମାତ୍ର ୧୫ରୁ ୧୬ଶହ ମଧ୍ୟରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଅନୁରୂପ ଭାବେ ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ନୀତି ପାଇଁ ବହୁ ଚାଷୀ ପଞ୍ଜୀକରଣ କରିପାରିନାହାନ୍ତି। ସାର ଏବଂ ଉନ୍ନତ ବିହନ ଏବଂ ଆଧୁନିକ ଜ୍ଞାନକୌଶଳ ଉପଯୋଗ କରି ଅଧିକ ଅମଳ ହେଉଥିଲେ ମଧ୍ୟ ବଳକା ଧାନ କିଣିବାକୁ ସରକାର ବ୍ୟବସ୍ଥା କରି ନଥିବାରୁ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏଣୁ, ବଳକା ଧାନକିଣା ବ୍ୟବସ୍ଥା କରିବା ସହ ଧାନକିଣା ସମ୍ପର୍କରେ ସ୍ୱଷ୍ଟୀକରଣ ରଖିବାକୁ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟଥା ବଡ଼ଧରଣର ଚାଷୀ ଆନ୍ଦୋଳନ କରିବା ପାଇଁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଅନୁରୂପ ଭାବେ ସମ୍ବଲପୁର ଜିଲ୍ଲାରେ ମଧ୍ୟ ସମାନ ଅବ୍ୟବସ୍ଥା ଲାଗି ରହିଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆସନ୍ତାକାଲିଠାରୁ ଧାନକିଣା ସ୍ୱାଭାବିକ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଭିନ୍ନ କୃଷକ ସଂଗଠନ ଚେତାବନୀ ଦେଇଛନ୍ତି।

### ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଝଟ୍‌କା

# ବିଧାୟକ, ସାଂସଦଙ୍କ ସୁପାରିସରେ ଶିକ୍ଷକ ବଦଳି ନିଷ୍ପତ୍ତି ରଦ୍ଦ

କଟକ, ୨୭।୧୧(ସମିସ): ବିଧାୟକ ଓ ସାଂସଦମାନଙ୍କ ସୁପାରିସ ଭିତ୍ତିରେ ଶିକ୍ଷକ ବଦଳି ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଲାଗିଛି ହାଇକୋର୍ଟଙ୍କ ଝଟ୍‌କା। ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ଶିକ୍ଷକଙ୍କ ବଦଳି ପାଇଁ ବିଧାୟକ ଓ ସାଂସଦ ସୁପାରିସ୍ କରିବା ସମ୍ପର୍କିତ ନିଷ୍ପତ୍ତି ତଥା ଗତ ମେ' ୧୩ରେ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ଜାରି ହୋଇଥିବା ଚିଠିକୁ ହାଇକୋର୍ଟ ଆଜି ରଦ୍ଦ କରିଦେଇଛନ୍ତି। ଫକିର ମହାନନ୍ଦ, ରାହୁଲ ତ୍ରିପାଠୀ ଓ ଅନ୍ୟ ଶିକ୍ଷକମାନଙ୍କ ତରଫରୁ ରୁଜୁ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ରାୟ ପ୍ରକାଶ କରିଛନ୍ତି। ରାଷ୍ଟ୍ର ଗଠନ କ୍ଷେତ୍ରରେ ଶିକ୍ଷକମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଣୁ, ସେମାନଙ୍କ ବଦଳି କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପକୁ ହାଇକୋର୍ଟ ନାପସନ୍ଦ କରିଛନ୍ତି। ବିଶେଷକରି ବିଧାୟକ ଓ ସାଂସଦଙ୍କ ସୁପାରିସ କ୍ଷମତା ଦ୍ୱାରା ଶିକ୍ଷକ ଗୋଷ୍ଠୀ ସହ ରାଜନୈତିକ ଦଳ ଓ ବ୍ୟକ୍ତିଙ୍କ ମଧ୍ୟରେ ଏକ ମେଣ୍ଟ ସୃଷ୍ଟି ହେବ, ଯାହା ବ୍ୟବସ୍ଥା ପାଇଁ ଶୁଭଙ୍କର ନୁହେଁ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ଯେଉଁ ଆବେଦନକାରୀ ଶିକ୍ଷକମାନେ ଅନ୍ତରୀଣ ରହିତାଦେଶ ବଳରେ ପୂର୍ବ ସ୍ଥାନରେ କାର୍ଯ୍ୟ କରୁଛନ୍ତି, ସେମାନେ ଏବେ ସେହିଠାରେ କାର୍ଯ୍ୟ କରିବେ। ତେବେ ଉକ୍ତ ସୁପାରିସ ଆଧାରରେ ଯେଉଁମାନଙ୍କ ବଦଳି ହୋଇଛି ଓ ସେମାନେ ନୂତନ ସ୍ଥାନରେ ଯୋଗ ଦେଇସାରିଛନ୍ତି, ସେମାନେ ୨୦୨୫-୨୬ ଶିକ୍ଷା ବର୍ଷ ଶେଷ ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟ କରିବେ। ଏହାର ଏକ ସପ୍ତାହ ମଧ୍ୟରେ ସେହି ଶିକ୍ଷକମାନଙ୍କୁ ମୂଳ ସ୍ଥାନକୁ ଫେରାଇ ଅଣାଯିବ ବୋଲି ହାଇକୋର୍ଟ ସ୍ୱଷ୍ଟ କରିଛନ୍ତି। ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କ ଟି. ସୁବ୍ରମଣ୍ୟମ ବନାମ କର୍ଣ୍ଣାଟକ ସରକାରଙ୍କ ରାୟକୁ ଉପସ୍ଥାପନ କରାଯାଇଥିଲା। ଏହି ରାୟଅନୁସାରେ, କେବଳ ମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ିଲେ ମନ୍ତ୍ରୀମାନେ ମଧ୍ୟ ଏଭଳି ବଦଳି କରିବାର କ୍ଷମତା ଧାରଣ କରିନାହାନ୍ତି ବୋଲି ସ୍ୱଷ୍ଟ ହୋଇଥିଲା।

ମାମଲାରୁ ପ୍ରକାଶ, ବିଧାୟକ ଓ ସାଂସଦମାନେ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ପର୍ଯ୍ୟନ୍ତ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ସରକାର ନେଇଥିବା ନିଷ୍ପତ୍ତିକୁ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ଗତ ମେ' ୧୩ ତାରିଖରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦିଆଯାଇଥିଲା। ବଦଳି ସୁପାରିସ ଜିଲ୍ଲା ସ୍ତରୀୟ ବଦଳି କମିଟି (ଡିଏଲଟିସି) କୁ ମେ' ୧୫ରୁ ଜୁନ୍ ୫ମଧ୍ୟରେ ପଠାଯିବା ପରେ କମିଟି କାର୍ଯ୍ୟକାରୀ କରିବ ବୋଲି ଉଲ୍ଲେଖ ଥିଲା। ଆବେଦନକାରୀ ଶିକ୍ଷକମାନଙ୍କୁ ମଧ୍ୟ ଅନୁରୂପ ଭାବ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ସୁପାରିସକ୍ରମେ ବଦଳି କରାଯାଇଥିଲା। ଏପରିକି, ଆବେଦନକାରୀଙ୍କୁ ୧୦୦କି.ମି ଦୂରକୁ ବଦଳି ପାଇଁ ଆଦେଶ ଜାରି ହୋଇଥିଲା। ଏଭଳି ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବଦଳି ନିଷ୍ପତ୍ତି ପାଇଁ କୌଣସି କ୍ଷମତା କିମ୍ବା ଯଥାର୍ଥତା ନଥିବା ବେଳେ ବଦଳି ଆଦେଶକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପୁରୁଷୋତ୍ତମ ଚୁଳି, ରାମଦାସ ଆଚାରି, ସୁକାନ୍ତ ଦଳାଇ ଓ ଅନ୍ୟମାନେ ମାମଲା ପରିଚାଳନା କରୁଥିଲେ।

### ମାଧ୍ୟମିକ ଶିକ୍ଷକ ଦମ୍ପତି ବଦଳିରେ ବିଳମ୍ବ

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ ଧମକ

ଭୁବନେଶ୍ୱର, ୨୭ ।୧୧(ସମିସ): ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦମ୍ପତିଙ୍କ ବଦଳିରେ ଚଳିତ ବର୍ଷ ଅହେତୁକ ବିଳମ୍ବ ହୋଇଛି। ପ୍ରାୟ ୬ ମାସରୁ ଅଧିକ ସମୟ ହେଲା ଆଶାୟୀମାନେ ଆବେଦନ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଜାଣିଶୁଣି ବିଳମ୍ବ କରାଯାଉଥିବା ଅଭିଯୋଗ କରିଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ ବଦଳି ନିର୍ଦ୍ଦେଶନାମା ପ୍ରକାଶ କରା ନ ଗଲେ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବେ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ମାଧ୍ୟମିକ ଶିକ୍ଷକଙ୍କ ବଦଳି କ୍ଷେତ୍ରରେ ଦମ୍ପତି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରାଥମିକତା ଭିତ୍ତିରେ ବଦଳି ପ୍ରକ୍ରିୟା କରିବାର ପ୍ରାବଧାନ ରହିଛି। ହେଲେ, ଚଳିତବର୍ଷ ସେମାନଙ୍କୁ ଅଣଦେଖା କରି ଅନ୍ୟ ଶିକ୍ଷକଙ୍କର ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏପରିକି, ଆବେଦନକୁ ଦୀର୍ଘ ୬ମାସ ଅତିକ୍ରମ କରିଥିଲେ ମଧ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବଦଳି ନିୟମର ଏହା ଖୋଲା ଉଲ୍ଲଂଘନ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭିନ୍ନ ଆଳ ଦେଖାଇ ସେମାନଙ୍କର ବଦଳି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ନଥିବା ସଂଘ ଅଭିଯୋଗ କରିଛି। ବାରମ୍ବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପ୍ରାଥମିକ ଦମ୍ପତି ଶିକ୍ଷକଙ୍କ ବଦଳି ହୋଇସାରିଥିବା ବେଳେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ କାହିଁକି ବିଳମ୍ବ କରାଯାଉଛି ବୋଲି ଶିକ୍ଷକମାନେ ପ୍ରଶ୍ନ କରିବା ସହ ୧୦ ଦିନ ମଧ୍ୟରେ ବଦଳି ପ୍ରକ୍ରିୟା ସାରିବାକୁ ଦାବି କରିଛନ୍ତି। ଅନ୍ୟଥା ଆବେଦନ କରିଥିବା ପ୍ରାୟ ୨ଶହରୁ ଅଧିକ ଦମ୍ପତି ଶିକ୍ଷକ ଶିକ୍ଷୟିତ୍ରୀ ସପରିବାର ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଦିବାରାତ୍ର ଧାରଣାରେ ବସିବେ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି।

### ଏସ୍‌ଆଇ ଚାକିରି ବିକ୍ରି ମାମଲା

# ୩ ଦିନିଆ ସିବିଆଇ ରିମାଣ୍ଡରେ ୪ ମଧ୍ୟସ୍ଥ

ଭୁବନେଶ୍ୱର,୨୭।୧୧(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ୪ଜଣ ମଧ୍ୟସ୍ଥଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ୩ଦିନିଆ ରିମାଣ୍ଡରେ ନେଇଛି। ଏହି ମଧ୍ୟସ୍ଥମାନେ ହେଲେ, ବିଶ୍ୱରଞ୍ଜନ ବେହେରା, ଲୋକନାଥ ସାହୁ, ଫଲିମ୍ ଅହମ୍ମଦ ଖାନ୍ ଏବଂ ବିଶ୍ୱରଞ୍ଜନ ହରିଶ୍ଚନ୍ଦନ। ଏମାନଙ୍କୁ ରିମାଣ୍ଡରେ ନେବା ପାଇଁ ସକାଳୁ ସିବିଆଇ ଟିମ୍ ଝାରପଡ଼ା ଜେଲରେ ପହଞ୍ଚିଥିଲା। ସବୁ ଔପଚାରିକତା ଶେଷ କରିବା ପରେ ୪ ଜଣଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ସିବିଆଇ କାର୍ଯ୍ୟାଳୟକୁ ନିଆଯାଇଥିଲା। ଏମାନଙ୍କୁ ସିବିଆଇର ସ୍ୱତନ୍ତ୍ର ଟିମ୍ ଦିନତମାମ ଜେରା କରିଥିଲା। ଚାକିରି ବିକ୍ରି ସିଣ୍ଡିକେଟ୍ ସମ୍ପର୍କରେ ଏମାନଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାଯାଇଛି।

ମିଳିଥିବା ସୂଚନା ମୁତାବକ, ସିବିଆଇ ପରୀକ୍ଷା ଚାକିରି ବିକ୍ରି କରୁଥିବା କ୍ରାଇମ୍ ସିଣ୍ଡିକେଟ୍‌ର ପ୍ରତ୍ୟେକ ସଦସ୍ୟମାନଙ୍କୁ ଧରିବାକୁ ଏକ ଫୁଲ୍‌ପ୍ରୁଫ୍ ଯୋଜନା ପ୍ରସ୍ତୁତ କରିଛି। ଅଭିଯୁକ୍ତମାନଙ୍କୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ପ୍ରଥମ ଶ୍ରେଣୀରେ ରହିଛନ୍ତି ଚାକିରି ଆଶାୟୀ, ଯେଉଁମାନେ ଟଙ୍କା ଖର୍ଚ୍ଚ କରି ଚାକିରି ପାଇବାକୁ ଯୋଜନା କରିଥିଲେ। ୬ଦିନ ଧରି ଏମାନଙ୍କୁ ଜେରା କରାଗଲା। ଏହାପରେ ଏମାନଙ୍କଠାରୁ ଯାହା କିଛି ତଥ୍ୟ ମିଳିଲା, ତାହାକୁ ଆଧାର କରି ଦ୍ୱିତୀୟ ଶ୍ରେଣୀରେ ଥିବା ମଧ୍ୟସ୍ଥଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯାଉଛି। ଏମାନଙ୍କଠାରୁ କ୍ରାଇମ୍ ସିଣ୍ଡିକେଟ୍ ସଦସ୍ୟଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ଏହାପରେ ସିବିଆଇ କାର୍ଯ୍ୟାଳୟରେ ହାଜର ହେବେ ସିଣ୍ଡିକେଟ୍ ଜଣେ ଜଣେ ସଦସ୍ୟ। ଏଣୁ ସିବିଆଇ ତଦନ୍ତ ପ୍ରକ୍ରିୟା ତଳୁ ଉପର ଆଡ଼କୁ ଯାଉଛି ବୋଲି ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ, ରିମାଣ୍ଡରେ ଆସିଥିବା ଅଭିଯୁକ୍ତମାନେ ସିବିଆଇ କାର୍ଯ୍ୟାଳୟରେ ହାଜର ହେବା ପରେ ସେମାନଙ୍କୁ ଜେରା ପାଇଁ ସ୍ୱତନ୍ତ୍ର ଗୃହକୁ ନିଆଯାଇଥିଲା। ହେଲେ ଏହି ଗୃହରେ ୬ଘଣ୍ଟା ପର୍ଯ୍ୟନ୍ତ ସେମାନଙ୍କୁ ସମ୍ପୂର୍ଣ୍ଣ ଏକଲା ଛାଡ଼ି ଦିଆଯାଇଥିଲା। ଗୋଟିଏ ବି ପ୍ରଶ୍ନ ନ ପଚାରି ଦୂରରୁ ସେମାନଙ୍କ ହାବଭାବକୁ ଯାଞ୍ଚ କରୁଥିଲେ ସିବିଆଇ ଅଧିକାରୀ। ଏକୁଟିଆ ଘଣ୍ଟାଘଣ୍ଟା ଧରି ବସିବା ପରେ ଅଭିଯୁକ୍ତମାନେ ଛାନିଆ ହୋଇଯାଇଥିଲେ। ଯିଏ ମାନସିକସ୍ତରରେ ଭାଙ୍ଗି ପଡୁଥିଲା ଏବଂ ସିବିଆଇ ଆଗରେ ସବୁ କିଛି ମାନିଯିବ ବୋଲି ବିଶ୍ୱାସ ହୋଇଥିଲା, ସେମାନଙ୍କୁ ହିଁ ଜେରା ଆରମ୍ଭ କରାଯାଉଥିଲା। ସେମାନଙ୍କୁ ଆରମ୍ଭ ହେଉଥିଲା ପ୍ରକୃତ ଜେରା। ଗୋଟିଏ ପରେ ଗୋଟିଏ ପଶ୍ନ ପଚରାଯାଉଥିଲା।

ସିବିଆଇର ପ୍ରଶ୍ନବାଣରେ ଘାଇଲା ହୋଇଯାଇଥିଲେ ରିମାଣ୍ଡରେ ଥିବା ଅଭିଯୁକ୍ତମାନେ। କେତେବେଳେ କାହାକୁ ଏକୁଟିଆ ଜେରା କରାଯାଉଥିଲା ତ ପୁଣି କେତେବେଳେ କଥା ନମିଶିବାରୁ କେତେବେଳେ ଏମାନଙ୍କୁ ଏକତ୍ର ଜେରା କରାଯାଉଥିଲା। ସିବିଆଇର ଗୋଟିଏ ଉଦ୍ଦେଶ୍ୟ ଥିଲା କ୍ରାଇମ୍ ସିଣ୍ଡିକେଟ୍ ସଦସ୍ୟଙ୍କ ନାଁ ସାମ୍ନାକୁ ଆଣିବା ଏବଂ ଏମାନଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବା।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଶ୍ୱରଞ୍ଜନ ବେହେରା ଏବଂ ଲୋକନାଥ ସାହୁଙ୍କୁ ଜେରା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହି ରାକେଟ୍‌ର ଟଙ୍କା କାରବାର ଉପରୁ ପରଦା ହଟାଇବା। ନିଲମ୍ବିତ କନ୍‌ଷ୍ଟେବଲ ବିଶ୍ୱରଞ୍ଜନ ଜେରା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ସିବିଆଇକୁ କହିଛନ୍ତି ବୋଲି ଜଣାପଡ଼ିଛି। ସେ ସିବିଆଇ ଆଗରେ ବହୁ ଗୁମର ଖୋଲିଛନ୍ତି। ତାଙ୍କ ଘର ବାରଙ୍ଗ ଥାନା ଅଞ୍ଚଳରେ। ଚାକିରି କରିବାର କିଛି ବର୍ଷ ପରେ ସେ ଚାକିରି ବିକ୍ରି କ୍ରାଇମ୍ ସିଣ୍ଡିକେଟ୍ ସଂସ୍ପର୍ଶରେ ଆସିଥିଲେ। ବିଶ୍ୱରଞ୍ଜନ ବହୁ ମଧ୍ୟସ୍ଥଙ୍କ ସହ ଯୋଗାଯୋଗରେ ଥିଲେ। ସେ ୧୧୪ ଆଶାୟୀଙ୍କଠାରୁ ସାର୍ଟିଫିକେଟ୍ ଏବଂ ଚେକ୍ ସଂଗ୍ରହ କରିଥିଲେ। ଏହା ବଦଳରେ ସେ ପ୍ରଶ୍ନପତ୍ର ପ୍ରଦାନ କରିଥିଲେ।

# ଟ୍ରେଡିଂ ଆଳରେ ୫୦ କୋଟି ଠକେଇ

ସମ୍ବଲପୁର, ୨୭।୧୧(ସମିସ): 'ମୁଁ ଆଇଟି ଏକ୍ସପର୍ଟ। ଟ୍ରେଡିଂ କ୍ଷେତ୍ରରେ ବହୁବର୍ଷ ହେଲାଣି କାମ କରୁଛି। ମୋତେ ଟଙ୍କା ଦିଅ, ପ୍ରଥମ ମାସରେ ମୂଳଧନର ୧୦ ପ୍ରତିଶତ ଦେଇଦେବି। ୬ମାସ ପରେ ବଡ଼ ଆକାରରେ ଟଙ୍କା ଫେରାଇଦେବି। ବ୍ୟାଙ୍କ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ବିନିଯୋଗ କଲେ, ଏତେ ଲାଭ ପାଇବେନି। ମୋତେ ଟଙ୍କା ଦେଲେ କୋଟିପତି ହେବେ।' ଏପରି ଲୋଭ ଦେଖାଇ ୫୦ କୋଟି ଟଙ୍କା ଠକି ନେଇଥିବା ଜଣେ ଧୂର୍ତ୍ତକୁ ସମ୍ବଲପୁର ସଦର ଥାନା ପୁଲିସ ଗିରଫ କରିଛି। ସେ ହେଲା, କ୍ଷେତରାଜପୁର ଥାନା ଚନ୍ଦନ ନଗରର ମଧୁସୂଦନ ବରାଇ(୩୬)କୁ ଗିରଫ କରିଛି। ମଧୁସୂଦନ ସଦର ଥାନା ଏନ୍‌ଏସ୍‌ସିବି କଲେଜ ଛକରେ 'ଏ ଆଣ୍ଡ ଏ' ଇଣ୍ଟରପ୍ରାଇଜେସ୍ ଇନ୍‌ଭେଷ୍ଟମେଣ୍ଟ ରିଟର୍ନ୍ସ ନାମକ ଏକ ସଂସ୍ଥା ଖୋଲି ଏପରି କାରବାର ଚଳାଇଥିଲା ବୋଲି ସମ୍ବଲପୁର ଏସପି ମୁକେଶ ଭାମୁ ସୂଚନା ଦେଇଛନ୍ତି। ପ୍ରାୟ ୪୭ଜଣ ଲୋକଙ୍କ ପାଖରୁ ଲକ୍ଷାଧିକ ମୋଟ ୫୦କୋଟି ଟଙ୍କା ଠକେଇ ହୋଇଥିବା ପୁଲିସ ଅନୁମାନ କରିଛି। ପୁଲିସ ତା' ନିକଟରୁ ଗୋଟିଏ ମୋବାଇଲ, ୬ଟି ସିପିୟୁ, ୬ଟି ମନିଟର୍, ଗୋଟିଏ ପ୍ରିଣ୍ଟର୍, ୫ଟି କି-ବୋର୍ଡ ସହ ୫ଟି ମାଉସ ଜବତ କରିଛି।

ଏସ୍‌ପି ଶ୍ରୀ ଭାମୁ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୨୦କୋଟିର ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ବାବଦରେ ପୁଲିସ ସୂଚନା ପାଇଛି। ଅଭିଯୁକ୍ତ ପୂର୍ବରୁ ଓଡ଼ିଶା ବାହାରେ ଏକ କମ୍ପାନୀର ଆଇଟି ସେକ୍ଟରରେ କାମ କରୁଥିଲା। ପରେ ଚାକିରି ଛାଡ଼ି ଟ୍ରେଡିଂ କ୍ଷେତ୍ରରେ ପ୍ରବେଶ କରିଥିଲା। ନିଜର ଡିମାଟ୍ ଆକାଉଣ୍ଟରେ ଲୋକଙ୍କ ଟଙ୍କା ଆଣି ବିନିଯୋଗ କରୁଥିଲା। ଗ୍ରାହକ ଦେଉଥିବା ଟଙ୍କାକୁ ରଖିବା ପରେ ସେମାନଙ୍କୁ ବଣ୍ଡ ପେପର୍ ମଧ୍ୟ ଦେଉଥିଲା। କିଛି ଲୋକଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଟଙ୍କା ଫେରାଇଥିବା ମଧ୍ୟ ସୂଚନା ରହିଛି। ଏଥିରେ ତାକୁ ଆଉ କିଛି ଯୁବକ ସହଯୋଗ କରୁଥିଲେ। ସେମାନଙ୍କୁ ଧରିବା ପାଇଁ ତନାଘନା ଚାଲିଛି। ସେହିଭଳି, କେଉଁ ପରିସ୍ଥିତିରେ ଲୋକମାନେ ଲକ୍ଷାଧିକ ଟଙ୍କା ବିନିଯୋଗ କରିବା ପାଇଁ ଦେଉଥିଲେ, ତାହା ଅଭିଯୁକ୍ତ ମଧୁସୂଦନକୁ ରିମାଣ୍ଡରେ ଆଣିଲେ ଜଣାପଡ଼ିବ ବୋଲି ଏସ୍‌ପି ଶ୍ରୀ ଭାମୁ କହିଛନ୍ତି।

### ପ୍ରେମ ପାଇଁ ସାତଦରିଆ ପାରି

# ଓଡ଼ିଆ ବୋହୂ ହେଲେ ସ୍ଲୋଭାକିଆ ଯୁବତୀ

ପାରଳାଖେମୁଣ୍ଡି, ୨୭ ।୧୧ (ସମିସ): ପ୍ରେମ ମାନେନାହିଁ ସୀମା ସରହଦ, ବନ୍ଧବାଡ଼। ଏହି ଉକ୍ତିକୁ ପ୍ରମାଣିତ କରି ଦେଖାଇଛନ୍ତି ସ୍ଲୋଭାକିଆର ଜଣେ ଯୁବତୀ। ପ୍ରେମ ପାଇଁ ସେ ସାତଦରିଆ ପାର ହୋଇ ଓଡ଼ିଶାରେ ପାଦ ଥାପିଛନ୍ତି। ହିନ୍ଦୁ ରୀତିନୀତିରେ ଜଣେ ଓଡ଼ିଆ ଯୁବକଙ୍କୁ ବିବାହ କରି ଓଡ଼ିଶାର ବୋହୂ ହୋଇଛନ୍ତି। ସେ ହେଲେ, ୟୁରୋପୀୟ ଦେଶ ସ୍ଲୋଭାକିଆର ଯୁବତୀ ଏନା। ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାମଲିଙ୍ଗେଶ୍ୱର ମନ୍ଦିରରେ ସେ ପାରଳାଖେମୁଣ୍ଡିର ରାଜୀବ ମିଶାଲଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

ରାଜୀବ ସିଙ୍ଗାପୁରରେ କାମ କରନ୍ତି। ଏକ ହସ୍ପିଟାଲରେ ଏନାଙ୍କ ସହ ତାଙ୍କର ଦେଖା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୀର୍ଘ ବର୍ଷ ଧରି ରାଜୀବଙ୍କ ସଂସ୍ପର୍ଶରେ ରହିବା ପରେ ଏନା ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ଭଲ ପାଇ ବସିଥିଲେ। ଏ ସଂପର୍କରେ ଉଭୟ ନିଜ ନିଜ ପରିବାରଲୋକଙ୍କ ସହ ଆଲୋଚନା କରିବା ପରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ଅନୁଯାୟୀ ବୁଧବାର ରାତିରେ ରାମଲିଙ୍ଗେଶ୍ୱର ମନ୍ଦିରରେ ହିନ୍ଦୁ ରୀତିନୀତିରେ ଦୁହିଁଙ୍କ ବିବାହ ସଂପନ୍ନ ହୋଇଥିଲା। ରାଜୀବଙ୍କ ପରିବାରଲୋକ ଏନାଙ୍କ ନାମକୁ ଭାରତୀୟ ନାମ ଅନୁସାରେ ଅନନ୍ୟା ଦେଇଛନ୍ତି। ଏହି ବିବାହ ଉତ୍ସବରେ ଉଭୟ ପକ୍ଷର ସମସ୍ତ ବନ୍ଧୁବାନ୍ଧବ ଓ ପ୍ରିୟଜନ ଉପସ୍ଥିତ ଥିଲେ।



### ପାଟଣାରେ ମେଗା ଷ୍ଟିଲ୍ ପ୍ଲାଣ୍ଟକୁ ବିରୋଧ ଜାରି

# ରାତିଅଧରେ ପୁଲିସ-ଗ୍ରାମବାସୀ ହାତାହାତି

କେନ୍ଦୁଝର, ୨୭।୧୧ (ସମିସ): କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନକୁ ସ୍ଥାନୀୟ ଲୋକ ବିରୋଧ କରିଆସୁଛନ୍ତି। ଏହାକୁ ନେଇ ସ୍ଥିତି ଏବେ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଗତ ରାତିରେ କାରଖାନା ବିରୋଧୀ ମଞ୍ଚର ୬ନେତାଙ୍କୁ ଗିରଫ କରିବାକୁ ଯାଇଥିବା ପୁଲିସକୁ ଗ୍ରାମବାସୀଙ୍କ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡ଼ିଛି। ଉତ୍ତ୍ୟକ୍ତ ଗ୍ରାମବାସୀମାନେ ଏହି ଗିରଫଦାରୀକୁ ବେଆଇନ ଦର୍ଶାଇ ପୁଲିସ୍‌କୁ ଗାଁ ଦାଣ୍ଡରେ ଅଟକ ରଖିଥିଲେ। ପୁଲିସ-ଗ୍ରାମବାସୀଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ତେବେ ସ୍ଥିତି ଜଟିଳ ହେବାରୁ ପୁଲିସ ମୃଦୁ ଲାଠିଚାଳନା କରି ଗ୍ରାମବାସୀଙ୍କୁ ଘଉଡ଼ାଇଥିଲା। ଏଥିରେ ଜଣେ ମହିଳା ପୁଲିସ ଓ କିଛି ଗ୍ରାମବାସୀ ଆହତ ହୋଇଥିବା ଜଣାପଡ଼ିଛି। ପରେ ପୁଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ନେଇଥିଲା। ତୁରୁମୁଙ୍ଗା ଥାନା ଯମୁନାପଶି ଗ୍ରାମରେ ଏହି ଘଟଣା ଘଟିଛି। ଗିରଫ ଅଭିଯୁକ୍ତମାନେ ହେଲେ, କାରଖାନା ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର, ତାଙ୍କ ଭାଇ ଭୁବନାନନ୍ଦ ସର୍ଦ୍ଦାର, ମଞ୍ଚର ଉପସଭାପତି ସରୋଜ କୁମାର ସିଂ, ରବୀନ୍ଦ୍ର ମାହାନ୍ତ, ବରିଷ୍ଠ କର୍ମୀ ଅନାମ ନାୟକ, ବୀରେନ୍ଦ୍ର ମହାକୁଡ଼। ଆଜି ପୁଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି।




ଅପରପକ୍ଷେ, ଏହି ୬ ଜଣଙ୍କ ଗିରଫଦାରୀ ପ୍ରତିବାଦରେ ଆଜି ସକାଳ ପ୍ରାୟ ୧୦ଟାରେ ପ୍ଲାଣ୍ଟ ପ୍ରଭାବିତ ୧୨ଟି ଗାଁର ପ୍ରାୟ ୨ ହଜାର ମହିଳା ପୁରୁଷ ଏକାଠି ହୋଇ ହାତୀବାରି ଛକ ନିକଟରୁ ଏକ ରାଲିରେ ବାହାରିଥିଲେ। ତୁରୁମୁଙ୍ଗା ଥାନାଠାରୁ ୫ଶହ ମିଟର ଦୂରରେ ପୁଲିସ ସେମାନଙ୍କୁ ଅଟକାଇବାରୁ ସେମାନେ ତୁରୁମୁଙ୍ଗା ସର୍ଭିସ୍ ରୋଡ୍‌ରେ ଧାରଣା ଦେଇଥିଲେ। ଚାଷଜମିରେ ପ୍ଲାଣ୍ଟ ନିର୍ମାଣ ବନ୍ଦ, ପୋସ୍କୋ ସହ ଏମଓୟୁ ବାତିଲ, ରକ୍ତ ଦେବୁ ପଛେ ଭିଟା ମାଟି ଛାଡ଼ିବୁ ନାହିଁ ଆଦି ଲେଖାଥିବା ପ୍ଲା'-କାର୍ଡ ଧରି ଧାରଣାରେ ବସିଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଆନ୍ଦୋଳନକାରୀମାନେ ଧାରଣରୁ ଉଠିଥିଲେ।

ସୂଚନାନୁଯାୟୀ, ପାଟଣା ବ୍ଲକ୍ ଚେମେଣା ଓ ଯମୁନାପଶି ପଞ୍ଚାୟତ ଅଞ୍ଚଳରେ ଦୁଇଟି କମ୍ପାନୀ ମିଳିତ ଭାବେ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବାକୁ ଯାଉଛନ୍ତି। ଏହାକୁ କାରଖାନା ପ୍ରତିରୋଧ ମଞ୍ଚ ବିରୋଧ କରିଆସୁଛି। ବେଣୁଧର ମଞ୍ଚର ସଂପାଦକ। କିଛି ଦିନ ତଳେ ଚେମଣା ଗ୍ରାମର ପ୍ରତାପ ଦାସ ସହ ୨ଜଣଙ୍କୁ ଅତର୍କିତ ଆକ୍ରମଣ ସହ ତାଙ୍କଠାରୁ ଜୋରଜବରଦସ୍ତ ଟଙ୍କା ଛଡ଼ାଇ ନେଇଯିବା, ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏନେଇ ନମ୍ବର ୨୬୫/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ଗତ ରାତିରେ ଯମୁନାପଶି ଗାଁକୁ ଯାଇଥିଲା। କିନ୍ତୁ, କାରଖାନା ପ୍ରତିରୋଧ ମଞ୍ଚର ସ୍ୱରକୁ ଦବାଇବା ପାଇଁ ପୁଲିସ ଏଭଳି ମିଛ ମାମଲା କରି ଏହାର ସଦସ୍ୟଙ୍କୁ ଗିରଫ କରୁଥିବା ଅଭିଯୋଗ କରି ଗ୍ରାମବାସୀମାନେ ପୁଲିସର ବାଟ ଉଗାରିଥିଲେ। ଏହାକୁ ନେଇ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ହାତାହାତି ହୋଇଥିଲା।

- ଲାଠିଚାର୍ଜ କରି ମୁକୁଳିଲା ପୁଲିସ
- ଗିରଫଦାରୀ ପ୍ରତିବାଦରେ ରାସ୍ତାରେ ଧାରଣା
- ପ୍ଲାଣ୍ଟ ବିରୋଧୀ ନେତାଙ୍କୁ ନିସର୍ତ୍ତ ଖଲାସ ଦାବି

ଅପରପକ୍ଷେ, ମଞ୍ଚର ଉପଦେଷ୍ଟା ତଥା ଏଆଇକେକେଏମଏସ୍ ରାଜ୍ୟ ସମ୍ପାଦକ କମ୍ରେଡ ରଘୁନାଥ ଦାସ ଓ ପ୍ରତିରୋଧ ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ ପୁଲିସର ଏଭଳି ଦମନକାରୀ ନୀତିକୁ ତୀବ୍ର ନିନ୍ଦା କରିଛନ୍ତି। ଅବିଳମ୍ବେ ବିନା ସର୍ତ୍ତରେ ପ୍ରତିରୋଧ ମଞ୍ଚର ସଦସ୍ୟମାନଙ୍କୁ ଖଲାସ କରିବାକୁ ସେମାନେ ଦାବି କରିନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଘଟଣାକୁ ନେଇ କାରଖାନା ପ୍ରସ୍ତାବିତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ପୁଲିସ୍ ତୀକ୍ଷ୍ଣ ନଜର ରଖିଛି।

## ବାଟବଣା 'ବିକଶିତ ଗାଁ ବିକଶିତ ଓଡ଼ିଶା'

# ଠିକାଦାରଙ୍କ ପକେଟରେ ସରକାରୀ ଟଙ୍କା

**ବଲାଙ୍ଗିର,୨୭ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକରେ ଉନ୍ନୟନମୂଳକ କାମରେ ଅନିୟମିତତା କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଛି । ଅନିୟମିତତା ଅଭିଯୋଗ ଆସିଲେ ଏହାର ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ବଦଳରେ ନିଜେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ସଂପୃକ୍ତ ଠିକାଦାର ଓ ଯନ୍ତ୍ରୀମାନଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି । ତେବେ ଅନିୟମିତତା ଏବେ ଚରମ ସୀମାରେ ପହଞ୍ଚିଥିବା ବେଳେ ବ୍ଲକରେ ପିସି କାରବାର ମଧ୍ୟ ବୃଦ୍ଧି ପାଇଛି । ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜାନାରେ ଆସିଥିବା ଟଙ୍କା ରାସ୍ତା ଉନ୍ନତିକରଣ ନାମରେ କିଛି ଟ୍ରିପ୍ ମୋରମ ବିଛାଇ ଚଳୁ କରିଦିଆଯାଇଥିବା ଅଭିଯୋଗ ହୋଇଛି ।

ରାଜ୍ୟ ସରକାର ଗ୍ରାମ୍ୟ ବିକାଶକୁ ଗୁରୁତ୍ୱ ଦେଇ ବିକଶିତ ଗାଁ ବିକଶିତ ଓଡିଶା ନାମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଗାଁ ରାସ୍ତା ସହ ଅନ୍ୟ ପ୍ରାଥମିକ ଆବଶ୍ୟକତା ପୂରଣ କରିବାକୁ ଉଦ୍ୟମ କରିଛନ୍ତି ।

- ମୋରମ ବିଞ୍ଛିଦେଇ କାମ ସାରିଦେଲେ
- ପୂର୍ବରୁ ପଞ୍ଚାୟତ ପକ୍ଷରୁ କାମ କରାଯାଇଛି
- ଠିକାଦାରଙ୍କୁ ବିଭାଗୀୟ ଅଧିକାରୀଙ୍କ ସୁରକ୍ଷା

ତେବେ ଏଥିରେ ବିଭାଗୀୟ ଅଧିକାରୀ ଓ କିଛି ଠିକାଦାରଙ୍କ ଲୋଭଖୋର ମନୋବୃତ୍ତି ଯୋଗୁଁ ଏହାର ସଫଳ ରୂପାୟନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଏହି କାର୍ଯ୍ୟକ୍ରମରେ ତଲିଉଡାର ପଞ୍ଚାୟତ ଅଧୀନ



ଛତାବାହାଲ ଗାଁରୁ ବଘାପାଲି ରାସ୍ତା ଉନ୍ନତିକରଣ ନାମରେ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ନେଇ ଏକ ସୂଚନା ଫଳକ ଲଗାଯାଇଛି । ତେବେ ଏହି ରାସ୍ତାରେ ଅଟକଳ ମୁତାବକ କାମ ନ କରି ବିଲ୍ ଉଠାଯାଇଥିବା ନେଇ ଅଭିଯୋଗ ହୋଇଛି । କିଛି ଟ୍ରିପ୍ ମୋରମ ବିଛାଇ ଏହି ଟଙ୍କା ଉଠାଯାଇଥିବା ବେଳେ ଏଥିରେ ଅନିୟମିତତା କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହା ପୂର୍ବରୁ ଏହି ରାସ୍ତାକୁ ପଞ୍ଚାୟତ ପକ୍ଷରୁ ଉନ୍ନତିକରଣ କାମ କରାଯାଇଥିଲା ।

ମେଟାଲ ଓ ମାଟି ପକାଇ ରାସ୍ତା ଉନ୍ନତିକରଣ କରାଯାଇଥିବା ବେଳେ ନାମକୁ ମାତ୍ର ମୋରମ ବିଛାଇ ବିକଶିତ ଗାଁ ବିକଶିତ ଓଡିଶା ଟଙ୍କାକୁ ହଡପ କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ମହାଣାଙ୍କୁ ପଚାରିବାରୁ କାମ ହୋଇଥିବା କହିଛନ୍ତି; କିନ୍ତୁ ଅଟକଳ ମୁତାବକ କାମ ହୋଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

## ଆନ୍ଦୋଳନରେ ଓଏଭି ଶିକ୍ଷକ, ଶିକ୍ଷୟିତ୍ରୀ




**ଖପ୍ରାଖୋଲ,୨୭ ।୧୧(ସମିସ):** ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ଶିକ୍ଷକ, ଶିକ୍ଷୟିତ୍ରୀ ବିଭିନ୍ନ ଦାବିରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି । ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସରକାରୀ ମାନ୍ୟତା, ଏଚଆର ଏମ୍ଏସ୍ ଆଇଡି ଖୋଲିବା, ପାରିବାରକୁ ସମାଜିକ ସୁରକ୍ଷା ଆଦି ପାଇଁ ଏମାନେ ଦାବି କରିଛନ୍ତି । ପ୍ରତିବାଦରେ ବିଦ୍ୟାଳୟର ଅଧକ୍ଷା ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ ।

**ସଇଁତଲା:** ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ୍ ବିବିନାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ମଧ୍ୟ ଆନ୍ଦୋଳନରେ ବସିଛନ୍ତି । ୧୩ଟି ଦାବି ନେଇ ସେମାନେ କଳା ବ୍ୟା଼ ପିନ୍ଧିବା ସହ ଶାନ୍ତି ପୂର୍ଣ୍ଣ ଭାବେ ଧାରଣା ଦେଇଛନ୍ତି । ହରିପ୍ରିୟା ସାହୁ, ସୁପ୍ରିୟା ପ୍ରିୟଦର୍ଶନୀ ଷଡ଼ଙ୍ଗୀ, ଶଶାଙ୍କ ଶେଖର କବାଟ, ସନ୍ତୋଷ ସ୍ୱର୍ଣ୍ଣକ, ଶୋଭିତ ସାହୁ, ସୁପ୍ରିମା ପ୍ରଧାନ, ନିବାସ ବାଗ, ସୁଜିତ ବାଗ, ଅର୍ଜୁନ ଆଚାର୍ଯ୍ୟ, ରିକେଶ ସାହୁ, ସରୋଜ ପ୍ରଧାନ, ବସନ୍ତ ଭରାସାଗର, କେଶବ ନନ୍ଦ ମଲ୍ଲିକ, ରିତେନ୍ଦ୍ର ପ୍ରକାଶ ପ୍ରଧାନ, ଆଶିଷ ଭୋଇ, ଭୂମାନ୍ତ ମାଝୀ, ଓମ୍ପ୍ରକାଶ ଦୁର୍ଗା, ସୁଶୀଲ ମହାନନ୍ଦ, ଦିବ୍ୟା ସୋରେଙ୍ଗ, ସୁଶାନ୍ତ ବାରିକ ପ୍ରମୁଖ ଆନ୍ଦୋଳନରେ ବସିଛନ୍ତି ।

# ବଲାଙ୍ଗିରର ବିଭିନ୍ନ ସମସ୍ୟା ନେଇ ଗର୍ଜିଲା ଆପ୍

ବଲାଙ୍ଗିର,୨୭ ।୧୧(ସମିସ): ବଲାଙ୍ଗିରରେ ଆପ୍ ଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛି । ଆଶିଷ ପାଣ୍ଡେଙ୍କ ନେତୃତ୍ୱରେ ବଲାଙ୍ଗିର ଯାଦବ ଭବନଠାରୁ ଆନ୍ଦୋଳନକାରୀ ପଦଯାତ୍ରାରେ



ବାହାରି ଜିଲ୍ଲାପାଳଙ୍କ ଅଫିସ ସାମ୍ନାରେ ପହଞ୍ଚିଥିଲେ । ସେଠାରେ ଆମ୍ବେଦକରଙ୍କ ପ୍ରତିପୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୬ଟି ପ୍ରମୁଖ ଦାବି ତୁରନ୍ତ ପୂରଣ କରାଯିବା ଦାବିରେ ଜିଲ୍ଲାପାଳଙ୍କ ଅଫିସକୁ ସମସ୍ତେ ଧସେଇ ପଶିଥିଲେ । ରାଜ୍ୟ ସରକାର, ପୁଲିସ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନର ଅପାରଗତା ଯୋଗୁଁ ଜିଲ୍ଲାର ଚାଷୀ ଓ ଜନସାଧାରଣ ଜନତା ଅସୁବିଧା ଭୋଗୁଛନ୍ତି । ଧାନମଣ୍ଡି ତୁରନ୍ତ ଖୋଲାଯାଉ । ବିନା କଟଣି ଛଟଣିରେ ଧାନ କିଣାଯାଉ । ଜଣେ .ଷୀଙ୍କ କୁଇଣ୍ଟାଲରୁ ଅଧିକ ଧାନ ବିକ୍ରି ହେଲେ ରାସନ କାର୍ଡରୁ ତାଙ୍କୁ ବଞ୍ଚିତ କରିବା ପାଇଁ ସରକାରଙ୍କ ଯୋଜନା ଚାଲିଛି । ତାହା ବନ୍ଦ କରାଯାଉ । ବଲାଙ୍ଗିରର ଭାତ ହାଣ୍ଡି କୁହାଯାଉଥିବା ଦେଓଗାଁ ଚିନିକଳ ତୁରନ୍ତ ଖୋଲାଯାଉ । ଖାଲି କାଗଜ ପତ୍ରରେ ସୀମିତ ନ ରଖାଯାଉ । ବଲାଙ୍ଗିର ଜିଲ୍ଲାରେ ପୁଲିସ ଅପରାଧ ରୋକିବାରେ ବିଫଳ ହୋଇଛି । ବଲାଙ୍ଗିର ଜିଲ୍ଲାରେ ପ୍ରତ୍ୟେକ ଦିନ ବଢୁଥିବା ଅପରାଧ ଉପରେ କଡା ପଦକ୍ଷେପ ନିଆଯାଉ । ଜିଲ୍ଲାରେ ଦାଦନ ସମସ୍ୟା ବଢି ଚାଲିଛି । ସେ ଉପରେ କାର୍ଯ୍ୟାନୁଷ୍ଠାନ କେବେ ହେବ ତାହାର ଜବାବ ଦିଆଯାଉ । ଭୀମ ଭୋଇ ମେଡିକାଲ ଅବସ୍ଥା ଚରମ ସୀମାରେ ପହଞ୍ଚିଛି । ଡାକ୍ତର, ପ୍ରଫେସର, ମେଡିକାଲ ଷ୍ଟାଫ୍ ଆବଶ୍ୟକ ହିସାବରେ ନାହାନ୍ତି । ଶିଶୁ ୱାର୍ଡ ସାମ୍ନାରେ ୧୦ ଟଙ୍କା ଲେଖାଏ ମୋଟର ସାଇକଲ ଷ୍ଟାଣ୍ଡ ଚାର୍ଜ ନିଆଯାଉଛି । ଜିଲ୍ଲାର ଟ୍ରାଫିକ ସମସ୍ୟା ଚରମ ସୀମାରେ ପହଞ୍ଚିଛି । ଏହିଭିଳି ଆପ୍ ବିଭିନ୍ନ ଅଭିଯୋଗ ତଥା ଦାବି ଉପସ୍ଥାପନ କରିବା ସହ ଏଗୁଡ଼ିର ସମାଧାନ ଲାଗି ଦାବି କରିଛି । କଣ୍ଟାବାଞ୍ଜିର ଦୋଳମଣି ମହତ, ଲୋଇସିଂହାର ପଙ୍କଜ ସାହୁ, ବଲାଙ୍ଗିର ରମାକାନ୍ତ ବେହେରା, ସମ୍ରାଟ କିଶୋର ଭୋଇ, ଅନ୍ତର୍ଯ୍ୟାମି ସାହୁ, ସାଦାଶିବ ମେହେର, ଅମନ ମହାପାତ୍ର, ଟିକେଶ୍ୱର ଭୋଇ, ନିରଞ୍ଜନ ଭୋଇ, ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

## ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଆଲୋଚନାଚକ୍ର

**ଦେଓଗାଁ,୨୭ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ଶାଶ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ଗୁରୁବାର 'ପ୍ରକୃତି ଓ ପରିବେଶ ସୁରକ୍ଷାରେ ଯୁବଗୋଷ୍ଠୀଙ୍କ




ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ପୁରୁଷୋତ୍ତମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦେଓଗାଁ ବନ ବିଭାଗର ଫରେଷ୍ଟର ଜନ୍ମେଜୟ ପାଣିଗ୍ରାହୀ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ । ଅଧ୍ୟାପକ ବିଷ୍ଣୁ ଚରଣ ସାହୁ ସଭା ସଂଯୋଜନା କରିବାସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଫରେଷ୍ଟର ଚନ୍ତରଞ୍ଜନ ଖମାରୀ ଯୋଗଦେଇ ପ୍ରକୃତି ଓ ପରିବେଶ ସୁରକ୍ଷାର ତାତ୍ପର୍ଯ୍ୟ ତଥା ଯୁବଗୋଷ୍ଠୀର ଭୂମିକା ଉପରେ ଆଲୋକପାତ କରିଥିଲେ । ଜଙ୍ଗଲ କ୍ଷୟ ଯୋଗୁଁ ବନ୍ୟଜନ୍ତୁ ଗାଁମୁହାଁ ହେଉଛନ୍ତି । ପାଣି ପବନ, ମାଟି ଦୂଷିତ ହେଉଛି । ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ମୁଖ୍ୟ ସମସ୍ୟା ପାଲଟିଥିବା ସେ ଦର୍ଶାଇଥିଲେ । ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ ପଦ୍ଧତିରେ କୃଷିର ଉପାଦେୟତା ଓ ଜୈବିକ ସାର ଜୀବାମୃତ, ହାଣ୍ଡିଖତ, ମିଶ୍ରିତ ପତ୍ରର ଅର୍କ, ନିମ୍ବ ଗୋମୂତ୍ର ଅର୍କ ଆଦି ପ୍ରସ୍ତୁତି ଓ ବ୍ୟବହାର କୌଶଳ ଉପରେ ଧାରଣା ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବନବିଭାଗ ଡିଇଓ ନରେନ୍ଦ୍ର ବିଶ୍ୱାଳ ଯୋଗଦେଇଥିଲେ । ଅଧ୍ୟାପକ ଶ୍ରୀନିବାସ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଜଗଦିଶ ସିଂ ବାବୁ, ବ୍ୟାସଦେବ ଦଣ୍ଡସେନା, ଅଧ୍ୟାପିକା ବିନ୍ଦୁସାଗର ବେହେରା, ଧନେଶ୍ୱର ଥନାପତି, ପ୍ରମୋଦ ମେହେର ପ୍ରମୁଖ ସହଯୋଗ କରିଥିଲେ ।

## ବୈଜ୍ଞାନିକଙ୍କ ହରଡ଼ ବିହନ ଉତ୍ପାଦନ କ୍ଷେତ୍ର ପରିଦର୍ଶନ

**ବଲାଙ୍ଗିର/ଦେଓଗାଁ,୨୭ ।୧୧(ସମିସ):** ଡାଲି ଜାତୀୟ ଫସଲ ଉତ୍ପାଦନରେ ବଲାଙ୍ଗିର ଏକ ଅଗ୍ରଣୀ ଜିଲ୍ଲା । ଓଡିଶା ସରକାର ଓ ଅନ୍ତର୍ଜାତୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା କେନ୍ଦ୍ର (ଇକାର୍ଡା)ର ମିଳିତ ସହଯୋଗରେ ଦେଓଗାଁ ବ୍ଲକର ପରୁଆଭାଡି ଗ୍ରାମରେ ବିଭିନ୍ନ କିସମର ହରଡର ପରୀକ୍ଷାମୂଳକ ଭାବେ ଚାଷ କରାଯାଇଛି । ଇକାର୍ଡା ଡେପୁଟି ଡାଇରେକ୍ଟର ଜେନେରାଲ ଡ. ଅଗଷ୍ଟୋ, ଇକାର୍ଡା ଆଞ୍ଚଳିକ ସଂଯୋଜକ ଡ. ଶିବ କୁମାର ଅଗ୍ରୱାଲ, ଇକାର୍ଡା ମାନବ ସମ୍ବଳ ବିଭାଗ ଅଧିକାରୀ ପ୍ରିୟଙ୍କା ମାଥୁର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧିରେନ୍ଦ୍ର ସିଂ ବେରିଆ, ଡ. ସତ୍ୟମୟ ଶତପଥୀ କ୍ଷେତ୍ର ପରିଦର୍ଶନ କରିଥିଲେ । ଜିଲ୍ଲାର ଅଗ୍ରଣୀ ହରଡ ବିହନ ଉତ୍ପାଦକଙ୍କ ସହ ଏମାନେ ମତ ବିନିମୟ କରିଥିଲେ । ଇକାର୍ଡା ଓଡିଶା ପ୍ରତିନିଧି ଡ. କିଶୋର ବେହେରା ଓ ଜିଲ୍ଲା ସଂଯୋଜକ ବିଜୟ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସଂସ୍କୃତ ପରିଷଦର ମାସିକ ଅଧିବେଶନ

ବଲାଙ୍ଗିର,୨୭ ।୧୧(ସମିସ): ନୃସିଂହ ମନ୍ଦିର ପରିସରେ ବଲାଙ୍ଗିର ସଂସ୍କୃତ ପରିଷଦର ମାସିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ଜୟରାମ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ । ଗିରିଜା ଶଙ୍କର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ସଂସ୍କୃତିରେ ନାରୀ ଚରିତ୍ର, ପଞ୍ଚକନ୍ୟା ତଥା ଦୌପଦୀ ଚରିତ୍ର ଉପରେ ଅବତରଣା କରିଥିଲେ । ମୁଖ୍ୟବକ୍ତା ଭାବେ ରାଜକିଶୋର ପଣ୍ଡା ଯୋଗଦେଇ ଭକ୍ତିର ସଂଜ୍ଞା ନିରୂପଣ କରିଥିଲେ । ସେ ଭକ୍ତି ଆଧାରିତ ବିଭିନ୍ନ ଚରିତ୍ରର ଦୃଷ୍ଟାନ୍ତ ଦେଇଥିଲେ । ଏହି ଅଧିବେଶନରେ ବ୍ରଜକିଶୋର ପଣ୍ଡା, ପଣ୍ଡିତ ସନ୍ତୋଷ ଶତପଥୀ, ସୀତାଂଶୁ ଶେଖର ନାୟକ, ପର୍ଶୁରାମ ନାୟକ, ପ୍ରାଣ ବଲ୍ଲଭ ତ୍ରିପାଠୀ, ନରେନ୍ଦ୍ର ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ । ଉପସଭାପତି କେଶବ ଚନ୍ଦ୍ର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଇଁତଲାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ସଇଁତଲା,୨୭ ।୧୧(ସମିସ):** ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ୍ କେନ୍ଦୁପତ୍ର ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଡିଏଫଓ ପ୍ରଦୀପ ମୀରାସେ, ପାଟଣାଗଡ଼ ଏସିଏଫ ପ୍ରଭାତୀ ସେଠି, ଟିଟିଲାଗଡ଼ ଡିଏଫଓ ରୁପଚନ୍ଦ ସୋରେନ, ଟିଟିଲାଗଡ଼ ଏସିଏଫ ସୋମନାଥ ବେହେରା, ଜିଲ୍ଲା ନିଯୁକ୍ତି ଅଧିକାରୀ ପଦ୍ମିନୀ ସାହୁ, ଏରିଆ ମ୍ୟାନେଜର ଅରୁଣ ସାହୁ, ସଇଁତଲା ସରପଞ୍ଚ ସୁବ୍ରତ ନାଗ ଯୋଗ ଦେଇଥିଲେ । ଗ୍ରାମାଞ୍ଚଳର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା ତଥା ସେମାନଙ୍କ ଦକ୍ଷତା ବିକାଶ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ମତ ଦେଇ ଥିଲେ । ସଇଁତଲା ବ୍ଲକ ଅଞ୍ଚଳରୁ ୪୫ ଜଣ ଯୁବକ ଯୁବତୀ ଯୋଗ ଦେଇଥିଲେ । ସରକାରଙ୍କ ପକ୍ଷରୁ ଶିକ୍ଷିତ ଯୁବକ ଯୁବତୀଙ୍କୁ ୩ ମାସ ପର୍ଯ୍ୟନ୍ତ ନିଃଶୁଳ୍କ ତାଲିମ ଦିଆଯିବ । ଏହା ସହ ସେମାନଙ୍କ ଲାଗି ରହିବା ଖାଇବା ବ୍ୟବସ୍ଥା ମଧ୍ୟ କରାଯିବ । ଏହି କାର୍ଯ୍ୟକ୍ରମରେ ହେମସାଗର ସାହୁ, ଫରେଷ୍ଟର ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଥାନାରୁ ଫେରାର ଅଭିଯୁକ୍ତ ୨ ମାସ ପରେ ଗିରଫ

**ବଲାଙ୍ଗିର,୨୭ ।୧୧(ସମିସ):** ପୁଇନ୍ତଲା ଥାନାରୁ ଫେରାର ଅଭିଯୁକ୍ତ ବିଶ୍ୱାମିତ୍ର ଦଲାଇ ୨ ମାସ ପରେ ଧରାପଡିଛି । ତେବେ ପୁଲିସକୁ ଦେଖି ସେ ପୁଣି ଖସିବାକୁ ଉଦ୍ୟମ କରିଥିଲା; ହେଲେ ସଫଳ ହୋଇ ନ ଥିଲା । ତା ନାଁରେ ଜିଲ୍ଲାର ବିଭିନ୍ନ ଥାନାରେ ୧୦ରୁ ଅଧିକ ମାମଲା ରହିଛି । ସେପ୍ଟେମ୍ବର ୨୩ ତାରିଖ ଭୋର ୪ଟା ସେ ପୁଇନ୍ତଲା ଥାନାରେ ଅଟକ ଥିବା ବେଳେ ଖସି



ପଳାଇଥିଲା । ତ ନାଁରେ ଏକାଧିକ ମାମଲା ରହିଥିବାରୁ ପୁଲିସ ଏହାକୁ ଗୁରୁତର ସହ ନେଇ ତାକୁ ଖୋଜିବାକୁ ଉଦ୍ୟମ ଜାରି ରଖିଥିଲା । ସେ ବଲାଙ୍ଗିର ସହର ମାଳପଡା ଅଞ୍ଚଳରୁ ଧରା ପଡିଛି ବୋଲି ଥାନା ଅଧିକାରୀ ଅନିତା ପ୍ରଧାନ ସୂଚନା ଦେଇଛନ୍ତି ।

# ପୁଇଁନ୍ତଲା ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



**ବଲାଙ୍ଗିର,୨୭ ।୧୧(ସମିସ):** ପୁଇଁନ୍ତଲା ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ରାମଜୀ ହାଇସ୍କୁଲ (କୁରୁଲ)ରେ ଆୟୋଜିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଆନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁଇଁନ୍ତଲା ବ୍ଲକ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ ଉଦ୍‌ଘାଟନ କରିଥିଲେ । ପୂର୍ବତନ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ବ୍ଲକ ଆବାହକ ଗିରିଜା ବାଙ୍କି, ବ୍ଲକ ସଂଯୋଜକ ଜୟକୃଷ୍ଣ ନାଏକ, ପରି.ଳନା କମିଟି ସଭାପତି ସୁଦାମ ପଟେଲ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ ।

ବ୍ଲକର ଉଚ୍ଚ ବିଦ୍ୟାଳୟ ଓ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରୁ ୨୦୨ଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା । ଉଦ୍‌ଯାପନୀ ସଭାରେ ପୁଇଁନ୍ତଲା ବ୍ଲକ ଅଧକ୍ଷ ସରୋଜ ପଧାନ, ଓଏଭି ମହିମୁଣ୍ଡା ଅଧକ୍ଷ ଅଶୋକ ଖଟୁଆ, ଏବିଇଓ ଲଛମନ ପଧାନ, ସରପଞ୍ଚ ଅନିତା ସେଟ୍, ସମିତି ସଭ୍ୟ ଯଶୋବନ୍ତୀ ସେଠ, ପ୍ରକୃତିବନ୍ଧୁ ପୂର୍ବତନ ଶିକ୍ଷକ ଦିଗାମ୍ବର ନାଏକ ପ୍ରମୁଖ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ତାରାକାନ୍ତ ମିଶ୍ର, ସୁଧାନିଧି ମିଶ୍ର, ରାଜକିଶୋର ମିଶ୍ର, ସୁବ୍ରତ ବାବୁ, ସନ୍ତୋଷିନୀ ସାହୁ ଓ ସୈରେନ୍ଦ୍ରୀ ପରିଡା ବି.ରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ ।

ଦୁର୍ଗାପାଲି ଉଚ୍ଚ ବିଦ୍ୟାଳୟର ଛାତ୍ର ସୁଜ୍ଞାନ ପଟେଲ, ମହିମୁଣ୍ଡା ଉଚ୍ଚ ବିଦ୍ୟାଳୟର ଶିବ ନାରାୟଣ ସେଲମା, ପର୍ଥଲ୍ଲା ଉଚ୍ଚ ବିଦ୍ୟାଳୟର ରାଜଲକ୍ଷ୍ମୀ ମେଶ୍ରା, ବହଲପଦର ଉଚ୍ଚ ବିଦ୍ୟାଳୟର କ୍ରିଷ୍ଣକାନ୍ତ ନାଗ, ବୁବେଲ ଉଚ୍ଚ ବିଦ୍ୟାଳୟର ହିତେଶ ସାଏ ଓ କୁରୁଲ ଉଚ୍ଚ ବିଦ୍ୟାଳୟର ଅର୍ଚ୍ଚିତା ବିଶ୍ୱାଲଙ୍କ ପ୍ରକଳ୍ପ ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ପାଇଁ ଚୟନ ହୋଇଛି । ଶିକ୍ଷକ ପ୍ରମୋଦ ହୋତା, ବାସନ୍ତୀ ସାହୁ, ଦଧିବାବନ ବାଗ, ରଞ୍ଜୁ ପଟେଲ, ସବୁ ନାଗ, ଶୁକଦେବ ପଟେଲ, ରଘୁନାଥ ପଟେଲ, ନକୁଳ ନାଏକ ପ୍ରମୁଖ ସହଯୋଗ କରିଥିଲେ । ଜୟକୃଷ୍ଣ ନାଏକ ବିବରଣୀ ପଠନ କରିଥିବା ବେଳେ ନାରାୟଣ ମିଶ୍ର ସଂଯୋଜନା କରିଥିଲେ ।

## ବଲାଙ୍ଗିର ଦୁଲ୍‌ଦୁଲି କଳା ପରିଷଦ ସମ୍ମାନିତ

**ବଲାଙ୍ଗିର,୨୭ ।୧୧(ସମିସ):** ବଲାଙ୍ଗିର ଦୁଲଦୁଲି କଳା ପରିଷଦ ସମ୍ମାନିତ ହୋଇଛି । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଏକାଡେମୀ ଆୱାର୍ଡ-୨୦୨୫ ପାଇଁ କଳା କ୍ଷେତ୍ରରେ ବଲାଙ୍ଗିରର ଦୁଲ୍‌ଦୁଲି କଳା ପରିଷଦକୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ସେହିପରି ସ୍ୱରୁପା ସିଂଙ୍କୁ କବିଚନ୍ଦ୍ର କାଳିଚରଣ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ । ଅନ୍ୟତନ ଅତିଥି ଭାବେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ, ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇନଜୀବୀ, ସାମ୍ବାଦିକଙ୍କ ସହ ବହୁ ଅନୁଷ୍ଠାନ ସମ୍ମାନିତ



**କଣ୍ଟାବାଞ୍ଜି,୨୭ ।୧୧(ସମିସ):** କଣ୍ଟାବାଞ୍ଜି ସହରର ସମ୍ବିଧାନ ଛକ ସମ୍ମୁଖରେ ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ପକ୍ଷରୁ ୭୬ ସମ୍ବିଧାନ ଦିବସ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ ବିଧାୟକ ଲକ୍ଷଣ ବାଗ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଆୟୁବ ଖାନ, ମୁଖ୍ୟ ବକ୍ତା ଭାବେ ବରଗଡ଼ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଲଲାଟ ଲୁହା, ବିଜେଡ଼ି ନେତା ଗିରିରାଜ ସିଂହ ମାଝୀ, ବଙ୍ଗୋମୁଣ୍ଡା ସରପଞ୍ଚ ସଂଘ ସଭାପତି ଅଜିତ ଯୋଶୀ, କମିଟି ସଭାପତି ଅନୀଲ ବିଭାର, ସିନାପାଲି ରେଞ୍ଜର ରାମେଶ୍ୱର ତାଣ୍ଡି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଶ୍ମୀରଂଜନ ନାଗ ପ୍ରମୁଖ ମଞ୍ଚାସୀନ ଥିଲେ । କମିଟି ସମ୍ପାଦକ ରୋହନ ମହତ ସମ୍ବିଧାନ ଦିବସ ଉପରେ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ଆଇନଜୀବୀ ବ୍ରଜଶ୍ୟାମ ଗୁରୁ, ବିଷ୍ଣୁ ପ୍ରସାଦ ଶର୍ମା, ସହଦେବ ନାଗ, ସତ୍ୟନାରାୟଣ ରାଏଙ୍କ ସହ ଅନେକ ସଂଗଠନ ଓ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା । ଜିତେନ୍ଦ୍ର ଖୁରା, ତପନ ବଏ, ସଚିନ ବିଭାରୱ, ତୁଳସୀରାମ ଜଗତ, ମୋହନ ସୁନା, ଅନିଲ୍ ସିପକା, ରିସବ ଯାହା ନନ୍ଦ, ଛଟୁ ମାହାନନ୍ଦ, ମାଧବ ବଏ, ସନ୍ତୋଷ ଖୁରା, ଅନୁପ ଖୁରା ପ୍ରମୁଖ ଉପସ୍ଥିତ ଥିଲେ ।

## ଭାନପୁରରେ ଦାଦନ ସମସ୍ୟା ରୋକିବାକୁ ସଚେତନତା କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୨୭ ।୧୧(ସମିସ):** ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ କାର୍ଯ୍ୟାଳୟରେ ଦାଦନ ସମସ୍ୟା ରୋକିବାକୁ ପ୍ରଶାସନ ତରଫରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କିଭଳି ଗରିବ ଶ୍ରମିକ ପରିବାରକୁ ସରକାରୀ ଯୋଜନାରେ ଯୋଡ଼ାଯାଇପାରିବ ସେନେଇ ସଚେତନ କରାଯାଇଥିଲା । ସେମାନଙ୍କଠାରୁ ବିଭିନ୍ନ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା । ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ଏପିଓ ପ୍ରଶାନ୍ତ ସାହୁ, ସରପଞ୍ଚ ରିନା ଜାଲ, ପିଇଓ ମୋହନ ବେହେରା ପ୍ରୁଖ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ କିଛି ଦିନ ତଳେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଏହି ପଞ୍ଚାୟତର ତୁର୍ଲା ଗାଁକୁ ଆସିଥିବା ବେଳେ ଦାଦନ ଶ୍ରମିକ ପରିବାରକୁ ସରକାରୀ ଯୋଜନାରେ ସାମିଲ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

## ସଡ଼କ ସୁରକ୍ଷା ଓ ସାଇବର ସୁରକ୍ଷା କାର୍ଯ୍ୟକ୍ରମ

**ବଲାଙ୍ଗିର,୨୭ ।୧୧(ସମିସ):** ସାହାଜବାହାଲ ଜଗନ୍ନାଥ ଡିଗ୍ରୀ କଲେଜରେ ଅଧକ୍ଷ ଗୋବିନ୍ଦ ଭୋଇ ଏଥିରେ ଅଧକ୍ଷତାରେ ଯୁବ ରେଡକ୍ରସ ତରଫରୁ ସଡକ ସୁରକ୍ଷା ଓ ସାଇବର ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାଉନସିଲର ଶାନ୍ତନୁ ପାତ୍ର ସାଂପ୍ରତିକ ସମୟରେ ସାଇବର ଅପରାଧ, ହ୍ୟାକିଂ, ଡାଟା ଚୋରି ଦେଉଛି ବୋଲି କହିଥିଲେ । ଆମେ ସଚେତନ ରହିଲେ ତାହା ସୁରକ୍ଷିତ ରହି ପାରିବ ବୋଲି କହିଥିଲେ । ସେହିଭଳି ବଲାଙ୍ଗିର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଯୋଗଦେଇ ସଡକ ସୁରକ୍ଷାର ନୀତି, ନିୟମ ଅନୁସରଣ କରିବାକୁ କହିଥିଲେ । ସଡକରେ ଗାଡି ଚାଳନା ବେଳେ ନୀତିନିୟମ ପାଳନ, ବିଭିନ୍ନ ସଂକେତର ପାଳନ ଏବଂ ଡ୍ରାଇଭିଂ ଲାଇସେନ୍ସ ବିଷୟରେ ଅବଗତ କରାଯାଇଥିଲା । ଅଧ୍ୟାପକ କବିରାଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରୀୟ ସ୍କୁଲ ସମୂହ ଫୁଟ୍‌ବଲ ଫେନସିଂ ଓ ଥାଙ୍ଗଟା ଉଦ୍‌ଘାଟିତ

**ବଲାଙ୍ଗିର,୨୭ ।୧୧(ସମିସ):** ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ୬୯ତମ ରାଜ୍ୟସ୍ତରୀୟ ସ୍କୁଲ ସମୂହ ଫୁଟବଲ, ଫେନସିଂ ଓ ଥାଙ୍ଗ ଟା ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି । ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇଶଲୱାରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ସହକାରୀ ନିର୍ଦ୍ଦେଶକ (ଶାରୀରିକ ଶିକ୍ଷା) ଜ୍ୟୋତିପ୍ରସାଦ ପରିଡ଼ା, ବଲାଙ୍ଗୀର




ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ବଲାଙ୍ଗୀର ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଝାରୀ, ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ରାଜ୍ୟ ଫେନସିଂ ସଂଘ ଯୁଗ୍ମ ସଂପାଦକ ସୁମିତ କୁମାର ପୁରୋହିତ, ବଲାଙ୍ଗୀର ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୁଣନିଧି ମଲ୍ଲିକ, ଟିଟିଲାଗଡ଼ ଡିଏଭି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଶିବ ପ୍ରସାଦ ବେହେରା, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଦୁର୍ଯ୍ୟୋଧନ ରାଉତ ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡ଼ା ଶିକ୍ଷକ ହେମନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଧନ୍ୟବାଦ ଦେଇଥିଲେ । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟର ସବୁ ଜିଲ୍ଲାର ୫୫୭ ପ୍ରତିଯୋଗୀ, ୪୧ ଜଣ ଟିମ୍ ମ୍ୟାନେଜର, କୋଚ, ୧୦୩ ଜଣ ରାଜ୍ୟ ଖେଳ ପରିଚାଳକ, ୧୯୫ ଜଣ ଅଫିସିଆଲ ଯୋଗ ଦେଇଛନ୍ତି । ବଲାଙ୍ଗୀର ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ବ୍ଲକର ବିଇଓ, ପ୍ରଧାନ ଶିକ୍ଷକ ଓ ଜିଲ୍ଲାର ସମସ୍ତ କ୍ରୀଡ଼ା ଶିକ୍ଷକ, ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ନୂଆପଡ଼ା ସହରରେ ଭାଲୁ

**ନୂଆପଡ଼ା, ୨୭ ।୧୧ (ସମିସ):** ନୂଆପଡ଼ା ସହର ନିକଟବର୍ତ୍ତି ସାଲିହା ଜଙ୍ଗଲରେ ଶତାଧିକ ଭାଲୁ ରହୁଥିବା ବେଳେ ବନ ବିଭାଗର ଉଦାସୀନତା ଯୋଗୁଁ ଭାଲୁମାନେ ଆବଶ୍ୟକ ଖାଦ୍ୟପେୟ ଏବଂ ସୁରକ୍ଷା ପାଉନଥିବା ଅଭିଯୋଗ ହେଉଛି । ଫଳରେ ଜଙ୍ଗଲ ଛାଡି ସହର ମୁହାଁ ହେଉଥିବା ଦେଖାଯାଉଛି । ବୁଧବାର ରାତିରେ ନୂଆପଡ଼ା ସହର ଭିତରେ ମିନି ଷ୍ଟାଡିୟମରେ ଗୋଟିଏ ମାଈ ଭାଲୁ ସହ ଦୁଇଗୋଟି ଶାବକ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ପରେ ଗୁରୁବାର ସକାଳେ ମଧ ସହରର ମୁଖ୍ୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଘୁରି ବୁଲୁଥିବା ଦେଖି ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ । ଲୋକଙ୍କ ଚିତ୍କାର ଶୁଣି ଭାଲୁ ତିନୋଟି ଉଠା ଜଳ ସେଚନ ବିଭାଗ କାର୍ଯ୍ୟାଳୟ ପରିସରକୁ ଦୌଡ଼ି ପଳାଇଥିଲେ ।ସେଠାରୁ ସାଲେଭଟା ଗାଁ ନାଲା ଦେଇ ଜଙ୍ଗଲକୁ ଚାଲିଯାଇଥିଲା ।ବିଭାଗ ପକ୍ଷରୁ ଭାଲୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ଘଉଡାଇବାକୁ ପ୍ରୟାସ କରାଯାଇଥିଲା । ସୂଚନା ଯୋଗ୍ୟ ଯେ କିଛି ଦିନ ତଳେ



ଭାଲୁ ଦୁଇଟି ରେଳ ଷ୍ଟେସନରେ ବୁଲୁଥିଲେ । ଗତ ବର୍ଷ ଜିଲ୍ଲାପାଳଙ୍କ ନିବାସ କାର୍ଯ୍ୟାଳୟ ଭିତରେ ହଇ ଚଇ ସୃଷ୍ଟି କରିଥିଲେ । ଗତ ବର୍ଷ ପ୍ରାତଃ ଭ୍ରମଣରେ ଥିବା ଲୋକମାନଙ୍କୁ ସ୍ଥାନୀୟ ସ୍ମଶାନଘାଟ ନିକଟରେ ଭାଲୁ ଆକ୍ରମଣ କରିଥିବାରୁ ଆହତ ହୋଇ ଚିକିତ୍ସିତ ହୋଇଥିଲେ ।ଏହାକୁ ବନ ବିଭାଗ ଏହାକୁ ହାଲୁକା ଭାବେ ନ ନେଇ ଗୁରୁତର ସହ ବିଚାର କରିବା ଜରୁରୀ ହୋଇପଡ଼ିଛି । ଜିଲ୍ଲା ପାଳ ହସ୍ତକ୍ଷେପ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି ।

# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସମ୍ବିଧାନ ଦିବସ




**ଭବାନୀପାଟଣା, ୨୭ ।୧୧(ସମିସ):** ଭବାନୀପାଟଣା ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ପ୍ରଥମେ କଂଗ୍ରେସର ସମସ୍ତ କର୍ମକର୍ତ୍ତା ଜିଲ୍ଲପାଳଙ୍କ କାର୍ଯ୍ୟଳୟ ନିକଟରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସେଠାରୁ ପଦଯାତ୍ରାରେ ବାହାରି କଂଗ୍ରେସ ଭବନ ପର୍ଯ୍ୟନ୍ତ ଯାଇଥିଲେ । ଜିଲ୍ଲା ସଭାପତି ଜଳନ୍ଧର ନାଏକଙ୍କ ସଭାପତିତ୍ୱରେ କଂଗ୍ରେସ ଭବନରେ ଅନୁଷ୍ଠିତ ସଭାରେ ନେତାମାନେ ସମ୍ବିଧାନ ପ୍ରଣେତା ବାବାସାହେବଙ୍କୁ ସ୍ମୃତି ଚାରଣ କରିବାସହ ସମ୍ବିଧାନ ଦ୍ୱାରା ଗଣତନ୍ତ୍ରର ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଥିଲେ ।ଉକ୍ତ ସଭାରେ କଂଗ୍ରେସ ଦଳର ସମସ୍ତ ଛାମୁଆ ସଂଗଠନ ମହିଳା କଂଗ୍ରେସ, ଯୁବ କଂଗ୍ରେସ, ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ, ସେବାଦଳ, କୃଷକ ସେଲ, ଛାତ୍ର କଂଗ୍ରସ ସହ ଜିଲ୍ଲା କଂଗ୍ରେସ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଡଷ୍ଟବିନ୍‌ରେ ମା'ମାଣିକେଶ୍ୱରୀଙ୍କ ଚିତ୍ର

**ଭବାନୀପାଟଣା, ୨୭ ।୧୧ (ସମିସ):** ଭବାନୀପାଟଣା ପୌର ସଂସ୍ଥା ତରଫରୁ ପ୍ରତି ସରକାରୀ କାର୍ଯ୍ୟାଳୟ ଏବଂ ରାସ୍ତାଘାଟରେ ଅଳିଆ ଡବା ଯୋଗାଇ ଦିଆଯାଇଛି । ସେ ଅଳିଆଡବାରେ କଳାହାଣ୍ଡିର ଇଷ୍ଟ ଦେବୀ ମା'ମାଣିକେଶ୍ୱରୀ ମନ୍ଦିରର ଫଟୋ ରହିଛି ।ଏହି ଫଟୋକୁ ନେଇ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି ।ଆମେ ହିନ୍ଦୁ କହି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ରହୁଥିବା ହିନ୍ଦୁ ଭାଇଭଉଣୀ ନୀରବ କେତେକ ସାଧାରଣ ନାଗରିକ କହିଛନ୍ତି । ଆମେ ମାଣିକେଶ୍ୱରୀଙ୍କୁ ଆମ ଇଷ୍ଟଦେବୀ ଭାବେ ପୂଜା କରୁ । ଅଳିଆଡବାରେ ଫଟୋ ଥିବାରୁ ମା'ଙ୍କ ଉପରେ ଅପମାନ ସଦୃଶ । ତେଣୁ ଅଳିଆ ଡବାରୁ ତୁରନ୍ତ ମାଣିକେଶ୍ୱରୀଙ୍କ ଫୋଟୋ ହଟାଇବାକୁ ସାଧାରଣରେ ଦାବି ହୋଇଛି ।




## ନୂଆପଡ଼ାରେ ମଣ୍ଡି ଖୋଲିବାରେ ବିଳମ୍ବ

# ଓଡ଼ିଶା ଧାନ ଛତିଶଗଡ଼ ଚୋରା ଚାଲାଣ

**ସିନାପାଲି, ୨୭ ।୧୧(ସମିସ)**

ନୂଆପଡ଼ା ଜିଲ୍ଲାରେ ଖରିଫ ଧାନ ସଂଗ୍ରହରେ ବିଳମ୍ବ ହେଉଛି । କିନ୍ତୁ ପଡୋଶୀ ଛତିଶଗଡ଼ ରାଜ୍ୟରେ ଧାନ ସଂଗ୍ରହ ଆରମ୍ଭ ହୋଇ ସାରିଛି । ଏବେ ଓଡ଼ିଶାର ଧାନ ଛତିଶଗଡ଼ ରାଜ୍ୟକୁ ଚାଲାଣ ହେଉଛି ।ଗରିଆବନ୍ଦ ପ୍ରଶାସନ ଦ୍ୱାରା ଇତି ମଧ୍ୟରେ ୧୬ଟି ପିକ୍‌ଅପ ସହ ୩୫୪କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ଜବତ ହୋଇଛି । ଚଳିତ ଖରିଫ ଋତୁଧାନ ସଂଗ୍ରହରେ ନୂଆପଡ଼ା ଜିଲ୍ଲାରେ ଅହେତୁକ ବିଳମ୍ବ ହେଉଛି । ବର୍ତ୍ତମାନ ଜିଲ୍ଲାରେ ଅଧାରୁ ଅଧିକ ଧାନ ଅମଳ ହୋଇ ସାରିଛି ଏବେ ଛୋଟ ଓ ମଧ୍ୟମ କିସମ ଧାନ ଅମଳ ସମ୍ପୂର୍ଣ୍ଣ ସରିଛି । ବଡ କିସମର ଧାନ ଅଧା ଅମଳ ହୋଇ ସାରିଲାଣି । ଚଳିତ ବର୍ଷ ଜିଲ୍ଲାର ୫୧, ୨୫୩ ଜଣ ଚାଷୀ ଖରିଫ ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହୋଇଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଜିଲ୍ଲା ଧାନ ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି ବୈଠକ ହୋଇ ସାରିଛି । ଏବେ ଚାଷୀ ଧାନ ଅମଳ ପାଇଁ ପାରିଶ୍ରମିକ, ଟ୍ରାକ୍ଟର ଭଡ଼ା ଓ ଅମଳ ପାଇଁ ଥ୍ରେସର ମେସିନ, ଧାନ କଟା ମେସିନ ଟଙ୍କା ଦେବାକୁ ବାକି ରହିଛି । ଏବେ ଧାନ ବିକ୍ରି ହେଉନଥିବାରୁ ବହୁ ଅସୁବିଧାରେ ପଡୁଛନ୍ତି । ଫଳରେ ଚାଷୀ କଷ୍ଟ ଉପାର୍ଜିତ ଧାନ ଫସଲକୁ କମ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ସରକାରୀ ଭାବେ ଧାନର ସର୍ବନିମ୍ନ ସହାୟକ ମୁଲ୍ୟ ୩୧ଶହ ଟଙ୍କା ରହିଛି । କିନ୍ତୁ ଅନେକ ଗାଁରେ ଚାଷୀମାନେ ଅର୍ଥାଭାବ ହେତୁ ବାଧ




ହୋଇ ୧୮ଶହରୁ ୨ହଜାର ଟଙ୍କାରେ ବିକ୍ରି କରି ଶୋଷଣର ଶୀକାର ହେଉଛନ୍ତି । ଏହାର ସୁଯୋଗ ନେଇ ବେପାରୀମାନେ ଧାନକୁ କମ ଦରରେ କିଣି ଛତିଶଗଡ଼କୁ ଚାଲାଣ କରି ମାଲାମାଲ ହେଉଛନ୍ତି । ନୂଆପଡ଼ା ଜିଲ୍ଲାକୁ ପଡୋଶୀ ଛତିଶଗଡ଼ ରାଜ୍ୟ ସୀମାନ୍ତ ଲାଗିଛି । ଗତ ନଭେମ୍ବର ୧୫ରୁ ପଡୋଶୀ ଛତିଶଗଡ଼ ରାଜ୍ୟରେ ଧାନ ସଂଗ୍ରହ ଆରମ୍ଭ ହୋଇଛି । ଏହାର ସୁଯୋଗ ନେଇ ବେପାରୀମାନେ ନୂଆପଡ଼ା ଜିଲ୍ଲାରେ କମ ଦରରେ ଧାନ କିଣି ଛତିଶଗଡ଼ରେ ବିକ୍ରି କରି ମାଲାମାଲ ହେଉଛନ୍ତି । ନୂଆପଡ଼ା ଜିଲ୍ଲାର ଚାଷୀ ଶୋଷଣର ଶୀକାର

**ସୀମାନ୍ତରେ ଛତିଶଗଡ଼ ପ୍ରଶାସନର ଧରପଗଡ଼, ୧୫ ଦିନରେ ୧୬ ଚାରି ଚକିଆ ଗାଡ଼ି ସହ ୩୫୪ କୁଇଣ୍ଟାଲ ଧାନ ଜବତ**

ହେଉଛନ୍ତି । ଏବେ ଓଡ଼ିଶାର ଧାନ ରୋକିବାକୁ ଛତିଶଗଡ଼ ସୀମାନ୍ତରେ ଚେକଗେଟ୍ କରି ଯାଞ୍ଚ କରୁଛନ୍ତି । ନୂଆପଡ଼ା ଜିଲ୍ଲାର ଧାନ ସିନାପାଲି ପଟେ ଛତିଶଗଡ଼ ରାଜ୍ୟ ଗରିଆବନ୍ଦ ଜିଲ୍ଲାକୁ ପ୍ରବେଶ କରୁଛି । ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଧିଙ୍ଗିଆମୁଣ୍ଡା ଓ ଗରିଆବନ୍ଦ ଜିଲ୍ଲା ଦେଭୋଗ ଥାନା ତେତେଲଖୁଟି ଗାଁ ମଧ୍ୟସ୍ଥ ସୀମାନ୍ତରେ ଛତିଶଗଡ଼ ପ୍ରଶାସନ ଚେକଗେଟ ବସାଇଛି । ସେହିପରି ସିଙ୍ଘରେ-କୁସୁମଯୋର ରାସ୍ତା ସୀମାନ୍ତ, କନ୍ଦାମୁଣ୍ଡା ସୀମାନ୍ତ, ତାଳକୋଟ ରାସ୍ତା ସୀମାନ୍ତ ରେ ଚେକ୍ ପୋଷ୍ଟ ଲାଗି ଧର ପଗଡ଼ ଚାଲୁଥିବା ବେଳେ ଓଡ଼ିଶା ପ୍ରଶାସନ ବେଫିକର ହାତ ବାନ୍ଧି ବସିଛି । ଯାହା ଫଳରେ ବେଧଡକ ଛତିଶଗଡ଼କୁ ଚୋରା ଚାଲାଣ ହେଉଛି । ଯାହା କଳାବେପାରୀଙ୍କ ରାଜ ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଗତ ୨୩ ତାରିଖ ଦିନ ଧିଙ୍ଗିଆମୁଣ୍ଡ-ତେତେଲଖୁଣ୍ଟି ଚେକପୋଷ୍ଟରେ ଦୁଇଟି ପିକଅପ୍ ନଂଓଡି୦୮ଇ-୯୧୮୭ ଏବଂ ଓଡି୦୮ବି-୭୬୭୫) ରେ ୧୧୫ ବସ୍ତା (୪୬କୁଇଣ୍ଟାଲ) ବେଆଇନ ଚୋରା ଚାଲାଣ ଧାନକୁ ଗରିଆବନ୍ଧ ପୁଲିସ ଜବତ କରିଥିବା ବେଳେ ଏହି ଧାନର ମୂଲ୍ୟ ୧ଲକ୍ଷ ୪୨ହଜାର ୬ଶହ ଟଙ୍କା ଆକଳନ ହୋଇଛି । ସେହିପରି ଗତ ୧୫ ଦିନରେ ଗରିଆବନ୍ଧ ଜିଲ୍ଲା ପୁଲିସ ବେଆଇନ ଧାନ ପରିବହନ ଓ ବିକ୍ରୟରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୧୬ଟି ଚାରିଚକିଆ ଗାଡ଼ି ସହ ୩୫୪.୮ କୁଇଣ୍ଟାଲ ଧାନ ଜବତ କରିଛି । ଏହି ଜବତ ଧାନର ମୂଲ୍ୟ ୧୦ଲକ୍ଷ ୯ ୯ହଜାର ୮୮୦ଟଙ୍କା ଆକଳନ ହୋଇଛି ।

# ଓଢ଼ଣୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

**ଥୁଆମୂଳରାମପୁର, ୨୭ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା କାଣିଗୁମା ପଞ୍ଚାୟତର ପଲାଡୁମେର୍ ଗ୍ରାମର ଜଣେ ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ସାମ୍ନାକୁ ଆସିଛି । ଗ୍ରାମର ନିର୍ବାଚିତ ସ୍ୱାର୍ଡ ମେମ୍ବର ତଥା ନାଏବ ସରପଞ୍ଚ ଦାୟିତ୍ୱରେ ଥିବା କାରୁମ୍ ମାଝୀ (୪୫) ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଥିବା ନେଇ ଗୁରୁବାର ଥୁଆମୂଳରାମପୁର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଣିଛନ୍ତି ମୃତକଙ୍କ ମାଆ ଟିପାଙ୍ଗ ଦେଇ । ଏପଟେ ସ୍ୱାମୀ ସାନ ମାଝୀ ଦାଦନ ଖଟି ଯାଇଥିବା ବେଳେ ତାଙ୍କର ଦୁଇ ନାବାଳକ ପୁଅ ପାଠ ପଢ଼ିବା ପାଇଁ ହଷ୍ଟେଲରେ ରହୁଛନ୍ତି । ଘରେ ଆଉ କେହି ନଥିବା ବେଳେ କ'ଣ ପାଇଁ ଆତ୍ମହତ୍ୟା କରିଛନ୍ତି କାରଣ ଅସ୍ପଷ୍ଟ । ଘଟଣାସ୍ଥଳରେ ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠ୍ ଓ ତାଙ୍କ ଟିମ୍ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି । ପରେ ଶବ ବ୍ୟବଚ୍ଛେଦ ପାଇଁ ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ପରେ ସମ୍ପର୍କୀୟଙ୍କୁ ଶବ ହସ୍ତାନ୍ତର କରିଛି ପୋଲିସ । ପୁଲିସର ସୂଚନା ଅନୁଯାୟୀ ବୁଧବାର ରାତିରେ ଘରେ କେହି ନଥିବା ବେଳେ ଘଟଣା ଘଟିଥିବା ଜଣାପଡ଼ିଛି । ଏନେଇ ଥୁଆମୂଳ ରାମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**କର୍ଲାମୁଣ୍ଡା, ୨୭ ।୧୧(ସମିସ):** କର୍ଲାମୁଣ୍ଡା ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ତଥା ଇକୋ କ୍ଲବ ପ୍ରଦର୍ଶନୀ ରିଷିଡାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମୁଖ୍ୟଅତିଥି, ରିଷିଡା ସରପଞ୍ଚ ସେବତୀ ରଣା, କ'ଜୋନ ଜିଲ୍ଲାପରିଷଦ ସଭ୍ୟ ମହେନ୍ଦ୍ର ରଣା, ଏସ୍‌ଏମସି ସଭାପତି ରାଧାକାନ୍ତ ସେଠ, ଏସଏମସିର ପୂର୍ବତନ ସଭାପତି ନେମିଚାନ୍ଦ ଜୈନ, ବାପୁଜୀ ହାଇସ୍କୁଲ ପ୍ରଧାନଶିକ୍ଷକ ଦିପ୍ତିମୟୀ ଦୋରା, ତେରେସିଂହା ହାଇସ୍କୁଲ ପ୍ରଧାନଶିକ୍ଷକ ଗରୁଡଧ୍ୱଜ ଗହୀର, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ରିଷିଡା ସିଆରସିସି ବିଶିକେସନ ସୁନା, କର୍ଲାମୁଣ୍ଡା ହାଇସ୍କୁଲ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ବିଏସଆରସି ସଭାପତି ଲଳିତ ମୋହନ ସାହୁ, ସମ୍ପାଦକ ସଞ୍ଜିବ କୁମାର ନାଗ, ରିଷିଡା ସରକାରୀ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ ବାଗ ସମ୍ମାନିତ ଅତିଥି ଭାବେ ଯେଗା ଦେଇଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ଜୟନ୍ତୀ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ବାପୁଜୀ ହାଇସ୍କୁଲ ଛାତ୍ରୀ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ।ପ୍ରଦର୍ଶନୀରେ ୧୪୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ତନ୍ମଧ୍ୟରୁ ବରିଷ୍ଠ ବିଭାଗରେ ୬୦ଟି ପ୍ରକଳ୍ପ ରହିଥିଲା । ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ୭ଟି ସବ ଥିମର ୭ଜଣ ଟପ୍ପର ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ଯିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ସେମାନେ ହେଲେ ଏସମାଲପଡ଼ା ହାଇସ୍କୁଲ ଜଗା ସାହୁ, ରେଗଡ଼ା ହାଇସ୍କୁଲ ର କାହ୍ନା ସୁନା, ରିଷିଡା ସରକାରୀ ହାଇସ୍କୁଲର ହିତାଂଶୁ ଗହୀର, ଟକାରୁମାଲ ଉ.ପ୍ରା ବିଦ୍ୟାଳୟର ମୋହିତ ସାହୁ, ସାପଲହରା ହାଇସ୍କୁଲ ତନ୍ମୟୀ ସାହୁ, କର୍ଲାମୁଣ୍ଡା ହାଇସ୍କୁଲର ସୀତୁ ସାହୁ ଓ ରିଷିଡା ବାପୁଜୀ ହାଇସ୍କୁଲର ଅପର୍ଣ୍ଣା ସାହୁ । ସେହିପରି ଇକୋ କ୍ଲବ ପ୍ରଦର୍ଶନୀରେ ଏସମାଲପଡ଼ା ହାଇସ୍କୁଲର ଦେବାଶିଷ ସାହୁ ପ୍ରଥମ, ଏସମାଲପଡ଼ା ହାଇସ୍କୁଲର ଆଦର୍ଶ କୁମାର ସାହୁ ଦ୍ୱିତୀୟ, ରିଞ୍ଜା ହାଇସ୍କୁଲର ଜ୍ୟୋତିର୍ମୟୀ ସାହୁ ତୃତୀୟ, ରିଷିଡା ବାପୁଜୀ ହାଇସ୍କୁଲ ମୁସ୍କାନ ସୁନା, ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ବରିଷ୍ଠ ବିଭାଗରେ ରିଷିଡା ସରକାରୀ ହାଇସ୍କୁଲର ଆଦିତ୍ୟ ରଣା ପ୍ରଥମ, ବାଞ୍ଜିପଦର ହାଇସ୍କୁଲର କେତକୀ ବାଗ ଦ୍ୱିତୀୟ ଓ ଡେଜି ବାଗ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବିଭାଗରେ ବାପୁଜୀ ହାଇସ୍କୁଲର ସାଇନା କୁମାର ପ୍ରଥମ, ସରକାରୀ ହାଇସ୍କୁଲ ର ସିହାନ ନାଗାଦତ୍ୟ ଦ୍ୱିତୀୟ, ନିମିସ୍ମିତା ରଣା ତୃତୀୟ ସ୍ଥାନ ଅଧିକାର କରିଥିଲେ । ସବଜୁନିୟର ଗ୍ରୁପରେ କନ୍ଧପଡ଼ା ପ୍ରାଥମିକ ବିଦ୍ୟାଳୟର ରଚନା ରଣା ପ୍ରଥମ, ତେରସିଂହା ବସ୍ତି ପ୍ରାଥମିକ ବିଦ୍ୟାଳୟର ପାୟଲ ରଣା ଦ୍ୱିତୀୟ, ଯମୁନାପୁର ପ୍ରାଥମିକ ବିଦ୍ୟାଳୟର ଆଶିଷ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଚାରକ ଭାବେ ମହୋନଗିରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିମଳ ସୁନା, ଭୀମକେଲା ହାଇସ୍କୁଲର ରାଜୀବ କିଶୋର ଦାସ, ବେଲଖଣ୍ଡି ହାଇସ୍କୁଲ ତପନ କୁମାର ଭୋଇ, ଆମପାଲି ହାଇସ୍କୁଲର ଚକ୍ରଧର ବାଗ ଯୋଗଦେଇଥିଲେ । ଉଦ୍‌ଯାପନୀ ସମାରୋହରେ ବିଇଓ ବାଞ୍ଛାନିଧି ପଣ୍ଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଜିଲ୍ଲାବିଜ୍ଞାନ ନିରୀକ୍ଷକ ସୁଷ୍ମନ୍ତ ଶେଖର ପାଢ଼ୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ଜେନା, ଏସଏମସି ସଭାପତି ରାଧାକାନ୍ତ ସେଠ ସମ୍ମାନିତ ଅତିଥି ଭାବରେ ଯୋଗାଦେଇଥିବା ବେଳେ ଗୋଲାମୁଣ୍ଡା ସର୍ବମଙ୍ଗଳା ଡିଗ୍ରୀ କଲେଜର ରାସାୟନିକବିଭାଗ ଅଧ୍ୟାପକ ନବକୃଷ୍ଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ଶ୍ରେଷ୍ଠ ଗାଇଡ୍ ଶିକ୍ଷକ ଭାବରେ ମାଧ୍ୟମିକସ୍ତରରେ ରିଞ୍ଜା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସୁରେଶ ଚନ୍ଦ୍ର ମିଶ୍ର ଓ ପ୍ରାଥମିକ ସ୍ତରରେ କଣ୍ଡରେଇ ପ୍ରାଥମିକ ବିଦ୍ୟାଳୟର ଛବିଳ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହିତ ଗତବର୍ଷ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ବାପୁଜୀ ହାଇସ୍କୁଲର ଅମନ କୁମାର ସାହୁ ଓ ଚଳିତବର୍ଷ ରାଜ୍ୟସ୍ତରୀୟ ସୁରଭି ମହୋତ୍ସବରେ ତୃତୀୟ ସ୍ଥାନ ଅଧିକାର କରିଥିବା ସରକାରୀ ହାଇସ୍କୁଲ ରିଷିଡାର ଟିଙ୍କ୍‌ୱିଲ ସୁନାକୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା ।




# ସମ୍ବିଧାନ ଦିବସ ପାଳିତ

**ମ.ରାମପୁର, ୨୭ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ତରଫରୁ ବ୍ଲକ ସଭା ଗୃହରେ ସମ୍ବିଧାନ ଦିବସ ପାଳିତ ହୋଇ ଯାଇଛି । ବିଡିଓ ଶରତ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ସୁମନ୍ତ ମାଝୀ, ସମ୍ମାନିତ ବକ୍ତା ଅଧ୍ୟାପକ ରଜନୀକାନ୍ତ ଗୋଛାୟତ, ସମ୍ମାନିତ ଅତିଥି ଏଇଇ ବଳ ବିନ୍ଦର ସିଂ ଯାଦବ, ଏବିଡିଓ ଲକ୍ଷ୍ମଣ ପଧାନ ଉପସ୍ଥିତ ରହି ସମ୍ବିଧାନ ଦିବସ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭ ରେ ଆମ୍ବେଦକରଙ୍କ ଫୋଟୋ ଚିତ୍ର ରେ ପୂଜାର୍ଚ୍ଚନା କରା ଯାଇଥିଲା । ସାମ୍ବାଦିକ ହେମନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏହି ଅବସରରେ ସମ୍ବିଧାନଙ୍କୁ ସମ୍ମାନ ଦେବାକୁ ଶପଥ ପାଠ କରାଯାଇଥିଲା । ପଞ୍ଚାୟତିରାଜ ସଦସ୍ୟଙ୍କ ତରଫରୁ ସମିତି ସଭ୍ୟ ଗୋକୁଳାନନ୍ଦ ବିଶ୍ୱାଳ ବକ୍ତବ୍ୟ ରଖିଥିଲେ । ସୁଧୀର କୁମାର ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଜିପିଡିଓ କୁଳମଣି ସିଂହ ରାୟ, ଡ୍ୟୁଇଓ ଶ୍ୟାମ ସୁନ୍ଦର ନାଏକ, ପିରାମଲ୍ ଫାଉଣ୍ଡେସନର କର୍ମୀ ସୁଶ୍ରୀ ଉପାସନା ରାୟ ଓ ବ୍ଲକ କର୍ମଚାରୀମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ଗାତିବେଡ଼ାରେ ମାଣ୍ଡିଆ କ୍ଷେତ୍ର ଦିବସ

**ନୂଆପଡ଼ା/କୋମନା, ୨୭ ।୧୧ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟର ଗାତିବେଡାଠାରେ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମରେ ସ୍ୱେଚ୍ଛା ସେବୀ ସଂଗଠନ ସିପିଏସଡବ୍ଲୁ କେନ୍ଦୁଭଟାଙ୍କ ତତ୍ତ୍ୱାବଧାନରେ ମାଣ୍ଡିଆ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି । ଉକ୍ତ କ୍ଷେତ୍ର ଦିବସରେ ମୁଖ୍ୟଅତିଥି ଭାବରେ ଉପଜିଲ୍ଲା କୃଷି ଅଧିକାରୀ ସୋମନାଥ ପାତ୍ର, ରିଜିଓନାଲ କୋଅର୍ଡିନେଟର ଉଦୟ ମଣ୍ଡଳ, ସ୍ୱେଚ୍ଛାସେବୀ ସଂଗଟନ ସିପିଏସଡ଼ବ୍ଲୁର ମୁଖ୍ୟ କାର୍ଯ୍ୟନିର୍ବାହୀ ବିରଞ୍ଚି ନାରାୟଣ ମହାପାତ୍ର, ଜିଲ୍ଲା ସଂଯୋଜକ ନରସିଂହ ଜଗତ ଓ ଶତାଧିକ ମିଲେଟ ଚାଷୀ ଉପସ୍ଥିତ ଥିଲେ । ଅତିଥିମାନେ ଉଦ୍‌ବୋଧନ ଦେଇ ମିଲେଟ ଚାଷ ଦ୍ୱାରା ପରିବେଶର ସନ୍ତୁଳନ ତଥା ଖାଇବା ଦ୍ୱାରା ଶରୀରର ଉପକାରିତା ଓ ଆଗାମୀ ଦିନରେ ହେବାକୁ ଥିବା ମାଣ୍ଡିଆ ମଣ୍ଡି ବିଷୟ ରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମକୁ ଶ୍ରୀଅନ୍ନ ଅଭିଯାନ ଓ ସ୍ୱେଚ୍ଛା ସେବୀ ସଂଘଟନ ସିପିଏସଡବ୍ଲୁ, କେନ୍ଦୁଭଟାର ବ୍ଲକ ସଂଯୋଜକ ଉଦେମଣି ନିଆଲ ଓ ଗୌତମ ଦୁରିଆ ପ୍ରମୁଖ ପରିଚାଳନା କରିଥିଲେ ।

# ସିନାପାଲିରେ କୁଷ୍ଠ ଚିହ୍ନଟ ଶିବିର

**ସିନାପାଲି, ୨୭ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ବ୍ୟାପି ଗତ ୧୭ ତାରିଖ ରୁ କୁଷ୍ଠ ରୋଗ ନିରାକରଣ ଅଭିଯାନ ଆରମ୍ଭ ହୋଇସାରିଛି ଯାହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସିନାପାଲି ଅନ୍ତର୍ଗତ ଟିମନପୁର, ରାଣିମୁଣ୍ଡା, ଗୋବିନ୍ଦପୁର ଗଡ଼ରାମାଳ, ଛୋଟ ଡର୍ଲିପଡ଼ା, କୁଳିଆଡୋଙ୍ଗରୀ, ମହାଗାଁ ଠାରେ କୁଷ୍ଠରୋଗ ନିରାକରଣ ପାଇଁ କୁଷ୍ଠ ରୋଗୀ ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲ । ଉକ୍ତ କାର୍ଯ୍ୟକ୍ରମରେ କୁଷ୍ଠ ରୋଗ ନିରାକାରଣ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତନ୍ମୟ ତ୍ରିପାଠୀ ଏବଂ ଡିଏଲସି ଅନିତା ସାହୁ ଉପସ୍ଥିତ ରହି ସନ୍ଦେହ ଥିବା ଲୋକଙ୍କ ପରୀକ୍ଷା କରିଥିଲେ । ସେଥିରୁ ୮ଜଣ କୁଷ୍ଠ ରୋଗୀ ଚିହ୍ନଟ କରାଯାଇଥିବା ବେଳେ ଔଷଧ ପ୍ରଦାନ କରାଯାଇଥିଲା ।ମହାଗାଁ ଉଚ୍ଚ ବିଦ୍ୟାଳୟ ଏବଂ ଛୋଟ ଡର୍ଲିପଡ଼ା ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ତନ୍ମୟ ତ୍ରିପାଠୀ ଛାତ୍ର ଛାତ୍ରୀଙ୍କୁ କୁଷ୍ଠ ରୋଗ ନିରାକରଣ ବିଷୟରେ ସଚେତନତା କରିଥିଲେ ।

# ଗୋଲାମୁଣ୍ଡାରେ କୁରାଳ ପୂଜା

**ଗୋଲାମୁଣ୍ଡା, ୨୭ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରୀତିନୀତି ଅନୁଯାୟୀ କୁରାଳ ପଞ୍ଚମୀ ପୂଜା ଅନୁଷ୍ଠିତ ହୋଇଛି । କଳସ ଯାତ୍ରା ସମୟରେ ଶତାଧିକ ମହିଳା ସାମିଲ ହୋଇ ହୁଳ ହୁଳି ହରିବୋଲ ଶଙ୍ଖ ଘଣ୍ଟ ନାଦରେ ପୋଖରୀ ତୁଠରୁ ପୂଜକଙ୍କ ମନ୍ତ୍ରପାଠ ପରେ ପାଣି ଉଠାଇ ପୂଜା ମଣ୍ଡପରେ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ପୂଜା ୨୭ ତାରିଖରେ ଶେଷ ହେବ ବୋଲି କମିଟି ପକ୍ଷରୁ ପ୍ରକାଶ ପାଇଛି । ଦୁର୍ଗେଶ୍ୱର ରଣା ସଭାପତି କାର୍ଯ୍ୟନିର୍ବାହ କରିଥିବା ବେଳେ ସମ୍ପାଦକ ଭାବରେ କୁମର ରଣା ତୁଲାଇଥିଲେ । ଶୁକଦେବ ମୁଣ୍ଡ ପୂଜକ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ସୁଦୂର ରାଜ୍ୟ ଛତିଶଗଡ଼ର ଡିଙ୍ଗର ପାଣ୍ଡେ ପୁରାଣ ପାଠକ ରୂପେ ଯୋଗ ଦେଇଛି । ପୂଜାରେ ଘନଶ୍ୟାମ ରଣା ଏବଂ ତାଙ୍କ ଧର୍ମପତ୍ନୀ ଗୌରୀ ରଣା କର୍ତ୍ତା କାର୍ଯ୍ୟ ତୁଲାଇଥିଲେ ବେଳେ ଯୁବଗୋଷ୍ଠୀ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

## କିଡିଙ୍ଗ-ମାଡିବନ୍ଧା-ମାହେଶ୍ୱରୀପୁର ପୋଲ ଓ ରାସ୍ତା ନିର୍ମାଣ

# ମନ୍ଥର ଗତିରେ ଚାଲିଛି, ୨ ବର୍ଷ ପରେ ବି ସରୁନି କାମ

**ଲାଞ୍ଜିଗଡ଼, ୨୭ ।୧୧(ସମିସ)**

ଲୋକଙ୍କ ବହୁ ଦାବି ରାସ୍ତାରୋକ ଆନ୍ଦୋଳନ ପରେ ପୋଲ ଓ ରାସ୍ତା ଖଣ୍ଡିକ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପ୍ରକଳ୍ପ ପ୍ରସ୍ତୁତି ଓ ଅନୁଦାନ ରାଶି ଘୋଷଣା ପରେ ବିଧାୟକ ଆସି ଭୂମିପୂଜା କରିଥିଲେ । ଏହାପରେ ଜଣେ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାର ଟେଣ୍ଡର ପାଇବା ସହିତ କାମ ଆରମ୍ଭ କରିଥିଲେ । ସମୁଦାୟ ୬ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ଓ ପୋଲ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । ଭବାନୀପାଟଣା ରାୟଗଡ଼ା ରାଜ୍ୟ ରାଜପଥ କିଡ଼ିଙ୍ଗ ଛକରୁ ମାଡ଼ିବନ୍ଧା ଭାୟା ମାହେଶ୍ୱରୀପୁର-ଲାଞ୍ଜିଗଡ଼ରୋଡ଼ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସହିତ ମାଡ଼ିବନ୍ଧା-ମାହେଶ୍ୱରୀପୁର ସାନ୍ଦୁଲ ନଦୀରେ ସୁଉଚ୍ଚ ପୋଲ ନିର୍ମାଣ ପାଇଁ ଏଥିରେ ପ୍ରାବଧାନ ରହିଛି । କିନ୍ତୁ ଦୁଃଖ ଓ କ୍ଷୋଭର ବିଷୟ ହେଲା, ଦୁଇବର୍ଷରୁ ଅଧିକ ସମୟ ହେଲା କେବଳ ସାନ୍ଦୁଲ ନଦୀ ଉପରେ ପୋଲ ନିର୍ମାଣ କାମ ଧୀରମନ୍ଥର ଗତିରେ ଚାଲିଥିବା ବେଳେ ବିଳମ୍ବକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପୋଲ ନିର୍ମାଣ ନାମରେ କୋଟିକୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ ଏହି ପୋଲର ଉଚ୍ଚତା ଆବଶ୍ୟକ ଉଚ୍ଚତାରୁ ଯଥେଷ୍ଟ କମ୍ ଥିବା ଲୋକେ ଅଭିଯୋଗ କରିଛନ୍ତି । ନିର୍ମାଣାଧିନ ଏହି ପୋଲର ସ୍ଥାୟିତ୍ୱତାକୁ ନେଇ ମଧ୍ୟ ଲୋକେ ପ୍ରଶ୍ନ ଉଠାଇଛନ୍ତି ।ଏପରିକି ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ଏହାର ତଦାରଖ ଦାୟିତ୍ୱ ଥିବାବେଳେ ବିଭାଗର କୌଣସି ଅଧିକାରୀ ଓ ଯନ୍ତ୍ରୀ କାମକୁ ଠିକ୍ ଭାବେ ତଦାରଖ କରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ପୋଲ ସହିତ ରାସ୍ତା ନିର୍ମାଣର ନିର୍ଦ୍ଦେଶ ଥିବାବେଳେ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଆଜି ପର୍ଯ୍ୟନ୍ତ ରାସ୍ତାରେ ମାଟି ମୁଠାଏ ସୁଦ୍ଧା ପକାଇନାହାନ୍ତି । ସୂଚନାଯୋଗ୍ୟ, ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତର କିଡ଼ିଙ୍ଗ ଓ ମାଡ଼ିବନ୍ଧା ଗାଁକୁ ପଞ୍ଚାୟତ କାର୍ଯ୍ୟାଳୟ ସହିତ ଯୋଡିଥାଏ କିଡିଙ୍ଗ-ମାଳିବନ୍ଧା-ମାହେଶ୍ୱରୀପୁର ରାସ୍ତା ଦୀର୍ଘ ବର୍ଷ ହେଲା ଏହା ବ୍ୟାପକ ଖାଲଢିପ, ଧୂଳିଧୂସରିତ ହୋଇ ପଡ଼ି ରହିଥିବାବେଳେ ସାନ୍ଦୁର ନ୍ଦୀ ଏହି ଗାଁଗୁଡିକ ପାଇଁ ଦୁଃଖର କାରଣ ପାଲଟିଛି । ବର୍ଷା ଦିନେ ସାନ୍ଦୁଲ ନ୍ଦୀରେ ପାଣି ଭରିଯିବା ପରେ ଉଭୟ ଗାଁର ଲୋକେ ବିଶେଷ କରି ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା, ରୋଗୀ ତଥା ଜନସାଧାରଣ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ପୋଲ ନିର୍ମାଣକୁ ତ୍ୱରାନ୍ୱିତ କରିବା ସହିତ ରାସ୍ତା ନିର୍ମାଣ ଆରମ୍ଭ କରାଯିବାକୁ ସାଧାରଣରେ ଦାବି ହେଉଛି । ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଭଗବାନ ଗଉଡ଼ଙ୍କୁ ପଚାରିବାରୁ ପୋଲ କାମ ଦେଢ଼ ମାସ ମଧ୍ୟରେ ସାରିବୁ । ରାସ୍ତା କାମ କିଛି ଦିନ ହୋଇଛି ସେଙ୍କ୍ସନ ହେଲା ବୋଲି ପ୍ରକାଶ କରିଥିଲେ ।କଳାହାଣ୍ଡି ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



## ବାରମ୍ବାର ଦାବି ପରେ ବି ଶୁଣିଲାଣି ପ୍ରଶାସନ

# ରାସ୍ତା ମରାମତି ପାଇଁ ଅଣ୍ଟା ଭିଡିଲେ ଚାଷୀ

**କୋକସରା, ୨୭ ।୧୧(ସମିସ):** ବାରମ୍ବାର ଦାବି ପରେ ବି ଶୁଣିଲେନି ପ୍ରଶାସନିକ ଅଧିକାରୀ କିମ୍ବା ନିର୍ବାଚିତ ଜନ ପ୍ରତିନିଧି । ଶେଷରେ ଚାଷ ଜମି ରାସ୍ତା ମରାମତି ପାଇଁ ଅଣ୍ଟା ଭିଡିଲେ କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଆଁଇଲି ଗ୍ରାମର ଚାଷୀ ଓ ଗ୍ରାମବାସୀ । ଆଁଇଲିଗ୍ରାମ ହେଉଛି ଏକ କୃଷି ବହୁଳ ଗ୍ରାମ । ଏହି ଗ୍ରାମର ଅଧିକାଂଶ ଲୋକ ଚାଷ ଉପରେ ଜୀବନ ଜୀବିକା ନିର୍ବାହ କରୁଥିବାବେଳେ ଚାଷିଙ୍କ ଚାଷଜମିକୁ ସଂଯୋଗ କରୁଥିବା ଚିକିଲିମାଳ ରାସ୍ତା ଅତି ଶୋଚନୀୟ ଓ ଖାଲଖମା ଅବସ୍ଥାରେ ରହିଥିଲା । ବର୍ତ୍ତମାନ ଚାଷ ଜମିକୁ ଟ୍ରାକ୍ଟର କିମ୍ବା ଧାନ କଟା ମେସିନ ଯିବାରେ ଅସୁବିଧା ଭୋଗିବାକୁ ପଡୁଛି । ଆଁଇଲିଗ୍ରାମର ଚାଷୀମାନେ ଅନେକ ସମୟରେ ସ୍ଥାନୀୟ ଲଡୁଗାଁ ପଞ୍ଚାୟତ ସରପଞ୍ଚ ଓ ଅଧିକାରୀଙ୍କୁ ଅଭିଯୋଗ କରିବା ସହ ପଞ୍ଚାୟତ ଅନୁଦାନରେ ଉକ୍ତ ରାସ୍ତା ନିର୍ମାଣ କରିବାକୁ ଦାବି କରି ଆସୁଛନ୍ତି । କିନ୍ତୁ ଅନୁଦାନ ନଥିବା ଦର୍ଶାଇ ପଞ୍ଚାୟତ କର୍ତ୍ତୃପକ୍ଷ ରାସ୍ତା ନିର୍ମାଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗ୍ରାମର ଚାଷୀମାନେ ନିଜେ ପରିଶ୍ରମ କରି ଓ ଜେସିବି ଟ୍ରାକ୍ଟର ଲଗାଇ ପ୍ରାୟ ୨ କିମି ରାସ୍ତା ମରାମତି କରୁଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟରେ ଚାଷି ସୁବ୍ରତ କୁମାର ସାହୁ, ରସିକ ଲାଲ ମାଝୀ, କୁଳମଣି ସାହୁ, ଭାରତ ରାଉତ, ନୀଳମାଧବ ସାହୁ, ମୀନକେତନ ମାଝୀ, ଜୀମୂତ ବାହାନ ମାଝୀ, ଚିତ୍ତ ରଞ୍ଜନ ସାହୁ ସମେତ ଗ୍ରାମବାସୀ ମିଳିତ ସହଯୋଗରେ ଗାଡିମୋଟର ଓ ପରିଶ୍ରମ କରି ରାସ୍ତା ରେ ମୁରୁମ ଦେଇ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି ।



# ସମ୍ପାଦକୀୟ



ଯଦି ଜନତାଙ୍କୁ ମତାଧିକାର ସାବ୍ୟସ୍ତ କରିବାର ପୂର୍ଣ୍ଣ କ୍ଷମତା ଦିଆଯାଏ, ତେବେ ଶାସନ ବ୍ୟବସ୍ଥା ଏକ ଉଚ୍ଚତର ସୋପାନରେ ପହଞ୍ଚିବ ।
-ମାର୍କ ଜୁକରବର୍ଗ

ସକାଳ THE SAKALA

## ପ୍ରଭାବହୀନ କୋପ୍ ୩୦

ବ୍ରାଜିଲ୍‌ର ବେଲମ୍‌ଠାରେ ଗତସପ୍ତାହରେ ସମାପ୍ତ ଜଳବାୟୁ ଶିଖର ସମ୍ମିଳନୀର ୩୦ତମ ଅଧିବେଶନ(କୋପ୍‌୩୦) ପୁଣି ଥରେ ଚକ୍ଷୁକୁଟା ପ୍ରହସନରେ ପରିଣତ ହୋଇଛି । ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ, କ୍ରମବର୍ଦ୍ଧିଷ୍ଣୁ ବିଶ୍ୱ ତାପମାନ ନିୟନ୍ତ୍ରଣ ଲକ୍ଷ୍ୟ ପ୍ରାୟତଃ ଗୁରୁତ୍ୱ ହରାଇଥିବା ବେଳେ କେବଳ ଉପରଦେଖାଣିଆ ଭାବରେ ଜଳବାୟୁ ପାଣ୍ଠି ପରିମାଣ ବୃଦ୍ଧି ଉପରେ ସକାରାତ୍ମକ ମତୈକ ପ୍ରକାଶ ପାଇଛି । ପରିବେଶ ପ୍ରଦୂଷଣରେ ସର୍ବାଧିକ ପ୍ରଭାବିତ ବିକାଶଶୀଳ ଓ ଅନୁନ୍ନତ ଦେଶମାନଙ୍କ ପ୍ରତି ସର୍ବାଧିକ ପ୍ରଦୂଷଣ ସୃଷ୍ଟିକାରୀ ବିକଶିତ ଦେଶମାନଙ୍କର ଉତ୍ତରଦାୟିତ୍ୱ ବୃଦ୍ଧି ନେଇ କୋପ୍‌୩୦ରେ ଘୋଷଣା ହୋଇପାରେ ବୋଲି ଆଶା କରାଯାଉଥିବା ବେଳେ ସେଥିରେ ମଧ୍ୟ ନିରାଶ ହେବାକୁ ପଡ଼ିଛି । ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ମୁଖ୍ୟକାରଣ ଉପରେ ଧ୍ୟାନ କେନ୍ଦ୍ରିତ ନ କରି ସବୁଜ ଗୃହ ବାଷ୍ପ ସୃଷ୍ଟିକାରୀ ସାମଗ୍ରୀର ଆମଦାନୀ ଉପରେ ଅଧିକ ଶୁଳ୍କ ଲାଗୁ କରିବା ପାଇଁ କୋପ୍ ୩୦ରେ ସଂକଳ୍ପ ଆଗତ କରିବାକୁ ଯୋଜନା ଚୂଡ଼ାନ୍ତ ହୋଇଥିଲା । କିନ୍ତୁ ଭାରତ ଓ ଚୀନ୍ ସମେତ କେତେକ ବିକାଶଶୀଳ ରାଷ୍ଟ୍ର ଏଭଳି ପାତରଅନ୍ତର ନୀତିର ଘୋର ବିରୋଧ କରିବା ପରେ ତାହା ସ୍ଥଗିତ ରହିଲା । ଏଥିରୁ କୋପ୍‌୩୦ ଯେ ତାର ମୂଳ ଓ ମୌଳିକ ଲକ୍ଷ୍ୟରୁ ଦୂରେଇ ଯାଉଛି ଏହି ଅଭିଯୋଗ ନିରାଧାର ନୁହେଁ ।

କୋପ୍ ୩୦ର ଏକମାତ୍ର ସକାରାତ୍ମକ ବାର୍ତ୍ତା ହେଲା ବ୍ୟାପକ ଶିଳ୍ପାୟନ ଓ ଜଳବାୟୁ ପରିବର୍ତ୍ତନରେ ପ୍ରଭାବିତ ବିକାଶଶୀଳ ଦେଶମାନଙ୍କର କ୍ଷତିଭରଣା ପାଇଁ ୨୦୩୫ ମସିହା ପର୍ଯ୍ୟନ୍ତ ବାର୍ଷିକ ୧.୩ ଲକ୍ଷ କୋଟି ଡଲାରର ଅନୁଦାନ ଦେବା ପାଇଁ ସଦସ୍ୟ ଦେଶମାନେ ସହମତ ହୋଇଛନ୍ତି । ସେହିପରି କୋପ୍ ୨୮ ରେ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ଭରଣା ପାଇଁ ପ୍ରସ୍ତାବିତ 'ଲସ୍ ଆଣ୍ଡ ଡ୍ୟାମେଜ୍ ଫଣ୍ଡ' ଆରମ୍ଭ କରିବା ଏବଂ ପ୍ରସ୍ତାବିତ ପାଣ୍ଠି ରାଶିକୁ ତିନିଗୁଣା ବୃଦ୍ଧି କରିବା ଲାଗି ମଧ୍ୟ ସଂକଳ୍ପ ପାରିତ ହୋଇଛି । କିନ୍ତୁ ୨୦୧୯ ରୁ ଜଳବାୟୁ ପାଣ୍ଠି ପ୍ରତି ବିକଶିତ ଦେଶମାନଙ୍କର ପ୍ରତିଶ୍ରୁତି ଓ ଅଙ୍ଗୀକାରବଦ୍ଧତାରେ ଥିବା ଆକାଶପାତାଳ ତଫାତ୍‌ର ଅନୁଭବ ଦୃଷ୍ଟିରୁ ଉପରୋକ୍ତ ସଂକଳ୍ପର ରୂପାୟନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ । ସେହିପରି ଆମେରିକା ଜଳବାୟୁ ଶିଖର ସମ୍ମିଳନୀରୁ ଓହରି ଆସିଥିବାରୁ ଜଳବାୟୁ ପାଣ୍ଠିର ଆକାର ଓ କାର୍ଯ୍ୟାନ୍ୱୟନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

ଅପ୍ରିୟ ସତ୍ୟ ହେଉଛି, ବିକଶିତ ଦେଶମାନେ ଉତ୍ତରଦାୟିତ୍ୱ ନ ନେବା ପର୍ଯ୍ୟନ୍ତ ଜଳବାୟୁ ଶିଖର ସମ୍ମିଳନୀମାନ ଏଭଳି ଚକ୍ଷୁକୁଟା ପ୍ରହସନ ହୋଇଚାଲିଥିବ । କିନ୍ତୁ ଚେଇଁ ଶୋଇଥିବା ଲୋକକୁ ଉଠେଇବ କିଏ? ସାମ୍ପ୍ରତିକ ବିଶ୍ୱର ସର୍ବବୃହତ୍ ଆହ୍ୱାନ ହେଉଛି ଜନତାଙ୍କୁ ଜଳବାୟୁ ନ୍ୟାୟ ପ୍ରଦାନ । ସ୍ୱାର୍ଥସର୍ବସ୍ୱ ମାନସିକତାରେ ଏହି ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ । ବୋଧହୁଏ ନିଜେ ପ୍ରଭାବିତ ଓ କ୍ଷତିଗ୍ରସ୍ତ ନ ହେବା ଯାଏଁ ବିକଶିତ ରାଷ୍ଟ୍ରମାନଙ୍କର ଚେତନା ଉଦୟ ହେବ ନାହିଁ । ସେପର୍ଯ୍ୟନ୍ତ ଅବଶିଷ୍ଟ ବିଶ୍ୱ ଜଳବାୟୁ ପରିବର୍ତ୍ତନର ବିଷ ପିଇବାକୁ ବାଧ୍ୟ । ବିଶେଷକରି ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ତଥା ଜଳବାୟୁ ପରିବର୍ତ୍ତନ ଜନିତ ସଙ୍କଟ ପ୍ରଭାବିତ ତାଲିକାରେ ନବମ ସ୍ଥାନରେ ଥିବା ଭାରତ ପାଇଁ ଏହି ଆହ୍ୱାନର ମୁକାବିଲା କରିବା ଆହୁରି ଅଧିକ କଠିନ ।

ଏବେ ସମୟ ଆସିଛି ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ହ୍ରାସ କରିବା ପାଇଁ ଜାତୀୟ ନୀତି ପ୍ରଣୟନ କରିବାର । ଭାରତକୁ ଖାଦ୍ୟାଭାବ, ବାତ୍ୟା, ବନ୍ୟା, ମରୁଡ଼ି, ସମୁଦ୍ର ପତ୍ତନ ବୃଦ୍ଧି, ଜଳାଭାବ, ଶସ୍ୟ ହାନି, ସ୍ୱାସ୍ଥ୍ୟସଙ୍କଟ, ଜୈବବିବିଧତା ହ୍ରାସ, ଅଂଶୁଘାତ, ଆଦି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ ଦୁଷ୍ପ୍ରଭାବରୁ ସୁରକ୍ଷା ଦେବାକୁ ହେଲେ ସଂକଳ୍ପ ନୁହେଁ, ଯୁଦ୍ଧକାଳୀନ ପଦକ୍ଷେପ ଆବଶ୍ୟକ । ଏଥିପାଇଁ ସରକାରୀ ଓ ରାଜନୈତିକ ନିଷ୍ଠା, ଗୋଷ୍ଠୀ ସହଭାଗିତା ଓ ପ୍ରଶାସନିକ ଆନ୍ତରିକତା ଅପରିହାର୍ଯ୍ୟ । ସେହିପରି ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ସମାଧାନରେ ବୈଷୟିକ ଜ୍ଞାନକୌଶଳ ସହ ପାରମ୍ପରିକ ମୌଳିକ ଜ୍ଞାନକୁ ସମ୍ମିଳିତ ଭାବେ ପ୍ରୟୋଗ କରିବା ପାଇଁ ମାନସିକତାରେ ସକାରାତ୍ମକ ପରିବର୍ତ୍ତନ ମଧ୍ୟ ଜରୁରୀ । ●

## ଆପଣା ହସ୍ତେ ଜିହ୍ୱା ଛେଦି

ଯାନବାହନ ଓ ସେଗୁଡ଼ିକର ଚାଳିତ ଶକ୍ତି ଜୀବାଶ୍ମ ଇନ୍ଧନର ଉତ୍ପାଦନ ଓ ବିକ୍ରି ଉପରେ କଟକଣା ଜାରି କରିବା ଲାଗି ସରକାରଙ୍କୁ ଆବେଦନ କରିଛନ୍ତି କାରନିର୍ମାଣକାରୀ ସଂସ୍ଥାର ଜନୈକ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ । ଆବେଦନର କାରଣରେ ସେ ଦର୍ଶାଇଛନ୍ତି ଯେ କାର ମୋ ଜୀବିକାର୍ଜନର ମୁଖ୍ୟ ସହାୟକ ଏହା ନିଃସନ୍ଦେହ; କିନ୍ତୁ ତା'ଠାରୁ ଗୁରୁତ୍ୱପୂର୍ଣ୍ଣ ମୋ ପୂର୍ବ ଓ ଉତ୍ତର ପିଢ଼ିର ସ୍ୱାସ୍ଥ୍ୟ ଓ ଭବିଷ୍ୟତ । ଯାନବାହନ ଚଳାଚଳରେ କଟକଣା ନ ଲାଗିବା ପର୍ଯ୍ୟନ୍ତ ପରିବେଶ ପ୍ରଦୂଷଣରୁ ଯେ ମୁକ୍ତି ନାହିଁ ଏହି ଆପ୍ତ ବାକ୍ୟଟି ସମ୍ପୃକ୍ତ ସିଇଓଙ୍କ ଆବେଦନରୁ ସ୍ପଷ୍ଟ ଓ ନିର୍ଧାର୍ଯ୍ୟ ।

ଏହା ଅସ୍ୱୀକାର କରିବାର ନାହିଁ ଯେ ଦ୍ରୁତ ସହରୀକରଣ ସହିତ କର୍ମସ୍ଥଳୀ, ବିପଣନ ଓ ମନୋରଞ୍ଜନ ବିକ୍ଷିପ୍ତ ହୋଇଛି ଏବଂ ଗମନାଗମନରେ ଯାନବାହନ ଏକ ଜରୁରୀ ଆବଶ୍ୟକତା ହୋଇପଡ଼ିଛି । ସେହି ଆଧାରରେ ଆଶାତୀତ ଭାବେ ଯାନବାହନ ଉତ୍ପାଦନ ଓ ବିକ୍ରି ବଢ଼ିବାରେ ଲାଗିଛି । ବ୍ୟାଙ୍କ ଓ ବିଭିନ୍ନ ଦେଶୀବିଦେଶୀ ଅର୍ଥଲଗାଣକାରୀ ସଂସ୍ଥାଙ୍କ ପ୍ରାବଲ୍ୟ ଯୋଗୁଁ ସହଜରେ ଋଣ ମିଳିଯାଉଛି । ତା' ସହିତ ଲୋକମାନଙ୍କର ଉପାର୍ଜନ ମଧ୍ୟ ବଢ଼ିଛି । ଆୟ ଓ ଋଣ ସମ୍ପର୍କର ସିଧାସଳଖ ପ୍ରଭାବ ଯାନବାହନ ସଂଖ୍ୟା ବୃଦ୍ଧିରେ ପ୍ରତିଫଳିତ ହେଉଛି । ପରିଣାମ ସ୍ୱରୂପ ବାୟୁ ପ୍ରଦୂଷଣ ଉତ୍କଟ ହେବାରେ ଲାଗିଛି । ବିଷାକ୍ତ ଓ ପ୍ରଦୂଷିତ ବାୟୁ ସମସ୍ୟା ଓ ପରିବେଶ ସଙ୍କଟ ଏବେ କେବଳ ଆଉ ଦେଶର ରାଜଧାନୀ ଦିଲ୍ଲୀରେ ସୀମିତ ହୋଇ ରହିନାହିଁ । ଆମ ରାଜ୍ୟର ଅନୁଗୁଳ ସହର ପ୍ରଦୂଷିତ ବାୟୁ ମାନରେ ଦିଲ୍ଲୀକୁ ମଧ୍ୟ ଟପିଯାଇଛି । ଧୀରେ ଧୀରେ ଦେଶର ବିଭିନ୍ନ ଜନାକୀର୍ଣ୍ଣ ସହରାଞ୍ଚଳ ଏଭଳି ପ୍ରଦୂଷିତ ବାୟୁର ପଞ୍ଝା ମଧ୍ୟକୁ ଚାଲିଯାଉଛି ।

ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣର କାରଣ ଓ ନିରାକରଣ ବିଷୟରେ ଜନତା ଆଉ ଅଜ୍ଞ ନୁହନ୍ତି । ତେଣୁ ସୂଚନା ଓ ସଚେତନତା ପ୍ରୟାସ ବୃଥା । କଥା କଥାକେ ଗାଡ଼ିଟିଏ ନ ହେଲେ ଘରୁ ଗୋଡ଼ ବାହାର କରିବାର କୁଣ୍ଠାକୁ ଆମେ ତ୍ୟାଗ କରିପାରୁନାହୁଁ । ସବୁଜାଣି ମଧ୍ୟ ଅଧିକ ସୁଖ, ସୁବିଧା ଲୋଡ଼ୁଥିବାର ପରିଣାମ ଆମକୁ ହିଁ ଭୋଗିବାକୁ ପଡୁଛି ଏବଂ ଆମର ଉତ୍ତରପିଢ଼ିଙ୍କୁ ମଧ୍ୟ ଭୋଗିବାକୁ ପଡ଼ିବ । ଓଡ଼ିଶାରେ ଏକ ପ୍ରବାଦ ଅଛି - ଆପଣାହସ୍ତେ ଜିହ୍ୱା ଛେଦି କେ ଅଛି ତା'ର ପ୍ରତିବାଦୀ । ବିଷବଳୟରୁ କେବଳ ଆମର ଆତ୍ମସଂଯମ ହିଁ ଉଦ୍ଧାର କରିପାରିବ । ନିଷ୍ପତ୍ତି ଆମମାନଙ୍କର । ●

# ଓଡ଼ିଆ ଅସ୍ମିତା ଓ ସ୍ୱାବଲମ୍ବନ

ଡ. ପ୍ରମୋଦ କୁମାର ପଣ୍ଡା



ଆଜିକାଲି ଆମେ ସମସ୍ତେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇଁ ଉଦ୍ୟମ କରୁଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଆମ ଅସ୍ମିତା ଦେଶ ଓ ବିଦେଶରେ ସେତେବେଳେ ବୃଦ୍ଧି ପାଇବ ଯେତେବେଳେ ପ୍ରତି ଓଡ଼ିଆ ମୁଣ୍ଡ ଟେକି ଆଖିରେ ଆଖି ମିଳାଇ ଅନ୍ୟ ରାଜ୍ୟ ଓ ବିଦେଶର ଲୋକଙ୍କ ସହିତ କଥା ହୋଇପାରିବ କିମ୍ବା ନିଜ ଅଧିକାର ଜାହିର କରିପାରିବ । ଅନ୍ୟମାନେ ଯେତେବେଳେ ଆମକୁ ଦେଖିବେ ତୁରନ୍ତ ସମ୍ମାନ ଦେବାର ମାନସିକତା ପ୍ରଦର୍ଶନ କରିବେ ସ୍ୱତଃପ୍ରବୃତ୍ତ ଭାବରେ । ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ଆମେ ନିଜକୁ ଧନୀ କରିପାରିବା ।

ଇଂରାଜୀରେ ଏକ ପ୍ରବାଦ ଅଛି - 'ଭିକାରୀର ଇଚ୍ଛା ବାଛିବାର ଅଧିକାର ନାହିଁ, ଯିଏ ଯାହା ଦେଲା ସେଥିରେ ସନ୍ତୁଷ୍ଟ ହେବାକୁ ବାଧ୍ୟ ।' ଏ ଦୁନିଆରେ ଅର୍ଥ ହିଁ ସମ୍ମାନର ଅଧିକାରୀ । ଆପଣଙ୍କ ପାଖରେ ପଇସା ଥିଲେ ସବୁକିଛି ମିଳିଯାଇପାରିବ । ସେଥିପାଇଁ ତ କୁହାଯାଇଛି - 'ଆବେ ପରଶୁ, ଯାବେ ପରଶୁ, ବାବୁ ପରଶୁରାମ; ପଇସା କ୍ୟା ନ କରେ କାମ ।' ଏଠାରେ ପଇସା ଅର୍ଥ ନୁହେଁ କଳା ଟଙ୍କା ରୋଜଗାର କରିବା । ଏ ପୃଥିବୀରେ ସାଧୁ ଉପାୟରେ ପଇସା ରୋଜଗାର କରି ଧନୀ ହେବାର ଶହ ଶହ ରାସ୍ତା ଅଛି । କିନ୍ତୁ ଦୁଃଖ ଲାଗେ ଆମ ସ୍ଥିତି ଦେଖି । ବିକାଶର ସମସ୍ତ ଉପାଦାନ ଆମ ପାଖରେ ଥିବା ସତ୍ତ୍ୱେ ଆମେ ଏକ ଦରିଦ୍ର ଜାତି ହିସାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି ।

ଓଡ଼ିଶା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ । ପ୍ରାକୃତିକ ସମ୍ପଦରେ ଭରପୂର । ସମଗ୍ର ଦେଶରେ ବାର୍ଷିକ ହାରାହାରି ୧୨୦୦ ମିଲିମିଟର ବର୍ଷା ହେଉଥିବା ସ୍ଥଳେ ଆମର ୧୫୦୦ ମିଲିମିଟର । ଦେଶରେ ଆଠପ୍ରକାର ମୃତ୍ତିକା ଥିବା ବେଳେ ଆମର ମଧ୍ୟ ଆଠପ୍ରକାର ମୃତ୍ତିକା ଅଛି । ସମୁଦ୍ର ପତ୍ତନଠୁ ଦେଓମାଳିର ଶିଖର ପର୍ଯ୍ୟନ୍ତ ସମସ୍ତ ପ୍ରକାର ଭୂମିରୂପ ଓ ଜଳବାୟୁ ଆମ ପାଖରେ ମହଜୁଦ ଅଛି । ଏହା ବର୍ଷସାରା ବିଭିନ୍ନ ପ୍ରକାର କୃଷିଜାତ ସାମଗ୍ରୀ ଉତ୍ପାଦନ ପାଇଁ ଭରପୂର ସୁଯୋଗ ଦେଇଛି । ଆମ ପାଖରେ ସମଗ୍ର ଦେଶର ଶତକଡ଼ା ୨୮ ଭାଗ ଲୁହାପଥର, ଶତକଡ଼ା ୨୪ ଭାଗ କୋଇଲା, ଶତକଡ଼ା ୫୯ ଭାଗ ଆଲୁମିନିୟମ (ବକ୍‌ସାଇଟ) ଓ ଶତକଡ଼ା ୯୮ ଭାଗ କ୍ରୋମାଇଟ ମହଜୁଦ ଅଛି । ତା' ଛଡ଼ା ଅନ୍ୟାନ୍ୟ ଖଣିଜ ପଦାର୍ଥ ମଧ୍ୟ ଅଣ୍ଟେବହୁତ ଅଛି । ପର୍ଯ୍ୟଟନ ବିକାଶ ପାଇଁ ମନ୍ଦିର, ନଦୀ, ହ୍ରଦ, ଘନ ଜଙ୍ଗଲ ଓ ୪୮୫ କିଲୋମିଟର ସୁଦୀର୍ଘ ସମୁଦ୍ର ବେଳାଭୂମି ଅଛି । ୬୨ ପ୍ରକାର ପରିଶ୍ରମୀ ଜନଜାତି ମଧ୍ୟ ଅଛନ୍ତି । ଆମ ରାଜ୍ୟର ଶ୍ରମିକ ଅନ୍ୟ ରାଜ୍ୟରେ ପରିଶ୍ରମୀ ବୋଲି ପରିଚୟ ସୃଷ୍ଟି କରିଛନ୍ତି ।

ଉପରୋକ୍ତ ବର୍ଣ୍ଣିତ ସମସ୍ତ ବିକାଶ ଉପାଦାନ ମହଜୁଦ୍ ଥିବା ସତ୍ତ୍ୱେ ଓଡ଼ିଶାର ମାସିକ କୃଷି ଆୟ (୫, ୧୧୨ଟଙ୍କା) ଦେଶର ରାଜ୍ୟମାନଙ୍କ ତୁଳନାରେ ତଳ ଆଡୁ ଦ୍ୱିତୀୟ, ଯାହା ଆଦୌ ଗ୍ରହଣୀୟ ନୁହେଁ । ସେହିପରି ବାର୍ଷିକ ମୁଣ୍ଡପିଛା ଆୟରେ ଆମ ରାଜ୍ୟ ଦେଶର ଅନ୍ୟ ରାଜ୍ୟମାନଙ୍କ ତାଲିକାରେ ୧୭ ତମ ସ୍ଥାନ (୧, ୬୩, ୧୦୧ଟଙ୍କା) ମଧ୍ୟ ଗ୍ରହଣୀୟ ନୁହେଁ । କିଛି କେନ୍ଦ୍ରଶାସିତ ଅଞ୍ଚଳକୁ ବିଚାର କଲେ ଆମ ସ୍ଥାନ ୨୨ରେ ଅଛି । ସିକିମର ମୁଣ୍ଡପିଛା ଆୟ ୫, ୪୭, ୭୪୦ ଟଙ୍କା ଦେଶର ସର୍ବୋଚ୍ଚ ହୋଇଥିବା ବେଳେ ତେଲଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ହରିୟାଣା ପ୍ରଭୃତି ରାଜ୍ୟର ବାର୍ଷିକ ମୁଣ୍ଡପିଛା ଆୟ ୩ ଲକ୍ଷ ଟଙ୍କାରୁ ଅଧିକ, ଯାହାକି ଆମଠୁ ଶତକଡ଼ା ୧୦୦ରୁ ଅଧିକ ।

କେବେ କୌଣସି ପଞ୍ଜାବୀ, ମାରୁଆଡ଼ି କିମ୍ବା ଗୁଜରାଟୀ ମୁଲିଆ ବା ଚାକିରିଆ ହେବା ପାଇଁ ସ୍ୱପ୍ନ ଦେଖେନି । ସବୁବେଳେ ଧନକୁ ମୁଲିଆ ସଦ ଉପଯୋଗପୂର୍ବକ ମାଲିକ ହୋଇ ଅଧିକ ଧନ ଉପାର୍ଜନ କରିବାକୁ ଚେଷ୍ଟା କରେ । ମୁଁ ଆମର ଯୁବପିଢ଼ିଙ୍କୁ ଆହ୍ୱାନ ଦେଉଛି - ଆପଣ ସମସ୍ତେ ଧନୀ ହେବାକୁ ଚେଷ୍ଟା କରନ୍ତୁ, ତାହା ପୁଣି ସତ୍ ଉପାୟରେ । କାରଣ ଅସତ ଧନ ବେଶି ଦିନ ରହିବ ନାହିଁ । ସେଥିପାଇଁ ଉତ୍କଳମଣି ଗୋପବନ୍ଧୁ କହିଥିଲେ, ବାଲ୍ୟ କାଳୁ ଧନ ଓ ଧର୍ମ ସଂଚିବା କଥା । ଆମ ଯୁବବର୍ଗଙ୍କୁ କହିରଖେ, ଆମ ପାଇଁ ସିନା ପର୍ଯ୍ୟାପ୍ତ ଚାକିରି ନାହିଁ, ମାତ୍ର ପର୍ଯ୍ୟାପ୍ତ ରୋଜଗାର ଅଛି । ମନେରଖନ୍ତୁ ଆପଣଙ୍କ ପାଖରେ ଅର୍ଥବଳ ରହିଲେ ସମସ୍ତେ ସମ୍ମାନ ଦେବେ । ଏଥିପାଇଁ ତ କୁହାଯାଏ ଟଙ୍କା ସବୁକିଛି ନୁହେଁ । ମାତ୍ର ଭଗବାନଙ୍କଠୁ ବି କମ୍ ନୁହେଁ ।

ପ୍ରତି ଓଡ଼ିଆ ଧନୀ ହେଲେ ଯାଇଁ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା ହୋଇପାରିବ । ସେ କାହାପାଖରେ ହାତ ପାତିବ ନାହିଁ । ସେ ମଧ୍ୟ ଅନ୍ୟ ରାଜ୍ୟ ଲୋକଙ୍କୁ ନିଜ ଧନ୍ଦାରେ କାମ କରାଇବ । ଏଥିପାଇଁ ସରକାରଙ୍କ ଗୁରୁ ଦାୟିତ୍ୱବୋଧ ରହିଛି । ସବୁଯୁଗରେ ସବୁ ସରକାରଙ୍କର ବଡ଼ ଆହ୍ୱାନ ହେଉଛି ସମ୍ବଳ ସୀମିତତା । ମାତ୍ର ଯେଉଁ ସରକାର ସୀମିତ ସମ୍ବଳର ସଦୁପଯୋଗ କରିପାରେ ଉତ୍ପାଦକତା ବୃଦ୍ଧି ପାଇଁ, ସେ ରାଜ୍ୟ ବା ଦେଶ ପ୍ରଗତି କରେ । ମାତ୍ର ଓଡ଼ିଶାରେ ଦ୍ରବ୍ୟ ଓ ରୋଜଗାର ସୃଷ୍ଟି ଉଦ୍ଦେଶ୍ୟରେ ପୁଞ୍ଜି ନିବେଶ ନ ହୋଇ ଭୋଟ ପକ୍କା କରିବା ପାଇଁ ସରକାର ପରେ ସରକାର ପୁଞ୍ଜି ନିବେଶ କରି ଚାଲିଛନ୍ତି, ଯାହାର ଫଳସ୍ୱରୂପ ରାଜକୋଷରୁ ଅର୍ଥ ଯାଉଛି, ମାତ୍ର ବେରୋଜଗାରୀ ବଢୁଛି । କୃଷି ଆୟ କମୁଛି ଏବଂ ରାଜ୍ୟରେ ଫସଲ ସଘନତା ମାତ୍ରା ହ୍ରାସ ପାଉଛି । ଭୋଟ ରାଜନୀତିରେ ଟଙ୍କା ବାଣ୍ଟିଲେ ଭୋଟବ୍ୟାଙ୍କ ପକ୍କା ହୋଇଯିବ, ମାତ୍ର ଓଡ଼ିଆ ଧନୀ ହୋଇ ପାରିବ ନାହିଁ ।

ଅତୀତରେ ଆମେ ବିଦେଶ ଯାଉଥିଲୁ । ଅନ୍ୟମାନେ ଆମଠୁ ଧନ ନେବା ପାଇଁ ଆମକୁ ଜୟ କରିବାକୁ ଚାହୁଁଥିଲେ । ବର୍ତ୍ତମାନ ପଞ୍ଜାବୀ ଓ କେରଳୀ ବିଦେଶ ଯିବାର ସ୍ୱପ୍ନ ଦେଖୁଥିବା ବେଳେ ଅଧିକାଂଶ ଓଡ଼ିଆ ଯୁବବର୍ଗ ବିପିଏଲ ମଦ୍ୟ ପାନରେ ନିଜର ଭବିଷ୍ୟତ ଖୋଜୁଛନ୍ତି । ଅତ୍ୟନ୍ତ ଦୁର୍ଭାଗ୍ୟଜନକ ସ୍ଥିତି । ଆମ ସରକାର, ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ, ବୁଦ୍ଧିଜୀବୀ ସମସ୍ତେ ମିଶି ଆମ ଯୁବବର୍ଗଙ୍କର ଚାକିରି କରିବା ମନୋବୃତ୍ତିକୁ ପରିବର୍ତ୍ତନ କରି ରୋଜଗାର କରିବାରେ ମନୋନିବେଶ ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବାକୁ ପଡ଼ିବ । ସେଥିପାଇଁ ଏକ ବଡ଼ ସାମାଜିକ ପରିବର୍ତ୍ତନର ଆବଶ୍ୟକତା ରହିଛି । ●

ଭୁବନେଶ୍ୱର, ମୋ: ୮୯୧୭୪୨୬୪୪୦

# ପ୍ରଶ୍ୱାସରେ ବିଷ

ତୁଷାର ରଞ୍ଜନ ସାହୁ

ଶୀତଋତୁ ଆରମ୍ଭ ହୋଇଗଲାଣି । ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ବାଣ ଓ ତତ୍‌ଜନିତ ବିଭିନ୍ନ ସାମଗ୍ରୀର ବ୍ୟବହାର ବାୟୁରେ ବିଷାକ୍ତ କଣିକା ସବୁ ଆଚ୍ଛାଦିତ କରିଦେଲାଣି । ଏହିପରି ଏକ ସମୟରେ ଆମ ସମସ୍ତଙ୍କ ପାଇଁ ବିଶୁଦ୍ଧ ପବନ ଟିକିଏ ପାଇବା କାଠିକର ପାଠ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । କଟକ-ଭୁବନେଶ୍ୱର ଦ୍ୱୈତନଗରୀ ପ୍ରଦୂଷଣର ପାରଦରେ ସବୁଠୁ ଶୀର୍ଷରେ ରହିଛି । ଆମେ ସବୁ ଯେଉଁ ବାଣ ବ୍ୟବହାର କରିଥାଉ, ସେଥିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ (କେମିକାଲ) ବ୍ୟବହାର ହେଉଛି । ଏହି ବାଣ ପୋଡ଼ିଲେ ସେଥିରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ), ସଲଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ । ଆକାଶକୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ । ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ ।

ଏହାର ପ୍ରଭାବ ଦ୍ୱାରା ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡ ବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ । ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ । ଅଚାନକ ରକ୍ତଚାପ ବଢ଼ିଯାଏ । ଏମିତିକି କେବେ କେବେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ । କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ । ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ । ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ । ଏଥିରେ ହୃଦରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ସଲଫର ଡାଇଅକ୍ସାଇଡ ଗ୍ୟାସ ସମ୍ପୂର୍ଣ୍ଣ ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ । ବିଶେଷକରି ଫୁସଫୁସକୁ ଆକ୍ରାନ୍ତ କରେ । ଅଚାନକ କାଶ ବଢ଼ିପାରେ । ଛାତିରେ ଯନ୍ତ୍ରଣା ହୁଏ । ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ । ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ । ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ ।

ଦେଶରେ ସଡ଼କ ଦୁର୍ଘଟଣା ଓ ହୃଦରୋଗ ପରେ ସର୍ବାଧିକ ମୃତ୍ୟୁ କ୍ରୋନିକ ଅବଷ୍ଟ୍ରକଟିଭ ପଲମୋନାରି ଯୋଗୁଁ ହେଉଛି । ଏହା ଏକ ଶ୍ୱାସଜନିତ ରୋଗ । ଏଥିରେ ଫୁସଫୁସ କ୍ଷତିଗ୍ରସ୍ତ ହୋଇ ସଙ୍କଟାପନ୍ନ ସ୍ଥିତି ସୃଷ୍ଟି କରେ । ଧୂମପାନ ଓ ବାୟୁ ପ୍ରଦୂଷଣ ଏହାର ପ୍ରମୁଖ କାରଣ । ଧୂଆଁ ଶ୍ୱାସ ରୋଗୀଙ୍କ ପାଇଁ ସବୁବେଳେ ଖରାପ । ଅତ୍ୟଧିକ ନିର୍ମାଣ କାର୍ଯ୍ୟରୁ ନିର୍ଗତ ଧୂଳି, ଗୋଡ଼ି ମୋଟର ଧୂଆଁକୁ ମଣିଷ ପ୍ରତିଦିନ ପ୍ରଶ୍ୱାସରେ ଗ୍ରହଣ କରୁଛି । ଏହା ସ୍ୱାସ୍ଥ୍ୟକୁ ଖରାପ କରୁଥିବା ବେଳେ ଦୀପାବଳିର ପ୍ରବଳ ଆତସବାଜିକୁ ନିର୍ଗତ ଧୂଆଁ ଆହୁରି ସ୍ୱାସ୍ଥ୍ୟ ବିଗାଡ଼ିବ । ଦୀପାବଳିରେ ସାପବାଣ, ଚାଇନା ଲଙ୍କା ବାଣରୁ ବେଶି ଧୂଆଁ ଓ ପ୍ରଦୂଷଣ ସୃଷ୍ଟି ହୋଇଥାଏ । ସମୟ ଆସିଛି, ଆମକୁ ଚେତିବାକୁ ପଡ଼ିବ ।

ସେହିପରି ଅନାବଶ୍ୟକ ଶବ୍ଦ ସୃଷ୍ଟି 'ଶବ୍ଦ ପ୍ରଦୂଷଣ'ର ବଡ଼ କାରଣ । ଏନଭାର୍ନମେଣ୍ଟ ପ୍ରୋଟେକ୍ସନ ରୁଲସ୍ - ୧୯୯୯ ଅନୁଯାୟୀ ଶବ୍ଦ ସ୍ତର ୧୨୫ ଡେସିବଲ ପର୍ଯ୍ୟନ୍ତ ଦୋଷାବହ ନୁହେଁ । ଅତି ଜୋରରେ ହେଉଥିବା ଶବ୍ଦ ପ୍ରଦୂଷଣ ଶିଶୁ, ବୃଦ୍ଧ, ରୁଗଣ ବ୍ୟକ୍ତିମାନଙ୍କର ବିଶେଷ କ୍ଷତି କରେ । ଉଚ୍ଚ ରକ୍ତଚାପ, ଅତ୍ୟଧିକ ମାନସିକ ଚାପ ବୃଦ୍ଧି ସହ ଏହା ନିଦ୍ରାହୀନତା, ଶ୍ରବଣଶକ୍ତି ହ୍ରାସ ବା ବଧିରତା ପରି ବହୁ ସମସ୍ୟା ସୃଷ୍ଟି କରିଥାଏ । ବଡ଼ ବଡ଼ ସହରରେ ଟ୍ରାଫିକ ବା ଯାନବାହନର ଶବ୍ଦ ଏଭଳି ପ୍ରଦୂଷଣର ଏକ ମୁଖ୍ୟ କାରଣ । ବିଭିନ୍ନ ଶିଳ୍ପସଂସ୍ଥା, କଳକାରଖାନା, ବସ୍, ଟ୍ରକ, ଟ୍ରାକ୍ଟର, ମୋଟର ସାଇକେଲର ଶବ୍ଦ, ଉଡ଼ାଜାହାଜ, ଘର ତିଆରି ଶବ୍ଦ, ବାଣ ଫୁଟାଇବା, ଡାକବାଜି ଯନ୍ତ୍ର ଇତ୍ୟାଦି ଏହି ପ୍ରଦୂଷଣ ସୃଷ୍ଟି କରିଥା'ନ୍ତି । ଘର ଭିତରେ ମଧ୍ୟ ରେଡିଓ, ଟିଭି, ମ୍ୟୁଜିକ ସିଷ୍ଟମ ଜୋରରେ ବଜାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ଘଟିଥାଏ । ଅବଶ୍ୟ ରାସ୍ତାଘାଟ, ଘର ତିଆରି ଶବ୍ଦ ନିର୍ଗମନ ସ୍ତର ଉପରେ ସରକାରୀ କଟକଣା ରହିଛି । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭିନ୍ନ ସ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଶବ୍ଦ ସ୍ତର ଅନୁମୋଦନ କରିଛନ୍ତି ।

ସହରରେ ଗାଡ଼ିମୋଟରର ଧୂଆଁ, ରାସ୍ତା ଖୋଳାତଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁଁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି । ଦୀପାବଳି ଓ ବିବାହ କିମ୍ବା କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନଇଚ୍ଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ି ଯାଇଥାଏ । ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିଥାଏ, ଯାହାଦ୍ୱାରା ଆଜମା ରୋଗୀଙ୍କ ସମସ୍ୟା ବଢ଼ିଥାଏ । ବାରୁଦ ଗନ୍ଧ ଓ ଧୂଆଁ ଯୋଗୁଁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ । ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ । ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ । ବିଭିନ୍ନ ବାଣର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ମସ୍ତିଷ୍କାଘାତର କାରଣ ହୋଇପାରେ । ବିଷାକ୍ତ ବାଷ୍ପ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ । ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ । ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା ।

ତାପଜ ବିଦ୍ୟୁତକେନ୍ଦ୍ରଗୁଡ଼ିକରେ କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଆଦି ଜୀବାଶ୍ମ ଇନ୍ଧନକୁ ବ୍ୟବହାର କରି ତାପଶକ୍ତି ଉତ୍ପନ୍ନ କରାଯାଏ । ଜୀବାଶ୍ମ ଇନ୍ଧନର ଦହନ ଯୋଗୁଁ ସେଥିରୁ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ, ନାଇଟ୍ରୋଜେନ ଅକସାଇଡ, ସଲଫର ଡାଇଅକସାଇଡ ଆଦି ଗ୍ୟାସ ଏବଂ ଅନେକ କ୍ଷୁଦ୍ରକଣିକା ନିର୍ଗତ ହୋଇଥାଏ । ଏସବୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ । ବାୟୁମଣ୍ଡଳରେ ଏହାକୁ ପରିମାଣ ବୃଦ୍ଧି ପାଇଲେ ଫୁସଫୁସରେ ସମସ୍ୟା, ଚର୍ମରୋଗ ଓ କର୍କଟ ରୋଗର କାରଣ ପାଲଟି ଥାଏ । ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାଉଁଶ ଫୁସଫୁସକୁ ଆକ୍ରାନ୍ତ କରିଥାଏ । ପରିବେଶକୁ ପ୍ରଦୂଷିତ କରିଥାଏ । ଏକ ତଥ୍ୟ ମୁତାବକ ଆମ ଓଡ଼ିଶାରେ ଥିବା ସାତଟି ତାପଜ ବିଦ୍ୟୁତ କେନ୍ଦ୍ରରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ ଟନ୍ ପାଉଁଶ ନିର୍ଗତ ହେଉଛି । ସେହିପରି ଅଙ୍ଗାରକାମ୍ଳ ହେଉଛି ଗ୍ଲୋବାଲ ୱାର୍ମିଂ ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ । ତେବେ ଜଳ ବିଦ୍ୟୁତ, ଆଣବିକ ବିଦ୍ୟୁତ୍ ସୌର ଶକ୍ତି ଓ ପବନ ଶକ୍ତି ଆଦିର ଉପଯୋଗ ହୋଇପାରିଲେ ପ୍ରଦୂଷଣର ମାତ୍ରା ହ୍ରାସ ପାଇପାରନ୍ତା ।

ଏକଥା ନୁହେଁ ଯେ, ପ୍ରଦୂଷଣ ବାବଦରେ ଆମେ ଜାଣିନୁ । ଦିଲ୍ଲୀର ଭୟାନକ ପ୍ରଦୂଷଣ ସ୍ଥିତି ଜଳଜଳ ହୋଇ ଦିଶୁଛି । ତଥାପି ଆମର ଚିନ୍ତା ନାହିଁ । ଅନେକ ଭାବୁଛନ୍ତି, ଆମ ସ୍ଥିତି ଭଲ ଅଛି । ଆମର କିଛି ହେବନି । ଦିନକରେ କ'ଣ ପ୍ରଦୂଷଣ ମାଡ଼ିଯିବ ନା ଆକାଶ ଛିଣ୍ଡି ପଡ଼ିବ । ହେଲେ ମନେରଖିବା ଦରକାର ଆନନ୍ଦ ଦୁଃଖ ବା ବିପଦର କାରଣ ନ ହେଉ । ●

କଟକ, ମୋ: ୯୮୬୧୦୪୭୫୬୫

# ରାହୁ ମନ୍ଦିର

ଓଜସ୍ୱିନୀ

## ବିଚିତ୍ର ବିଶ୍ୱାସ

ପୌରାଣିକ କଥାନୁସାରେ ସାଗର ମନ୍ଥନରୁ ବାହାରିଥିବା ଅମୃତ କଳସରୁ ଦେବତାମାନେ ଅମୃତ ପାନ କରିବା ସମୟରେ ଜଣେ ଦାନବ ଛଳପୂର୍ବକ ଦିବ୍ୟରୂପ ଧାରଣ କରି ଦେବତାଙ୍କ ନିକଟରେ ବସିଯାଇଥିଲା । ଶ୍ରୀବିଷ୍ଣୁ ମୋହିନୀ ରୂପରେ ଅମୃତ ପ୍ରଦାନ କରୁଥିବା ବେଳେ ଉକ୍ତ ଦାନବ ମଧ୍ୟ ଅମୃତ ପାନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । କିନ୍ତୁ ଶ୍ରୀବିଷ୍ଣୁ ଏହା ଜାଣିପାରି ସୁଦର୍ଶନ ଚକ୍ରରେ ଉକ୍ତ ଦାନବର ମସ୍ତକ ଛିନ୍ନ କଲେ । ଅମୃତ ପାନ କରିଥିବାରୁ ଦାଦବର ମୃତ୍ୟୁ ହୋଇ ନଥିଲା । ତା'ର ମସ୍ତକ ରାହୁ ଓ ଶରୀର କେତୁ ନାମରେ ଗ୍ରହାକାରରେ ଆସୁରିକ ଶକ୍ତିର ପ୍ରତୀକ ଭାବେ ରହିଛି । ତେଣୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ନବଗ୍ରହଙ୍କ ସହିତ ରାହୁ ଓ କେତୁଙ୍କୁ ମଧ୍ୟ ମହତ୍ତ୍ୱ ପ୍ରଦାନ କରାଯାଇଛି । ଜ୍ୟୋତିଷଶାସ୍ତ୍ରରେ ରାହୁ ଓ କେତୁଙ୍କୁ ଦୁଷ୍ଟ ଗ୍ରହ ଭାବେ ବିଚାର କରି ବ୍ୟକ୍ତିର ଜୀବନରେ ତା'ର କୁପ୍ରଭାବକୁ ନିଷ୍ଫଳ କରିବା ପାଇଁ ଜ୍ୟୋତିଷମାନେ ବିଭିନ୍ନ ପ୍ରକାର ପୂଜାବିଧି ଏବଂ ଯଜ୍ଞାନୁଷ୍ଠାନ କରିବା ପାଇଁ ପରାମର୍ଶ ଦେଇଥା'ନ୍ତି । ରାହୁ ଗ୍ରହଙ୍କ ନକାରାତ୍ମକ ପ୍ରଭାବକୁ କମ୍ କରିବା ପାଇଁ ଭାରତର ଅନେକ ସ୍ଥାନରେ ରାହୁଙ୍କ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି ।

ଭାରତରେ ଥିବା ସମସ୍ତ ରାହୁ ମନ୍ଦିର ମଧ୍ୟରୁ ଦେବଭୂମି ଉତ୍ତରାଖଣ୍ଡର ପାଉରି ଜିଲ୍ଲା ଅନ୍ତର୍ଗତ ପେଠାଣୀ ନାମକ ଗ୍ରାମର ମନ୍ଦିର ସର୍ବମାନ୍ୟ । ଏହି ମନ୍ଦିର ସ୍ୟୋଲିଗାଡ଼ ନଦୀ (ରଥବାହିନୀ) ଓ ନାଭାଲିକା (ପଶ୍ଚିମୀ ନୟାର୍) ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ । ସ୍କନ୍ଦ ପୁରାଣର କେଦାରଖଣ୍ଡରେ ମଧ୍ୟ ଏହି ମନ୍ଦିର ସମ୍ପର୍କିତ ବର୍ଣ୍ଣନା ରହିଛି । ରାହୁଙ୍କର ଗୌତ୍ର 'ପେଠିନସୀ' ଅନୁସାରେ ଗ୍ରାମର ନାମ ପେଠାଣୀ ହୋଇଛି ବୋଲି ଅନେକ ପୌରାଣିକ କଥା ଓ ଲୋକକଥା ଶୁଣିବାକୁ ମିଳିଥାଏ । ଏହି ମନ୍ଦିର ସମ୍ପର୍କରେ ମାନ୍ୟତା ରହିଛି ଯେ, ଯଦି କୌଣସି କାରଣରୁ ରାହୁଙ୍କ ପୂଜା ଖଣ୍ଡିତ ହେଲା କିମ୍ବା କୌଣସି ଭକ୍ତ ରାହୁଙ୍କ ପୂଜା ଭକ୍ତି ଓ ଶ୍ରଦ୍ଧା ସହକାରେ ନକଲା, ତା'ହେଲେ ମହାଦେବଙ୍କ କୋପଦୃଷ୍ଟି ପଡ଼ିଥାଏ । ତେଣୁ ଏଠାରେ ପୂଜାରୀ ଓ ଭକ୍ତମାନେ ବିଧିବିଧାନର ସହିତ ରାହୁଙ୍କ ପୂଜାର୍ଚ୍ଚନା କରିଥା'ନ୍ତି । ପଶ୍ଚିମମୁଖୀ ଏହି ମନ୍ଦିର ଭିତରେ ଶିବଲିଙ୍ଗ ସହିତ ରାହୁଙ୍କ ମସ୍ତକ ପ୍ରତିମା ପୂଜା ପାଉଛନ୍ତି । ମନ୍ଦିରର ଭିତର କାନ୍ଥଗୁଡ଼ିକରେ ଶ୍ରୀବିଷ୍ଣୁଙ୍କ ଦ୍ୱାରା କିଭଳି ଭାବେ ରାହୁଙ୍କ ମସ୍ତକ ଛିନ୍ନ ହୋଇଥିଲା, ତାହାର ଚିତ୍ର ଖୋଦେଇ କରାଯାଇଛି । ଏଠାରେ ମୁଗ ଖେଚୁଡ଼ି ଭୋଗ ଲାଗି କରାଯାଇଥାଏ । ଦୈନିକ ଭୋଗ ଓ ଅନ୍ନଛତ୍ରରେ ଏହି ମୁଗ ଖେଚୁଡ଼ିକୁ ଭକ୍ତମାନେ ରାହୁଙ୍କ ପ୍ରସାଦ ଭାବେ ଶ୍ରଦ୍ଧାର ସହିତ ଗ୍ରହଣ କରିଥା'ନ୍ତି ।

ଏହି ମନ୍ଦିର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ମାଣ ପଛରେ ଗୋଟିଏ ପୌରାଣିକ କଥା ରହିଛି । ସୁଦର୍ଶନ ଚକ୍ର ଦ୍ୱାରା ଦାନବର ଶିର ଛେଦନ ପରେ ଶିର ଏହି ସ୍ଥାନରେ ପତିତ ହୋଇଥିଲା । ତେଣୁ ଏଠାରେ ମନ୍ଦିର ନିର୍ମାଣ କରାଯାଇଛି । ବିଶ୍ୱାସ କରାଯାଏ ଯେ, ଏହି ସ୍ଥାନରେ ଥିବା ବଡ଼ ବଡ଼ ପଥର ଖଣ୍ଡ ଭିତରେ ଆଜି ପର୍ଯ୍ୟନ୍ତ ରାହୁଙ୍କ ଛିନ୍ନ ମସ୍ତକ ପୋତି ହୋଇ ରହିଛି । ତେଣୁ ଏହି ସ୍ଥାନରେ ରାହୁଙ୍କର ପୂଜାର୍ଚ୍ଚନା କରିବା ଦ୍ୱାରା ଜାତକରେ ଥିବା ରାହୁଦୋଷ ଖଣ୍ଡନ ହୋଇଥାଏ । ଅନ୍ୟ ଏକ ପୌରାଣିକ କଥା ଅନୁସାରେ ଏହି ମନ୍ଦିରକୁ ପାଣ୍ଡବମାନେ ନିର୍ମାଣ କରିଥିଲେ । ପାଣ୍ଡବମାନେ ସ୍ୱର୍ଗାରୋହଣ ଯାତ୍ରା ସମୟରେ ରାହୁ ଦୋଷରୁ ମୁକ୍ତ ହେବା ପାଇଁ ଏହି ସ୍ଥାନରେ ମହାଦେବଙ୍କ ସହିତ ରାହୁଙ୍କ ପୂଜା କରିବା ପାଇଁ ଏହି ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିର ନିର୍ମାଣ ସମ୍ପର୍କିତ ଅନ୍ୟ ଏକ ତଥ୍ୟ ମିଳେ ଯେ, ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ସ୍ଥାନ ଦେଇ ହିମାଳୟକୁ ଯାତ୍ରା କରୁଥିବା ସମୟରେ ତାଙ୍କୁ ଏଠାରେ ରାହୁଙ୍କର ପ୍ରକୋପ ଅଧିକ ଅନୁଭୂତ ହୋଇଥିଲା । ତେଣୁ ଆଦିଗୁରୁ ଶଙ୍କରାଚାର୍ଯ୍ୟ ରାହୁଙ୍କ ଦୁଃପ୍ରଭାବ ଶାନ୍ତ କରିବା ପାଇଁ ଏଠାରେ ମନ୍ଦିର ନିର୍ମାଣ କରି ବିଧିବିଧାନର ସହିତ ପୂଜା କରିଥିଲେ । ଆଉ କେତେକ ପୁରାଣ ମତାନୁସାରେ ଦୁଇନଦୀର ସଙ୍ଗମସ୍ଥଳରେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ରାହୁ ମହାଦେବଙ୍କ ତପସ୍ୟାରେ ଲୀନ ଥିଲେ । ତେଣୁ ମହାଦେବଙ୍କ ଆଶିଷ ଲାଭ କରିଥିବା ଏହି ପୁଣ୍ୟସ୍ଥଳରେ ରାହୁଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା ।

ପେଠାଣୀରେ ଥିବା ରାହୁଙ୍କ ଏହି ମୁଖ୍ୟ ମନ୍ଦିର ବ୍ୟତୀତ ଭାରତର ଅନ୍ୟ ୧୪ଟି ମନ୍ଦିରରେ ରାହୁକେତୁଙ୍କର ପୂଜାର୍ଚ୍ଚନା କରାଯାଏ । ଯଥା - ଶ୍ରୀକାଳହସ୍ତିଶ୍ୱର ମନ୍ଦିର, ତିରୁନାଗେଶ୍ୱରମ୍ ନାଗନାଥର ମନ୍ଦିର, ଶ୍ରୀନାଗନାଥସ୍ୱାମୀ କେତୁ ମନ୍ଦିର, ରାହୁକେତୁ ମନ୍ଦିର, ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର, ରାହୁକେତୁ ମନ୍ଦିର ରାହୁରି, ଶ୍ରୀରାହୁମୁନେଶ୍ୱର ମନ୍ଦିର, ରାହୁକେତୁ ଆଥି ଈଶ୍ୱରନ୍ ମନ୍ଦିର, ରାହୁ ନବଗ୍ରହ ଦେବତା ମନ୍ଦିର, ପମ୍ପୁରନାଥ ମନ୍ଦିର, ନାଗେଶ୍ୱର ମନ୍ଦିର, କୁନ୍ଦ୍ରାଥୁର ନାଗେଶ୍ୱର ମନ୍ଦିର ଓ ବିଶାରେଶ୍ୱର ମନ୍ଦିର ।ପାଉଛନ୍ତି । ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA

## ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ତଳକାଳିମାରେ ହାତୀ ଉପଦ୍ରବ

## ଖଳାରେ ଧାନ ନଷ୍ଟ କଲେ



ଲାଞ୍ଜିଗଡ଼,୨୭ ।୧୧(ସମିସ):ଲାଞ୍ଜିଗଡ଼ ବ୍ଲକ୍ ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ନେଉନି। ବୁଧବାର ରାତ୍ରିରେ ପୁର୍ନବାର ହାତୀ ଉପଦ୍ରବ ଯୋଗୁଁ ଧାନ ଫସଲ ନଷ୍ଟ ହୋଇଛି। କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ବିଜେପୁର ସେକ୍ସନ ତଳକାଳିମା ଗାଁରେ ପୁଣି ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି।

ନିକଟସ୍ଥ ଜିମିରି ଜଙ୍ଗଲରେ ୧୬ ଟିକିଆ ହାତୀପଲ ରହିଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ଆସି ବିଜେପୁର ପଞ୍ଚାୟତ ତଳକାଳିମା ଗାଁର ମଦନ ମାଝୀ,ସୁନାଧାର ଗୌଡ଼, ପଦ୍ମା ଗୌଡ଼, ଡାକେ ମାଝୀ, ରୂପା ମାଝୀ ଓ ମଧୁମାଝୀ ଅମଳ ପାଇଁ ଗାଁ ନିକଟ ଖଳାରେ ରଖିଯାଇଥିବା ଧାନକୁ ଖାଇବା ସହ ଫିଙ୍ଗା ଫୋପଡ଼ା କରି ନଷ୍ଟ କରି ଦେଇଛନ୍ତି। ବର୍ଷ ସାରା ଉକ୍ତ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବଢୁଥିବା ବେଳେ ଚାଷୀକୁଳ ଧାର କରଜ କରି ଧାନ ସହିତ ବିଭିନ୍ନ ଚାଷ କରିଥାନ୍ତି। ହେଲେ ବର୍ତ୍ତମାନ ଏମାନଙ୍କ ଫସଲକୁ ହାତୀ ପଲ ମାଡି ଚକଟି ନଷ୍ଟ କରିଦେଇଥିବା ବେଳେ ପରିବାର ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଏହି ଉପାନ୍ତ ଅଞ୍ଚଳରେ ସନ୍ଧ୍ୟା ହେଲେହାତୀ ଗାଁ ମୁହାଁ ହେଉଥିବା ବେଳେ ରାତିରେ ବିଜୁଳିକାଟ ଯୋଗୁଁ ଲୋକେ ଆହୁରି ଭୟଭୀତ ଅବସ୍ଥାରେ ରହୁଛନ୍ତି। କିନ୍ତୁ ଲୋକଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାନଯିବାରୁ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିବା ସହିତ ବନବିଭାଗର ଅବହେଳା ଯୋଗୁଁ ଏହି ଭଳି ଘଟଣା ବାରମ୍ବାର ଘଟୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଏନେଇ ବିଜେପୁର ବନପାଳ ପଦ୍ମଲୋଚନ ଶବରଙ୍କୁ ପଚାରିବାରୁ ଅଞ୍ଚଳର ସବୁଆଡେ ହାତୀପଲ ରହିଛନ୍ତି। ଆମ ପାଖରେ ଷ୍ଟାପ କମ୍ ଅଛନ୍ତି ସେଥିପାଇଁ ଆମେ ହାତୀଙ୍କର ଗତିବିଧି ଉପରେ ନଜର ରଖିବା ସମ୍ଭବ ହେଉନାହିଁ। ଆମେ ଘଟଣାସ୍ଥଳକୁ ଯାଇ ଚାଷୀଙ୍କ ଯାହା କ୍ଷୟକ୍ଷତି ହୋଇଛି ଆକଳନ କରିଛୁ ସରକାରଙ୍କ ଯାହା ଗାଇଡ଼ଲାଇନ୍ ଅଛି ସେହି ଅନୁସାରେ ଚାଷୀଙ୍କୁ କ୍ଷତିପୂରଣ ଦେବୁ ବୋଲି ପ୍ରକାଶ କରିଛନ୍ତି।

# ସ୍କୁଲ ଗେଟ୍‌ରେ ତାଲା ପକାଇଲେ ଜାଗା ମାଲିକ

## ବିଇଓଙ୍କ ହସ୍ତକ୍ଷେପ ପରେ ଖୋଲିଲା

ଗୋଲାମୁଣ୍ଡା,୨୭ ।୧୧(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଖଲିଆକାନି ପଞ୍ଚାୟତ ଖଲିଆକାନି ଗାଁରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗ୍ରାମରେ ଥିବା ସର୍ବପୁରାତନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍କୁଲ ଗେଟ୍‌ରେ ଗ୍ରାମର ଜଣେ ବ୍ୟକ୍ତି ନିଜର ବ୍ୟକ୍ତିଗତ ଜାଗା ଦର୍ଶାଇ ତାଲା ପକାଇ ଥିଲେ। ସ୍କୁଲ ଗେଟରେ ତାଲା ମାରିବା ଫଳରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଗେଟ ଭାବରେ ରହିଥିଲେ। ଦୀର୍ଘ ୩ ଘଣ୍ଟା ସ୍କୁଲ ଗେଟ ବନ୍ଦ ଥିବା ବେଳେ ଗୋଲାମୁଣ୍ଡା ବିଇଓ ରାଜେଶ କୁମାର ନାୟକ ଓ ଥାନା ଅଧିକାରୀ ଘଟଣାସ୍ଥଳକୁ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରତିଶ୍ରୁତି ଦେଲା ପରେ ସ୍କୁଲ ଗେଟ ଖୋଲିଥିଲେ। ସୂଚନାରୁ ଉଲ୍ଲେଖ ଯେ ବିଗତ ଦିନରେ ମଧ ସ୍କୁଲ ଗେଟରେ ପରିବାରଲୋକ ତାଲା ଦେଇଥିବା ଘଟଣା ଦେଖିବାକୁ ମିଳିଥିଲା। ପରେ ସ୍ଥାନୀୟ ବିଡ଼ିଓ, ତହସିଲଦାର,ଚେୟାରମ୍ୟାନ ଯାଇ ବୁଝାସୁଝା କରି କମ ଦିନ ଭିତରେ ତାଙ୍କ ଦାବି ପୂରଣ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ପ୍ରତିଶ୍ରୁତିକୁ ରକ୍ଷା ନ କରିପାରିବାରୁ ଜାଗା ମାଲିକ ଭଗବାନ ମାଝୀ ଆଜି ପୁଣି ସ୍କୁଲ ଗେଟରେ ତାଲା ପକାଇଥିଲେ। ଆଗକୁ ଯଦି ଆମ ଦାବି ପୂରଣ ନ ହୁଏ ତେବେ ପୁଣି ସ୍କୁଲ ଗେଟ୍‌ରେ ତାଲା ବନ୍ଦ କରିବା ସହିତ ଧାରଣାରେ ବସିବୁ ବୋଲି କହିଛନ୍ତି।



## ଲାଞ୍ଚ ମାମଲାର ଶୁଣାଣି

# ବିଦ୍ୟୁତ୍ ବିଭାଗ ଆକାଉଣ୍ଟାଣ୍ଟଙ୍କୁ ୩ ବର୍ଷ ଜେଲ୍

ଭବାନୀପାଟଣା,୨୭ ।୧୧(ସମିସ):କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ବିଦ୍ୟୁତ୍ ବିଭାଗର( ଏସ୍‌ଡ଼ିଓ) ସବଡିଭିଜନ ଅଫିସରେ କାର୍ଯ୍ୟରତ ପୂର୍ବତନ ଆକାଉଣ୍ଟାଣ୍ଟ ଅଜିତ କୁମାର ମିଶ୍ର ଲାଞ୍ଚ ମାମଲାରେ ଗୁରୁବାର ଭିଜିଲାନ୍ସ କୋର୍ଟ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣାସ୍ଥିତ ଜିଲ୍ଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରୀ ନାରାୟଣ ନନ୍ଦ ମାମଲାର ବିଚାର କରି ଅଭିଯୁକ୍ତ ମିଶ୍ରଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ପ୍ରାପ୍ତ ସୂଚନାମତେ ଭବାନୀପାଟଣା ସଦର ବ୍ଲକ୍ ଗୋପୀନାଥପୁର ଗ୍ରାମର ସରଜୁ ପାଢ଼ୀ ନାମକ ଜଣେ ଉପଭୋକ୍ତାଙ୍କୁ ତାଙ୍କ ବିଦ୍ୟୁତ୍ ବକେୟା ବିଲର ସମାଧାନ କରିଦେବା ପାଇଁ ଅଭିଯୁକ୍ତ ମିଶ୍ର ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ।ଏହାକୁ ନେଇ ଉପଭୋକ୍ତା ପାଢ଼ୀ ଆକାଉଣ୍ଟାଣ୍ଟ ଶ୍ରୀ ମିଶ୍ରଙ୍କ ନାମରେ ଗତ ୨.୧୦.୨୦୧୯ରେ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଲିଖିତ ଅଭିଯୋଗ କରିଥିଲେ। ଏହାର ଦିନକ ପରେ ଅର୍ଥାତ ୩.୧୦.୨୦୧୯ରେ ଉପଭୋକ୍ତା ପାଢ଼ୀଙ୍କ ଠାରୁ ଅଭିଯୁକ୍ତ ମିଶ୍ର ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସର ଜାଲରେ ପଡ଼ିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଭିଜିଲାନ୍ସ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ପରିଚାଳନା କରିଥିଲେ।

# ଇକୋ ଟୁରିଜମ ପାଇଁ ଜିଲ୍ଲାପାଳଙ୍କ ସ୍ଥାନ ପରିଦର୍ଶନ




ବୌଦ୍ଧ,୨୭ ।୧୧ (ସମିସ): ବୌଦ୍ଧ ସହର ମର୍ଜାକୁଦ ନିକଟରେ ଥିବା ମହାନଦୀ ପରିବେଷ୍ଟିତ କୁଲାରୀ କୁଦରେ ଇକୋ ଟୁରିଜମ କରାଯିବ। ଏଥିପାଇଁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସ୍ଥାନ ପରିଦର୍ଶନ କରି ଭିତ୍ତିଭୂମି ଅନୁଧାନ କରିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧ ତହସିଲଦାର ଅନିତା ସାହୁ, ଜିଲ୍ଲା ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସନ୍ଦୀପ ଛୁଆଲ ସିଂହ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୁନା ଚରଣ ସିଂ, ଜଳସେଚନ ନିର୍ବାହୀ ଯନ୍ତ୍ରୀ ନରେଶ ବାରିକ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ଦଳେଇ, ଜିଲ୍ଲା ପର୍ଯଟନ ଅଧିକାରୀ ପ୍ରଭାକର କହଁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଆରଆଇ ଅନିଲ ପ୍ରଧାନ ଏବଂ ବନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୌଦ୍ଧର ଭବାନୀ ଶଙ୍କର ମହାପାତ୍ର ପାଇଲେ ସଂଗୀତ ନାଟକ ଏକାଡେମୀ ପୁରସ୍କାର

ବୌଦ୍ଧ,୨୭ ।୧୧ (ସମିସ): ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ସଂଗୀତ ନାଟକ ଏକାଡେମୀ ତରଫରୁ ୨୦୨୩, ୨୦୨୪, ୨୦୨୫ ବର୍ଷ ପାଇଁ ପ୍ରାୟ ୧୪୦ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନିତ ଅତିଥି ଭାବେ ବିଧାୟକ ତଥା ସିନେ ତାରକା ସିଦ୍ଧାନ୍ତ ମହାପାତ୍ର ଓ ଆକାଶ ଦାସ ନାୟକ, ବିଧାୟକ ବାବୁ ସିଂ, ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା, ସଭାପତି ବିଜୟ କେତନ ଉପାଧ୍ୟାୟ ମଞ୍ଚାସୀନ ଥିଲେ। ଏହି ଅବସରରେ ବୌଦ୍ଧ ରାମଲୀଳା ନାଟ୍ୟ ସଂସଦର ନିର୍ଦ୍ଦେଶକ ତଥା ବରିଷ୍ଠ କଳାକାର ଭବାନୀ ଶଙ୍କର ମହାପାତ୍ରଙ୍କୁ ୨୦୨୫ ବର୍ଷ ପାଇଁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ତାଙ୍କ ସହ ବୌଦ୍ଧରୁ ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ସଂଗୀତ ନାଟକ ଏକାଡେମୀ ସଦସ୍ୟ ବସନ୍ତ ସାହୁ, ଅରୁଣ ମେଣ୍ଡିଲି ଉପସ୍ଥିତ ଥିଲେ।



# ଦପଲା ଧନୁଯାତ୍ରା ପାଇଁ ଖମ୍ବ ସ୍ଥାପନ

ଶଗଡା,୨୭ ।୧୧(ସମୀସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଦପଲାରେ ୧୧ତମ ଆଞ୍ଚଳିକ ଧନୁଯାତ୍ରା ପାଇଁ ଖମ୍ବ ସ୍ଥାପନ କରାଯାଇଛି। ଲକ୍ଷ୍ମୀନାରାୟଣ ନାଟ୍ୟ ସଂସଦ ପକ୍ଷରୁ ପୂଜାରୀ ଲୋଚନ ଯାନୀ ବାବା ପଥରଗଡ଼ ମନ୍ଦିରରୁ ଆଜ୍ଞା ମାଳ ଆଣି ଧନୁଯାତ୍ରା ପଡିଆରେ ଶୁଭ ଖମ୍ବ ସ୍ଥାପନ କରିଥିଲେ। ଦପଲା ସରପଞ୍ଚ ଅନ୍ନପୂର୍ଣ୍ଣା ମହାକୁଡ଼, ପୁରନ୍ଦର ଦନ୍ତା, ସୁରପତି ଦନ୍ତା, ସନ୍ତୋଷ ସିଂ, କୈଳାସ ଦନ୍ତା, ସୁଶାନ୍ତ କହଁର, ଜିତୁ ମେଣ୍ଡିଲି, ପଦ୍ମନାଭ ମେଣ୍ଡିଲି, ରାଧାକାନ୍ତ ଦନ୍ତା, ଦିବ୍ୟଶଙ୍କର ମହାକୁଡ଼, ଭୁବନ ମହାକୁଡ଼, ଆଚାର୍ଯ୍ୟ ଜାନି, ସୁଭ୍ରାନ୍ତ କଲତାଙ୍କ ସମେତ ଯୁରୁମୁଣ୍ଡା ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଧନୁଯାତ୍ରା ଫେବୃଆରୀ ୩ ତାରିଖରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବରଗଡ଼ ଧନୁଯାତ୍ରାର ପୂର୍ବତନ ଅଭିନେତା (କଂସ ମହାରାଜ) ଭୁବନେଶ୍ୱର ପ୍ରଧାନ ଚଳିତ ବର୍ଷ କଂସ ଭୂମିକାରେ ଅଭିନୟ କରିବେ।


# ତୈଳବୀଜ ଫସଲ ଉପରେ ତାଲିମ

ବୌଦ୍ଧ/ଶଗଡ଼ା,୨୭ ।୧୧ (ସମିସ): ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ କୁମରକେଳିରେ ତୈଳବୀଜ ଫସଲ ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବୈଜ୍ଞାନିକ ପଦ୍ଧତିରେ କିଭଳି ତୈଳବୀଜ ଚାଷ କରାଯିବ, ତୈଳବୀଜର ମୂଲ୍ୟ ନିର୍ଦ୍ଧାରଣ, ବଜାରରେ ବିକ୍ରି ଓ କ'ଣ ପାଇଁ ଏହା ଚାଷ କରାଯିବ ସେ ଉପରେ ବରିଷ୍ଠ ବୈଜ୍ଞାନିକ ତପନ ଦାଶ ଓ ଡ. ମୟୂରୀ ସିଂ ସର୍ଦାର ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ସଂସ୍ଥାର ରଞ୍ଜନ ଭୋକ୍ତା ମଧ ଆଲୋଚନା କରିଥିଲେ। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ ତାଲିମ ଦିଆଯାଇଥିଲା। ସେମାନେ କିଭଳି ବିଭିନ୍ନ ପ୍ରକାରର ଚାଷ କରି ଲାଭବାନ ହେବେ ସେ ଦିଗରେ ଆଲୋଚନା ହୋଇଥିଲା। ନୀଳକଣ୍ଠେଶ୍ୱର କୃଷକ ଉତ୍ପାଦକ ସଂସ୍ଥା ସହଯୋଗ କରିଥଲା। ଏଥିରେ ଶତାଧିକ ଚାଷୀ ଅଂଶ ଗ୍ରହଣ କରିଥିଲେ। ସବ୍ୟସାଚୀ କର୍ଣ୍ଣ, ଆସମାନ ମହାକୁଡ଼ ପ୍ରମୁଖ ପରିଚାଳନା କରିଥିଲେ।

# ନୂଆପଡ଼ାରେ ମକାର ଅଭାବୀ ବିକ୍ରି

## ଛତିଶଗଡ଼ ବ୍ୟବସାୟୀଙ୍କ କବଜାରେ ଚାଷୀ

ସିନାପାଲି,୨୭ ।୧୧(ସମିସ): ନୂଆପଡ଼ା ଜିଲ୍ଲାରେ ଧାନ ପରେ ଏବେ ମକା ଅଭାବୀ ବିକ୍ରି ଚାଷୀଙ୍କୁ ସର୍ବସ୍ୱାନ୍ତ କରିଛି। ଏବର୍ଷ ଜିଲ୍ଲାରେ ପ୍ରାୟ ୧୧୦ କୋଟିର ମକା ବ୍ୟବସାୟ ହେବାର ଆକଳନ ହେଉଛି। ମଣ୍ଡି ବ୍ୟବସ୍ଥା ହେଉନଥିବାରୁ ଚାଷୀ କମ ଦରରେ ବିକ୍ରୀ କରି ଶୋଷଣର ଶିକାର ହେଉଛନ୍ତି। ଏବେ ଛତିଶଗଡ଼ ବ୍ୟବସାୟୀଙ୍କ କବଳରେ ଜିଲ୍ଲାର ମକାଚାଷୀ ରହିଛନ୍ତି। ଚଳିତବର୍ଷ ଜିଲ୍ଲାରେ ୭୬୫୫ ହେକ୍ଟର ଜମିରେ ମକାଚାଷ ହୋଇଛି। ସେଥିରୁ ନୂଆପଡ଼ାରେ ୨୦୨୦ହେକ୍ଟର, କୋମନା ବ୍ଲକରେ ୨୮୯୨ ହେକ୍ଟର, ଖଡ଼ିଆଳ ବ୍ଲକରେ ୧୭୦ ହେକ୍ଟର, ବୋଡେନ ବ୍ଲକ୍‌ରେ ୧୦୨୩ ହେକ୍ଟର ଓ ସିନାପାଲି ବ୍ଲକରେ ୧୫୫୦ ହେକ୍ଟର ଚାଷ ହୋଇଛି। ଜିଲ୍ଲାର ଚାଷୀଙ୍କ ପାଇଁ ଧାନ ମୁଖ୍ୟ ଫସଲ। କିନ୍ତୁ କପା ଓ ମକାରୁ ଚାଷୀ ଭଲ ଦି ପଇସା ରୋଜଗାର କରନ୍ତି। ଜିଲ୍ଲାରେ ଉଠାଣିଆ ଜମି ପରିମାଣ ଅଧିକ ହେତୁ ଚାଷୀ ମରୁଡ଼ି ସହଣି ମକା ଫସଲକୁ ଆପଣାଇଛନ୍ତି। ପ୍ରତିବର୍ଷ ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତ ହେତୁ ଅନେକ ସ୍ଥାନରେ ଧାନଚାଷ ନଷ୍ଟ ହୋଇଛି। ଏବର୍ଷ ମକାଚାଷ ଅନୁକୂଳ ବର୍ଷା ହୋଇଛି। ଏଣୁ ଚାଷୀଙ୍କ ଆଶାନୁରୂପକ ମକା ଅମଳ ହେଉଛି। ଅଧିକାଂଶ ଜମିରୁ ମକା ଅମଳ ହୋଇସାରିଲାଣି। ଏବେ ଚାଷୀ ମକା ଅମଳକରି ଘରେ ଗଦାଇରଖିଛନ୍ତି। କିନ୍ତୁ ଅଭାବୀ ବିକ୍ରି ଚାଷୀଙ୍କୁ କ୍ଷତି ପହଞ୍ଚାଇଛି। ଗତ ୨୦ବର୍ଷରୁ ଉର୍ଦ୍ଧ ହେବ ଜିଲ୍ଲାରେ ମକାଚାଷ ହେଉଛି। ପ୍ରତିବର୍ଷ ଅମଳ ବି ବଢିବାରେ ଲାଗିଛି। ମଣ୍ଡି ଖୋଲାଯିବ ବୋଲି ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିଶ୍ରୁତି ମିଳୁଛି। କିନ୍ତୁ ଏଯାବତ ମଣ୍ଡି ବ୍ୟବସ୍ଥା ହେଉନଥିବାରୁ ଚାଷୀ ମକା ବିକ୍ରିକରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାରେ ୪ଲକ୍ଷ ୫୯ହଜାର ୩୦୦କୁଇଣ୍ଟାଲ ମକା ଅମଳ ହେବାର ଆକଳନ ହେଉଛି। ସରକାରୀ ମୂଲ୍ୟ କୁଇଣ୍ଟାଲ ପିଛା୨୪୦୦ ହିସାବରେ ଜିଲ୍ଲାରେ ୧୧୦କୋଟି ୨୩ଲକ୍ଷ ୨୦ହଜାର ଟଙ୍କାର ମକା ବ୍ୟବସାୟ ହେବ। ଏହାସତ୍ତ୍ୱେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉନାହିଁ। ଟଙ୍କା ଧାର ଆଣି ଚାଷ କରିଥିବା ବେଳେ ସାହୁକାର ଉଧାର ଟଙ୍କା ମାଗିବା ଆରମ୍ଭ କଲେଣି। ଫଳରେ ଚାଷୀ ଅଡୁଆରେ ପଡିଛନ୍ତି। ପରିସ୍ଥିତିରେ ପଡ଼ି କୁଇଣ୍ଟାଲ ପିଛା ପ୍ରାୟ ୧୫ରୁ ୧୮ ଶହ ଟଙ୍କାରେ ମକା ବିକ୍ରି କରୁଛନ୍ତି। ପିଛା ୬ରୁ ୯ ସହ ଟଙ୍କା କ୍ଷତି ସହୁଛନ୍ତି। ଏହାର ସୁଯୋଗ ନେଇ ଛତିଶଗଡର ବେପାରୀମାନେ ଗାଁ ଗଣ୍ଡାରେ ଡେରା ପକାଇ କମ ଦରରେ ମକା ସଂଗ୍ରହ କରୁଛନ୍ତି। ମକାବିକ୍ରି ପାଇଁ ସୁବ୍ୟବସ୍ଥା ନକଲେ ଚାଷୀ ମକା ଚାଷରୁ ମୁହଁ ଫେରାଇବା ସୁନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି। ଜିଲ୍ଲାରେ ତୁରନ୍ତ ମଣ୍ଡି କିମ୍ବା ବଜାର ବ୍ୟବସ୍ଥା କରି ଚାଷୀଙ୍କୁ ସରକାରୀ ଦର ଯୋଗାଇଦେବାକୁ ମକାଚାଷୀ ଦାବି କରିଛନ୍ତି।ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନାୟକଙ୍କୁ ପଚାରିବାରୁ ମକାଫସଲ କିଣିବାକୁ ଫାରମର ପ୍ରଡ୍ୟୁସର ସଂଗଠନକୁ ଦାୟିତ୍ୱ ଦିଆଯାଇଛି। ମକା ଅଭାବୀ ବିକ୍ରି ଅଭିଯୋଗ ଆସିନି। ଏଭଳି କିଛି ଅଭିଯୋଗ ଆସିଲେ ତାର ବ୍ୟବସ୍ଥା କରିବୁ ବୋଲି କହିଛନ୍ତି।



# ଟ୍ରାଫିକ୍ ସମସ୍ୟାରୁ ଲୋକେ ହନ୍ତସନ୍ତ

କଲମପୁର,୨୭ ।୧୧(ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ସଦରମହକୁମା ମୁଖ୍ୟ ବଜାର ପ୍ରାଙ୍ଗଣ ଏବେ ଜନ ଗହଳି ହେବାରେ ଲାଗିଛି। ଏହି ମୁଖ୍ୟ ବଜାର ପ୍ରାଙ୍ଗଣରେ ସମସ୍ତ ପଡା ରାସ୍ତା ସଂଯୋଗ ହୋଇଥିବା ବେଳେ ମଝିରେ ମୁଖ୍ୟ ରାସ୍ତା ଲମ୍ବିଛି।

ରାସ୍ତା ପାଶ୍ୱର୍ରେ ଦୋକାନ ଗୁଡିକ ଲାଗିଥିବା ବେଳେ ରାସ୍ତା ଉପରେ ତଥା ବିଭିନ୍ନ ସ୍ଥାନରେ ଉଠା ଦୋକାନୀ ଆସ୍ଥାନ ଜମେଇ ମାଡି ବସିଛନ୍ତି। ଏଥି ସହିତ ପାର୍କିଂ ବ୍ୟବସ୍ଥା ନଥିବାରୁ ଯାନ ବାହାନ ଗୁଡିକ ଟିଏ ଯୁଆଡେ ପାରିଲା ଥୋଇ ଚାଲି ଯାଉଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ଉପୁଜିବାରେ ଲାଗିଛି,ଗାଡି ମଟର ଯୋଗୁଁ ବାଇପାସ୍ ରାସ୍ତା ଅବରୋଧ ହୋଇଥିବା ବେଳେ ବିଶେଷ କରି ଛାତ୍ରଛାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ପୂର୍ବରୁ କଲମପୁରରେ ଥାନା ଅବସ୍ଥାପିତ ହୋଇ ନ ଥିଲା। କଲମପୁର ଅଞ୍ଚଳ ଜୟପାଟଣା ଥାନା ଅଧୀନରେ ପରିଚାଳିତ ହେଉଥିବା ବେଳେ କଲମପୁରରେ ଫାଣ୍ଡି ରହି କିଛି ପୋଲିସ କର୍ମଚାରୀ ନିୟୋଜିତ ଥିଲେ। ସେତେବେଳେ ରାତି ତମାମ ଗୃହରକ୍ଷୀମାନେ ହୁଇସିଲ ମାରି ପହରା ଦେଉଥିଲେ। ଦିନରେ ମୁଖ୍ୟ ବଜାର ପ୍ରାଙ୍ଗଣରେ ଉପସ୍ଥିତ ରହି ଗାଡି ମଟରକୁ ରାସ୍ତା ଉପରେ ରଖିବାକୁ ବାରଣ କରୁଥିଲେ। ଏକପ୍ରକାର ଆଇନ ଶୃଙ୍ଖଳା ପରିସ୍ଥିତି ସଠିକ ଭାବେ ପରିଚାଳିତ ହେଉଥିବାରୁ ଜନ ସାଧାରଣ ଆଶ୍ୱସ୍ତ ଅନୁଭବ କରି ଶାନ୍ତିରେ ରହି ଆସୁଥିଲେ।ଏବେ ନୂତନ ଭାବେ କଲମପୁର ଥାନା ହେବା ପରେ ସେସବୁ ବ୍ୟବସ୍ଥା ଉଚ୍ଛେଦ କରା ଯାଇଛି। ଫଳରେ ଗାଡି ମଟରର ପାର୍କିଂ ଭିଡ ଭିତରେ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମଙ୍କ ଖାଲି ପାଦରେ ଚାଲି ଯିବା ତ ଦୂରର କଥା ସାଧାରଣଲୋକେ ମଧ ଚାଲି କରି ଯିବା ଆସିବା କରିବା ମୁସ୍କିଲ ହୋଇ ପଡୁଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନ ସାଧାରଣରେ ମତ ପ୍ରକାଶ ପାଇଛି।


**AFFIDAVIT**

By virtue of an affidavit sl. no.-6651, dtd.24.11.2025, in the court of the Executive Magistrate, Kendrapara, I, Pradipta Jena, S/o- Rabindranath Jena, R/o- Vill/Po- Harianka, Ps- Kendrapara Sadar, Dist.- Kendrapara, Odisha, Pin-754210 have changed my minor son's name from Pravat Jena to Pravas Jena. Henceforth he will be known as Pravas Jena instead of Pravat Jena for all purposes.

Sd/- Pradipta Jena

**AFFIDAVIT**

By virtue of an Affidavit before Notary Public, Malkangiri, **I, Ashis Kumar Bairagi,** aged about 26 years, S/o.: Rabin Bairagi resident of Village: Radhagabindapa Palli M.V. - 30, PO.: Kamwada, P.S.: Orkel, Dist.: Malkangiri, Odisha, declare by this Affidavit No.: 16008/2025, Dated: 27.11.2025 that I have changed my & my father name from **Asish Bairagi**, S/o.: Rabindra Bairagi to **Ashis kumar Bairagi**, **S/o.: Rabin Bairagi**. Henceforth I shall be known as **Ashis kumar Bairagi, S/o.: Rabin Bairagi** for all future purposes.

**AFFIDAVIT**

By virtue of an affidavit sworn before executive Magistrate Dhamnagar, dated 24/11/2025. I,Firdous Quadri Address At- Mustafapur, PO-Dobal, PS- Dhamnagar, Dist-Bhadrak, PIN-756117,State-Odisha declare that I have changed my name from Firdosh Kadri to Firdous Quadri. Henceforth, I shall be known as Firdous Quadri for all purposes.

(Firdous Quadri)

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 26/11/2025, CF No.- 41/26.11.2025. I, Anirudha Nayak S/O Senapati Nayak, At- Tarini Nagar, Salia Sahi, Jaydev Vihar PO-R R L, PS- Maitri Vihar, Dist- Khordha, Pin- 751013, declare that I have changed the name of my daughter from Nansi Nayak to Rincy Nayak. Henceforth, she shall be known as new name Rincy Nayak for all purposes.

Anirudha Nayak

**AFFIDAVIT**

By virtue of an affidavit CF No.50, sworn before Executive Magistrate, Bhubaneswar, dated 29.10.2025, I, Gati Prasad Rout, Plot No.Sd-3 Backside, VSS Nagar, Po- Rasulgarh, Ps.- Sahid Nagar, Bhubaneswar-751010, Dist.- Khordha, Odisha declare that I have changed the name of my daughter from Somya Priyadarsini to Soumya Priyadarshini Rout. Henceforth she shall be known as Soumya Priyadarshini Rout for all purposes.

Gati Prasad Rout

**AFFIDAVIT**

By virtue of an Affidavit Sworn before the Executive Magistrate, Nandapur, Dist.-Koraput vide no.-104 dtd.26/11/2025, I Smt. Purnimarani Das, W/o- Sri Milan Kumar Tikadar, resident of House no.-38, Main road, Banjalaput, Po.- Padwa, Dist.- Koraput, Odisha-764038 declare that, I have changed my name from **Purnima Tikadar** to **Purnimarani Das**. That, **Purnima Tikadar** and **Purnimarani Das** is one and the same person.

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**LOST**

**I Prabodha Kumar Sahani, Proprietor of Premium Chicken House,** S/o.: Late Purna Chandra Sahani of Mahanadi Vihar, Declared by this Affidavit No.: 343803, dated 24.11.2025, my original prior sale deed executed by Labangalata Nayak in Favour of Biswabanita aich Document No.: 4047 vide Khata No.: 111/344, Plot No.: 109/2824, Area: Ac.0.040 Decimal, Unit No.: 6, Uttar deulasahi, Mouza: Cuttack Sahar, P.S.: Bidanasi, Dist.: Cuttack has been lost while I was travelling from Cuttack to Pipili by Bus. If somebody found the same please inform- **Mob- 9937068851**

**AFFIDAVIT**

I, **Tabasum Jahan Begum** wife of Gulam Moinuddin Khan, resident of Ward No.- 25, Plot No.- N-1/316, IRC Village, P.O.- IRC Village, P.S.- Nayapalli, Bhubaneswar, Dist.- Khordha, Odisha-751015 declare by this affidavit No.- 11 dated 04.11.2025 that now onwards I shall be known as **TABASUM JAHAN** for all future purposes.

Sd/- Tabasum Jahan

**IN THE COURT OF THE CIVIL JUDGE (SENIOR DIVISION), ANANDAPUR.**

C.S. 115/2023

Kanthia Sethy .......Plaintiff

Vrs.

Nachhu Sethy and others ..Defendants

**NOTICE U/O 5, RULE 20 OF C.P.C To**

Def. 4, 1) Mayadhar Sethy, aged about 57 yrs, Son of late Suka Sethy, of village/P.O- Keshadurapal,P.S- Ghasipura, Dist. Keonjhar.

Def. 5, 2) Tilottama Sethy, aged about 47 years,Wife of Baya Sethy of village-Chhualia, P.O- Dhenka, P.S- Soso, Dist. Keonjhar.

Def. 6, 3) Pramila Sethy, aged about 54 years, Wife of Daitari Sethy Daughter of Sya Sethy of village-Khalagadia,P.O- Dhenka, P.S- Soso, Dist. Keonjhar.

Def. 15, 4) Babuli Sethy, aged about 52 years,Son of late Bali Sethy of village/P.O Atapur, P.S- Sadar,Dist. Keonjhar.

Def. 18, 5) Sanju Sethy, aged about 49 years,Wife of Purna Chandra Behera of village/P.O-Pandirisilli,P.S- Raruan, Dist. Keonjhar.

Def. 20, 6) Pritimaya Sethy, aged about 28 years,Son of late Kulamani Sethy, Village- Sankhapata (Sabarsahi) P.O/P.S- Baripada, Dist. Mayurbhanj.

Take notice that the above-named plaintiff has filed the C.S no. 115/2023 for partition and permanent injunction against the Defendants and the service of summons could not be served against the aforesaid defendants in spite of repeated summons issued by the Court in either ways and the defendants avoided to receive the Court Summons.

So you all are noticed to appear in my Court on 23rd Dec 2025 at about 10.30 A.M in person or through advocate to put forth your claims as to why reliefs prayed by the plaintiff should not be granted.

Take notice that in case of default the suit will be heard or determined in your absence.

Given under my hand and seal of this Court day **30.10.2025.**

Civil Judge (Sr. Divn.), Anandapur.

**NOTICE (FOR MINOR)**

By virtue of an affidavit sworn before the Notary Public, Bhubaneswar, dated 26.11.2025, I, Swami Sampurnananda Saraswati, At- Sitanath Nagar, Niladri Vihar, P.O. Sailashree Vihar, P.S. Chandrasekharpur, Bhubaneswar – 751021, Dist. Khordha declare that I have changed the name of my Adopted daughter from Jayashree Rath to Jayashree Saraswati Rath. Henceforth, she shall be known as Jayashree Saraswati Rath for all purposes.

SWAMI SAMPURNANANDA SARASWATI

**NOTICE**

By virtue of an affidavit sworn before Executive Magistrate, Dhenkanal, dated 27/11/2025, I Urmila Pati, Address At/PO- Bainsia, Block/PS-Gondia, Dist-Dhenkanal, Odisha- 759014, declare that I have changed my name from Urmila Dash to Urmila Pati. Henceforth, I shall be known as Urmila Pati for all purposes.

Urmila Pati

O-1558 e-mail : rwd_gajapati@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISON GAJAPATI PARLAKHEMUNDI

NATIONAL COMPETITIVE BIDDING THROUGH e-Procurement

Identification No. Online Tender- 09/GJP/2025-26

| | | |
|---|---|---|
| 1. | Name of the work | : Building Works |
| 2. | Total No. Work | : 07 (Seven) No. of Building Works |
| 3. | Estimated Cost | : Rs. 4.20 lakhs to 43.58 lakhs |
| 4. | Class of Contractor | : 'C' & 'D' Class Contractor 'B' Class Contractor |
| 5. | Period of Completion | : Furnished in Annexure |
| 6. | Availability of Tender Online for bidding | : 28.11.2025 at 10.00 A.M to 08.12.2025 up to 5.00 PM. |
| 7. | Date and Time of Opening of Tender | : 09.12.2025 at 11.00 A.M |
| 8. | Place of Opening | : As per Annexure |

Further details can be seen from the Website www.tenderorissa.gov.in

Executive Engineer
R.W. Division, Gajapati

OIPR-

**AFFIDAVIT**

I, Prasanta Samantaray, aged about 59 years, S/o- Pitambar Samantaray, resident of At- Plot No- 44/1343, Pitambar Realm, Pokhariput, Bhubaneswar, Dist- Khurda, Pin-751020, Odisha declare by this affidavit No. 2407, dtd- 27/11/2025, that now onwards I shall be known as **PRASANTA KUMAR SAMANTARAY** for all future purposes.

# ପଞ୍ଚାୟତ ସମିତି ବୈଠକ



ବୀରମହାରାଜପୁର,୨୭।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସଭାଗୃହରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ଲୁହା ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ବୀରମହାରାଜପୁର ବିଧାୟକ ଇ. ରଘୁନାଥ ଜଗଦଲା, ଜିଲ୍ଲା ପରିଷଦ ଜୋନ୍-୧ର ସଭ୍ୟ ଲବ କୁମାର ସାହୁ, ଜୋନ ୨-ର ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, ଏମ୍‌ପିଙ୍କ ପ୍ରତିନିଧି ନଳିନୀ ପଣ୍ଡା, ବିଡିଓ ରାଜୀବ ହାଁସଦା, ତହସିଲଦାର ଶୁଚିସ୍ମିତା ପାଣିଗ୍ରାହୀ, ଏବିଡିଓ ପୁରୁଷୋତ୍ତମ ଧରୁଆ ଉପସ୍ଥିତ ଥିଲେ। ବୀରମହାରାଜପୁରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ ଓ ଗମନାଗମନର କିପରି ଅଗ୍ରଗତି ହୋଇପାରିବ ସେ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ ଭାବେ ଅସମ୍ପୂର୍ଣ୍ଣ ଥିବା ଅଙ୍ଗନବାଡି ଘର ସ୍କୁଲକୋଠା, କାମ ଶୀଘ୍ର ସାରି ତାର ପାଚେରୀ ନିର୍ମାଣ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଦୈନିକ ବଜାରର ନବୀକରଣ ସହିତ ଜବରଦଖଲ ଉଚ୍ଛେଦ, ଡ୍ରେନେଜ୍ ବ୍ୟବସ୍ଥା, ବାଇପାସ୍ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ନିର୍ବାଚିତ ପ୍ରତିନିଧିଙ୍କ ସହାୟତାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାମ ଶୀଘ୍ର ସାରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଡିସେମ୍ବର ୯ ତାରିଖରୁ ବିନିକାରୁ ମଣ୍ଡି ମାଧ୍ୟମରେ ଧାନକିଣା ଆରମ୍ଭ ହେବ। ଏହା ନିର୍ବାଚନ ମଣ୍ଡଳୀର ସବୁ ବ୍ଲକ୍‌ରେ କାର୍ଯ୍ୟକାରୀ ହେବ। ଏହି ବୈଠକରେ ଜନପ୍ରତିନିଧିଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭବିଷ୍ୟ ଇଂଲିଶ ମିଡିୟମ ସ୍କୁଲରେ ବିଜ୍ଞାନ ମେଳା



ବିନିକା,୨୭ ।୧୧(ସମିସ): ଫୁଲମୁଠିସ୍ଥିତ ଭବିଷ୍ୟ ଇଂଲିଶ ମିଡିୟମ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ୧୧୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୨୧ଟି ପ୍ରକଳ୍ପ ଖାଦ୍ୟ ପ୍ରକ୍ରିୟାକରଣ ଥିବା ବେଳେ କ୍ରାଫ୍ଟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମେଳାକୁ ବିନିକା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ ଉଦ୍‌ଘାଟନ କରିଥିଲେ। ମେଳାରେ ବିଚାରକ ଭାବେ ଗୌରୀ ଶଙ୍କର ହୋତା, ପ୍ରହଲ୍ଲାଦ ପଣ୍ଡା, ଅବିନାଶ ପଣ୍ଡା, ଭବାନୀଶଙ୍କର ମେହେର, ଅଭିଷେକ ନାଏକ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଚୟନ କରିଥିଲେ। ସ୍କୁଲ ଅଧ୍ୟକ୍ଷା ସସ୍ମିତା ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିନିକା ତହସିଲଦାର ରେଶ୍ମା ଭୋଇ ମୁଖ୍ୟ ଅତିଥି, ଭବିଷ୍ୟ ଚାରିଟେବଲ ଟ୍ରଷ୍ଟ ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ଶେଖର ଦାଶ, ଏକାଡେମୀ ଉପଦେଷ୍ଟା ଡ. ଭବାନୀଶଙ୍କର ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ମନୋଜ ନାୟକ ସଂଯୋଜନା ଓ ଶିକ୍ଷୟିତ୍ରୀ ପ୍ରତୀକ୍ଷାରାଣୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।


# ପଲଶାଗୋରାର ଅନ୍ୱେଷ କର୍ଣ୍ଣ ହେଲେ ରେଞ୍ଜର



ପଲଶାଗୋରା,୨୭ ।୧୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ଗ୍ରାମର ବବ୍ରୁବାହନ କର୍ଣ୍ଣ ଓ ବନିତା କର୍ଣ୍ଣଙ୍କ ସୁପୁତ୍ର ଅନ୍ୱେଷ କୁମାର କର୍ଣ୍ଣ ଓଡିଶା ଲୋକ ସେବା ଆୟୋଗ ଦ୍ୱାରା ନିଯୁକ୍ତି ପରୀକ୍ଷାରେ ୯୫ ରାଙ୍କ ରଖି ବନ ବିଭାଗର ରେଞ୍ଜର ହେବାକୁ ମନୋନୀତ ହୋଇଛନ୍ତି। ସେ ପଲଶାଗୋରାର ପ୍ରଥମ ଥରରେ ରେଞ୍ଜର ପଦବୀ ପାଇଥିବାରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟି ଥିବାବେଳେ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି। ଶ୍ରୀ କର୍ଣ୍ଣ ପଲଶାଗୋରାରେ ବାଲ୍ୟ ଶିକ୍ଷା ଲାଭ କରି ଭୁବନେଶ୍ୱରରେ ଓୟୁଏଟିରେ ପଢୁଥିଲେ।

# ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ବୌଦ୍ଧ,୨୭ ।୧୧(ସମିସ): କଣ୍ଟାମାଳ ହାଇସ୍କୁଲ ପଡିଆ, ପଞ୍ଚାୟତ କଲେଜ ପଡିଆ ଓ ରଣ୍ଡିମହୁଲ ପଞ୍ଚାୟତର ବାଲିଜୋରୀ ପଡିଆରେ ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କନ୍ଧମାଳ ଲୋକସଭା ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ କଣ୍ଟାମାଳ ବ୍ଲକ ପ୍ରତିନିଧି ଦୀପକ ବାରିକ ଉଦ୍‌ଘାଟକ ଥିଲେ। ଟେଲିକମ



ଆଡ଼ଭାଇଜରୀ କମିଟି ସଦସ୍ୟ ନବୀନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଜିପିଓ ଜ୍ଞାନ ରଞ୍ଜନ ପ୍ରଧାନ, ପିଇଓ ଜୟଦେବ ପ୍ରଧାନ, ଜ୍ଞାନ ରଞ୍ଜନ ମିଶ୍ର, ଗୋକୁଳ ଭୋଇ, ଭୁଲେଶ୍ୱର ନାଗ, ରିଲିପ ନାଏକ, ପୁରନ୍ଦର ଠେଲା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତୃଣମୂଳ ସ୍ତରରୁ କ୍ରୀଡା ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ପ୍ରଶିକ୍ଷଣ ଓ ସୁବିଧା ଯୋଗାଇ କ୍ରୀଡା କ୍ଷେତ୍ରରେ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ। ଏହା ମାଧ୍ୟମରେ ସେମାନେ ଭବିଷ୍ୟତରେ ରାଷ୍ଟ୍ରୀୟ ଓ ଅନ୍ତର୍ଜାତୀୟସ୍ତରରେ ଖେଳ ଦେଖାଇ ପାରିବେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ କ୍ରିକେଟ, ଫୁଟବଲ, ଭଲିବଲ, ବ୍ୟାଡ଼ମିଣ୍ଟନ, ପୁଚି ଖେଳ, ଚେସ, କବାଡି, ଖୋ ଖୋକୋ ଆଦି ପ୍ରତିଯୋଗିତା ହୋଇଥିଲା। ସୁଦାମ ମିଶ୍ର, ମକୁନ୍ଦ ସାହୁ, ପ୍ରଦୀପ ପ୍ରଧାନ, ମହେନ୍ଦ୍ର ସାହୁ, ବିଶ୍ୱଜିତ ପ୍ରଧାନ, ଆଦିନାଥ ଦାସ, ପ୍ରଦୀପ ରାଉତ, ଉମାକାନ୍ତ ପଣ୍ଡା, ପଞ୍ଚାନନ ପ୍ରଧାନ ପ୍ରମୁଖ ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ ଖେଳ ପରିଚାଳନା କରିଥିଲେ। ବିଜେପି ନେତା ଦେବାର୍ଚ୍ଚନ ନାଏକ, ସତ୍ୟ ନାରାୟଣ ମାଝୀ, ମଧୁସୂଦନ ବାଘ, ତୀର୍ଥବାସୀ ରଣା, ଦିଲ୍ଲୀପ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ।

# ୨ବର୍ଷ ହେଲା ବିଦ୍ୟାଳୟ ଶୌଚାଳୟରେ ତାଲା

ବୌଦ୍ଧ,୨୭ ।୧୧(ସମିସ): କଣ୍ଟାମାଳ ବ୍ଲକ୍ ଘଣ୍ଟାପଡା ପଞ୍ଚାୟତ ଶ୍ରୀମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ଶୌଚାଳୟରେ ୨ ବର୍ଷ ହେଲା ତାଲା ପଡିଛି। ଏଣୁ ଛାତ୍ରଛାତ୍ର ଖୋଲାମେଲାରେ ଝାଡ଼ାପରିସ୍ରା କରିବାକୁ ବାଧ୍ୟ ହେଉଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୧୦୬ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ଶୌଚାଳୟ ନିର୍ମାଣ ହୋଇଥିଲେ ସୁଦ୍ଧା ଆବଶ୍ୟକ ବ୍ୟବସ୍ଥା ନ ଥିବାରୁ ଛାତ୍ରଛାତ୍ରୀ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି। ତେବେ ଏ ସଂପର୍କରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ମାଲିଙ୍କୁ ପଚାରିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

**ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ**

# ସମ୍ବିଧାନର ଗୁରୁତ୍ୱ ଉପରେ ଆଲୋଚନା



ବୌଦ୍ଧ,୨୭ ।୧୧(ସମିସ): ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଗୃହରେ ସମ୍ବିଧାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜଜ୍ ପ୍ରତାପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଏସ୍‌ପି ରାହୁଲ ଗୋୟଲ୍ ଯୋଗଦେଇ ସମ୍ବିଧାନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ସମସ୍ତଙ୍କ ଉଦ୍ୟମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଓକିଲ ସଂଘ ପକ୍ଷରୁ ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର ଚତୁର୍ଥ ସ୍ତମ୍ଭ ପ୍ରେସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବରିଷ୍ଠ ଆଇନଜୀବୀ ଓମ୍ ପ୍ରକାଶ ମିଶ୍ର ସମ୍ବିଧାନ ବଳରେ ଜନସାଧାରଣ କିପରି ଉପକୃତ ହେଉଛନ୍ତି ମତପ୍ରକାଶ କରିଥିଲେ। ସିଜେଏମ୍ ନିରଞ୍ଜନ ପାତ୍ର, ରେଜିଷ୍ଟ୍ରାର ଜୟପ୍ରକାଶ ନାୟକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ଏବଂ ସମ୍ବିଧାନର ବିଭିନ୍ନ ଧାରା ଉପରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ବୃନ୍ଦ ବରିଷ୍ଠ ଓକିଲ ସୁଧୀର କୁମାର କର୍ଣ୍ଣ ଓ ଆଇନ୍‌ଜୀବୀ ଓମ୍‌ପ୍ରକାଶ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରଦ୍ଧାଞ୍ଜଳି ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଶାଳାରେ ଉପ ଜିଲ୍ଲାପାଳ ବିନୟ ଭୋଇ, ଅବକାରୀ ଅଧିକ୍ଷକ ଶାନ୍ତି ମାରାଣ୍ଡି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ପ୍ରମୁଖ ଯୋଗ ଦେଇଥିଲେ।

ବୌଦ୍ଧ ସଦର ବ୍ଲକ୍ ବଘିଆପଡା ପାଲଝାରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ମଧ୍ୟ ସମ୍ବିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ସଚେତନତା ସଭା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ତପନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କୃଷି ବିଜ୍ଞାନ କେନ୍ଦ୍ର ଓ ଏଗ୍ରୋ ପଲିଟେକନିକର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇ ସାମୂହିକ ଶପଥ ପାଠ କରିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ବିଧାନ ସମ୍ପର୍କିତ ରଚନା ଲିଖନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ତରଭା:** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସମ୍ବିଧାନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ସମ୍ବିଧାନକୁ ପାଳନ ପୂର୍ବକ ଆଇନ ଓ ନିୟମକୁ ଅନୁସରଣ କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର, ସହକାରୀ କଲେକ୍ଟର ଓ ସମସ୍ତ କର୍ମଚାରୀମାନଙ୍କୁ ଭାରତୀୟ ସମ୍ବିଧାନର ପ୍ରସ୍ତାବନାକୁ ପାଠ କରାଇଥିଲେ।

ତରଭା ବ୍ଲକ୍ ଚାରଭଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଧ୍ୟ ୭୭ତମ ସମ୍ବିଧାନ ଦିବସ ପ୍ରଧାନ ପାଳିତ ହୋଇଛି। ଆଚାର୍ଯ୍ୟ ଆନନ୍ଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଶରତ ଦୀପ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଭୀମରାଓ ଆମ୍ବେଦକରଙ୍କ ଜୀବନୀ ଓ ସମ୍ବିଧାନର ପ୍ରଣୟନ ଆବଶ୍ୟକତା ବିଷୟରେ ମୁଖ୍ୟ ଅତିଥି ଉଦ୍‌ବୋଧନ ଦେଇଥିଲେ। ଗୁରୁଜୀ ସୁବ୍ରତ କୁମାର ନାଗ ଓ ଗୁରୁମା ଯଶୋବନ୍ତୀ ନାଗ ସମ୍ବିଧାନ ଦିବସ ବିଷୟରେ ଆଲୋକପାତ କରିଥିଲେ। ଗିରିସୂତା ବାଘ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଫକୀର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିସ୍ଥିତ ଆଦିବାସୀ କାର୍ଯ୍ୟାଳୟଠାରେ ଏସ୍‌ସି, ଏସଟି ଓ ଓବିସି ମିଳିତ ସଂଘ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମିଳିତ ସଂଘର ସଭାପତି ଶ୍ୟାମସୁନ୍ଦର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲକ୍ଷେ ଘର ଗଣ୍ଡା ସମାଜ ସଭାପତି ନିତେଇ ପାଲ, ବ୍ଲକ୍ ଆଦିବାସୀ ସଂଘ ସଭାପତି ସୁରେଶ ଭୋଇ, ଓବିସି ସଂଘ ସଭାପତି ଗଙ୍ଗାଧର ଖମାରୀ, ଓକିଲ ବୀରେନ୍ଦ୍ର ଦଣ୍ଡସେନା ଓ ବିରଞ୍ଚି ବରିହା, କୃଷ୍ଣ ବାଗ, ଭାଗିରଥୀ ବାଗ, ରାଜୁ ତାଣ୍ଡି, ବିଶ୍ୱ ସେଠ, ରଞ୍ଜୁ ଗୁରୁ, ରାକେଶ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଡୁଙ୍ଗୁରିପାଲି ମହାବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଇତିହାସ ବିଭାଗ ପ୍ରାଧ୍ୟାପକ ଶୁକଦେବ ଝାଙ୍କରଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ସମୂହ



ଜାତୀୟ ସଙ୍ଗୀତ ଗାନ ଓ ସମ୍ବିଧାନର ପ୍ରସ୍ତାବନା ପାଠ କରାଯାଇଥିଲା। ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶୁଭଚନ୍ଦ୍ର ଭୁଏଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତଥି ଭାବେ ଅତାବିରା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଡ. ମଦନ ମେହେର ଯୋଗଦେଇ ସମ୍ବିଧାନର ମୂଲ୍ୟବୋଧ, କାର୍ଯ୍ୟକାରିତା ଓ ଆବଶ୍ୟକତା ସହିତ ସମ୍ବିଧାନର ସୁରକ୍ଷା ଉପରେ ସମ୍ୟକ୍ ବିବରଣୀ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ଯୋଗେନ୍ଦ୍ର ସାହୁ, ଅଧ୍ୟାପିକା ଲିପସା ବେହେରା, ଅଧ୍ୟାପିକା ରୁବିରାଣୀ ସାହୁ ଏବଂ ଛାତ୍ରୀ ରୀମା ପଧାନ, ଏଲିନା ସାହୁ ନିଜସ୍ୱ ମତ ରଖିଥିଲେ। ଶେଷରେ ଅଧ୍ୟାପିକା ଲିପ୍‌ସା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ବୀରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କ୍ଷେମାଲୋଏ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧ୍ୟ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଛି। ସରପଞ୍ଚ ଯଶୋବନ୍ତ ପଣ୍ଡା ଏଥିର ସଭାପତିତ୍ୱ କରିଥିଲେ। ଅତିଥି ଭାବେ କ୍ଷେମାଲୋଏ କ୍ଲଷ୍ଟରର ସଂଯୋଜକ ନରେନ୍ଦ୍ର ଦେହେରି, ନାଏବ ସରପଞ୍ଚ ରେବତୀ ବଘାର, କନିଷ୍ଠ ଯନ୍ତ୍ରୀ ହିଟଲର ବେଶ୍ରା, ବରିଷ୍ଠ ଶିକ୍ଷକ ସତ୍ୟନାରାୟଣ ପୁଝାରୀ, ଗୌରାଙ୍ଗ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ବିଧାନ ପ୍ରସ୍ତାବନା ସଂକଳ୍ପ ପାଠ ସହ ସହ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ ଏବଂ ରଚନା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ବିଧାନକୁ ସମ୍ମାନ ଦେବା ସହ ଅନୁପାଳନ କରିବା ପ୍ରତିଟି ସଚେତନ ନାଗରିକର କର୍ତ୍ତବ୍ୟ ବୋଲି ସରପଞ୍ଚ ମତ ପ୍ରକାଶ କରିଥିଲେ। ଶେଷରେ ଗୌରାଙ୍ଗ ସାହୁ ଧନ୍ୟବାଦ ଦେଇଥିଲେ।

ଅନ୍ୟପକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟାରେ ଡ. ବି ଆର ଆମ୍ବେଦକର ସେବାସଂଘ ଦ୍ୱାରା ୭୬ତମ ସମ୍ବିଧାନ ଦିବସ ପାଳନ ହୋଇଯାଇଛି। ସେବାସଂଘର ସଭାପତି ଗଦାଧର ବାଦୀ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ ଅଚ୍ୟୁତ ଛତର, ଅନାଦି ଜଗଦଳା ଅଭିମନ୍ୟୁ ଲୁହା, ବିହାରୀ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ବିଧାନ ଦିବସର ବିଶେଷତ୍ୱ ଉପରେ ଆଲୋଚନା ହୋଇଥିଲା। ସ୍ୱପ୍ନେଶ୍ୱର ଦୀପ, ଶିକ୍ଷକ ଜମ୍ବେଶ୍ୱର ଦୀପ ମଞ୍ଚ ପରିଚାଳନା କରିଥିଲେ। ତ୍ରିଲୋଚନ ତାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ। ଲଳିତ ମୋହନ ଲୁହା ଆୟବ୍ୟୟର କାର୍ଯ୍ୟକ୍ରମ ତୁଲାଇଥିଲେ। ଶରତ ତାଣ୍ଡିଆ, ଟୁନା ମୁଖୀ, ଚନ୍ଦ୍ରମଣି ରଣବିଡା ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ରେଡ୍‌କ୍ରସ୍ ପରାମର୍ଶଦାତା ପ୍ରଶିକ୍ଷଣ ଶିବିର

ଡୁଙ୍ଗୁରିପାଲି,୨୭।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସମଲେଇତୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଜୁନିଅର ରେଡ୍‌କ୍ରସ ପରାମର୍ଶଦାତାମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲୋକନାଥ ମେହେର ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସମଲେଇତୁଆଁ ସରପଞ୍ଚ ବିଭୁଦତ୍ତ ରାଜହଂସ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡ଼କ୍ରସ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡୁଙ୍ଗୁରିପାଲି ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଞ୍ଜୁଲୁ ମିର୍ଦ୍ଧା, ବିଦ୍ୟାଳୟର ଆଲୁମିନି କମିଟି ସଭାପତି ରାଧାକାନ୍ତ ଗଡ଼ତିଆ, ସୁବର୍ଣ୍ଣପୁର ଜିଲ୍ଲା ପୂର୍ବତନ ରେଡ଼କ୍ରସ ଅଫିସର ସୁରେଶ ପଧାନ, ସୁବର୍ଣ୍ଣପୁର ଜିଲ୍ଲା ଜୁନିଅର ରେଡ଼କ୍ରସ ଅଫିସର ରବିଚନ୍ଦ୍ର ପଶାୟତ ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ। ସାଧନ କର୍ମୀ ହୃଷିକେଶ ଡାଙ୍ଗ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଡୁଙ୍ଗୁରିପାଲି ବ୍ଲକ ବିସିସି ନିମାଇଁ ଚରଣ ମଲ୍ଲିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର କାଉନସିଲର ଆଲୋକ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଡୁଙ୍ଗୁରିପାଲି ବ୍ଲକର ୪୧ଟି ବିଦ୍ୟାଳୟରୁ ସମସ୍ତ ରେଡ଼କ୍ରସ କାଉନସିଲର ଏଥିରେ ଯୋଗ ଦେଇଥିଲେ। ସାଧନକର୍ମୀ ହୃଷିକେଶ ଡାଙ୍ଗ, ତପସ୍ୱିନୀ ଦାସ, ନିମାଇଁ ଚରଣ ମଲ୍ଲିକ ଓ ଅନୁପ୍ରିୟା ମିଶ୍ର ରେଡ଼କ୍ରସ ଅଭିଯାନ, ପ୍ରାଥମିକ ଚିକିତ୍ସା, ସଡ଼କ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଜୁନିଅର ରେଡ଼କ୍ରସ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଓ ସମସ୍ୟା ଉପରେ ଏକ ଖୋଲା ପ୍ରଶ୍ନ ମଞ୍ଚର ଆୟୋଜନ କରାଯାଇଥିଲା। ଏହି ଅବସରରେ ସମସ୍ତ ୬ଟି ବିସିସିମାନଙ୍କୁ ଡୁଙ୍ଗୁରିପାଲି ବ୍ଲକ୍ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।



# ଉର୍ସ୍ ଉତ୍ସବ ପାଇଁ ଶାନ୍ତି କମିଟି ବୈଠକ

ତରଭା,୨୭ ।୧୧(ସମିସ): ରୋଗ ଯଦି ଅଛି ତେବେ ପ୍ରତିକାରର ବ୍ୟବସ୍ଥା ଦରକାର ହୁଏ, ମୁଁ ଯାହା ଅନୁଧ୍ୟାନ କରିଛି ତରଭା ଫକୀର ବାବାଙ୍କ ଉର୍ସ୍ ଉତ୍ସବରେ କୌଣସି ଅଘଟଣ ଘଟିନାହିଁ। ହିନ୍ଦୁମାନେ ମୁସଲମାନ ଭାଇଙ୍କୁ ସମସ୍ତ ପ୍ରକାର ସହଯୋଗ କରି ଆସୁଛନ୍ତି, ଏଣୁ ଶାନ୍ତି କମିଟି ବୈଠକର ଆବଶ୍ୟକତା ନାହିଁ। ତାହା ସତ୍ତ୍ୱେ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ପ୍ରତିକାରର ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ଗୁରୁବାର ମଧ୍ୟାହ୍ନରେ ତରଭା ବ୍ଲକ ସଭାଗୃହରେ ଡିସେମ୍ବର ୩ ଓ ୪ ଦୁଇଦିନ ଧରି ହେବାକୁ ଥିବା ପ୍ରସିଦ୍ଧ ହଜରତ ସୟଦ ସାହ ଅବଦୁଲ ଶକୁର ରହମେତୁଲ୍ଲା ଆଲ୍ଲେହେ ଉର୍ଫ ତରଭାୱାଲେ ଫକୀର ବାବାଙ୍କ ଉର୍ସ୍ ଉତ୍ସବ ପାଇଁ ଶାନ୍ତି କମିଟି ବୈଠକରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୋନପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ ନିଜର ମତ ପ୍ରକାଶ କରିଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଉପ ଜିଲ୍ଲାପାଳ ଡ. ସୋମ୍ୟରୂପା ରଥ, ତରଭା ବ୍ଲକ୍ ଅଧ୍ୟକ୍ଷ ସରୋଜ କୁମାର କମ୍ପ, ବିଡିଓ ଗଙ୍ଗାରାମ ବୁଡେକ, ତହସିଲଦାର ଶ୍ୱେତାଲୀନା ମହାଣା, ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଆଇଆଇସି ଅନିତା କିଡୋ, ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ. ଦୁର୍ଗାଦତ୍ତ ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟ ନାରାୟଣ ମହାପାତ୍ର, ମେଡିକାଲ ଅଫିସର ଡାକ୍ତର ରଶ୍ମୀ ରଞ୍ଜନ ଚୌହାନ ଉପସ୍ଥିତ ଥିଲେ। ମସଜିଦ ମଜାର କମିଟି, ସମ୍ପାଦକ ଅସଲମ ଖାନ, ଆକବର ଅଲ୍ଲୀ, ଅଜନବି ଖାଁନ, ନୁଜାର ମହମ୍ମଦ, କଲିମୁଲ୍ଲା ଖାଁନ, ଏହେସାନ ଖାଁନ, ଶାନ୍ତି କମିଟିର ସଭ୍ୟ ସାମ୍ବାଦିକ ଅଶୋକ ସାହୁ, କଲ୍ୟାଣ ନାଏକ, କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, ନରୋତ୍ତମ ମଲ୍ଲିକ, ମନୋଜ ମନହୀରା, ରାଜେଶ ମେହେର, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଶୈଳେନ୍ଦ୍ର ସାହୁ, ବୃକୋଦର ମେହେର, ସତ୍ୟନାରାୟଣ ପୁଜାହାରୀ, ଜୟପ୍ରକାଶ ନାରାୟଣ ସାହୁ, ମଧୁସୂଦନ ପାଣ୍ଡେ, ଆକାଶ ସାହୁ, ରାମ ନାଏକ, ଅଗ୍ନିଶମ ଅଧିକାରୀ , ବିଜୁଳି ବିଭାଗର କନିଷ୍ଠ ଯନ୍ତ୍ରୀ, ପିଏଚ୍‌ଡିର ବିଭାଗୀୟ ଅଧିକାରୀ, ଏଇଏସ୍ କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର, ବାଳକ ହାଇସ୍କୁଲ ପ୍ରଧାନ ଶିକ୍ଷକ ମୁରଲୀଧର ବିଶ୍ୱାଳ, ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କବିତା ବରେଇ, ଏନ୍‌ଏସି ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶାନ୍ତି କମିଟି ବୈଠକ ପରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ମସଜିଦକୁ ଯାଇ ବ୍ୟବସ୍ଥା ତଦାରଖ କରିବା ସହ ଫକୀର ବାବାଙ୍କ ମଜାର ଦର୍ଶନ କରିଥିଲେ।

# ଶକ୍ତି କ୍ଲବ୍ ପକ୍ଷରୁ କୁଇଜ ପ୍ରତିଯୋଗିତା

ଡୁଙ୍ଗୁରିପାଲି,୨୭ ।୧୧(ସମିସ): ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଶକ୍ତି କ୍ଲବ କୁଇଜ ପ୍ରତିଯୋଗିତା ରାମପୁର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶକ୍ତି ସଂରକ୍ଷଣ ଓ ସଦୁପଯୋଗ ପାଇଁ ସଚେତନତା ହେଉଛି ଶକ୍ତି କ୍ଲବର ପ୍ରମୁଖ ଲକ୍ଷ୍ୟ। ପ୍ରଧାନ ଶିକ୍ଷକ ବିଶ୍ୱନାଥ ମେହେରଙ୍କ ତତ୍ତ୍ୱାବଧାନରେ ହୋଇଥିବା ପ୍ରତିଯୋଗିତାରେ ଡୁଙ୍ଗୁରିପାଲି ବ୍ଲକର ୧୫ଟି କ୍ଲଷ୍ଟରର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଥିବା ଶକ୍ତି କ୍ଲବର ମନୋନୀତ ଛାତ୍ରଛାତ୍ରୀ ଭାଗନେଇ ଥିଲେ। ଶିକ୍ଷକ ବିଶ୍ୱସମ୍ରାଟ ଭୋଇ, ବଳଦେବ ସାହୁ, ବିଶ୍ୱାମିତ୍ର ଭୁଏ ଓ ଶିକ୍ଷୟିତ୍ରୀ ଇତିଶ୍ରୀ ପାଣ୍ଡେ ନିରୀକ୍ଷକ ଦାୟିତ୍ୱ ତୁଲାଇ ଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୂର୍ଯ୍ୟ ପଟ୍ଟନାୟକ ଓ ବିଦ୍ୟାଳୟର କର୍ମଚାରୀ ରିଙ୍କୁ ମେହେର ସହଯୋଗ କରିଥିଲେ। ବିନିତା ଭୋଇ ପ୍ରଥମ ଓ ଆଶୁତୋଷ ସାହୁ ଦ୍ୱିତୀୟ, ପଂଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହା ର ଆଭା ସାହୁ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତର ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଲିଙ୍ଗମାର୍ଣ୍ଣି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶୁଭମ ବାରିକ ଓ ପ୍ରଜ୍ଞା ପରିମିତା ପଧାନ, ଚେରୁପାଲି ଉଚ୍ଚ ବିଦ୍ୟାଳୟର ସୃତିମୟୀ ଷାଣ୍ଡ, ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗଜବନ୍ଧର ସମୀକ୍ଷା ରଣା ଓ ବିକାଶ ପୋଢ଼, ଚେରୁପାଲି ଉଚ୍ଚ ବିଦ୍ୟାଳୟର ଦେବୀପ୍ରସାଦ ବାଗ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟମାୟାବର୍ହାର ଆଦିତ୍ୟ ପଧାନ, ରାମପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଶାଳିନୀ ବନ୍‌ଛୋର ଓ ସୌନ୍ଦର୍ଯ୍ୟ ମାହାନା, ବବିତା ସାହୁ ଓ ପାୟଲ ପଧାନ, ସୁକାନ୍ତି ବେହେରା, ରୁପେଲି ଛଟାନ, ଶେଖରଚନ୍ଦ୍ର ପଟେଲ, ସୃତିମୟୀ ସାହୁ ଓ ଶ୍ରାବଣୀ ଦିଶିରୀ, ରୋଜି ବଡ଼କା ମେରିଟ ତାଲିକାରେ ସ୍ଥାନ ପାଇଥିଲେ।

# ବେଆଇନ୍ ପୋଷ୍ୟ ସନ୍ତାନ ଗ୍ରହଣ ଦଣ୍ଡନୀୟ

ବୌଦ୍ଧ,୨୭ ।୧୧(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ମାସ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବେଆଇନ ଭାବେ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଆଇନ୍ ଅନୁସାରେ କୋଠର ଦଣ୍ଡ ବିଧାନ ବ୍ୟବସ୍ଥା ରହିଥିବା ସେ ଉଲ୍ଲେଖ କରିଥିଲେ। ବିଭାଗ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷାକରି ସମସ୍ତ ଦାୟିତ୍ୱ ସମ୍ପନ୍ନ ଅଧିକାରୀମାନେ ନିଜ ନିଜର ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କଲେ ଶିଶୁମାନଙ୍କ ସୁରକ୍ଷା ସୁନିଶ୍ଚିତ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ୍‌ର କାର୍ଯ୍ୟକାରିତା ଏବଂ ଗୋଷ୍ଠୀସ୍ତରରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦାମୋଦର ସାହୁ ଯୋଗଦେଇ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଆମର ପ୍ରାଥମିକତା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଏସ୍‌ପି ଆନନ୍ଦ ଡୁଙ୍ଗଡୁଙ୍ଗ ଯୋଗଦେଇ ଆଇନ୍‌ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଶିଶୁ ମଙ୍ଗଳ କମିଟିର ରାଜୀବ ନାୟକ ଯୋଗଦେଇ ପୋଷ୍ୟ ସନ୍ତାନ ଗ୍ରହଣ ଅଧିନିୟମ-୨୦୨୨ରେ ଥିବା ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ପୋଷ୍ୟ ସନ୍ତାନ ସଚେତନତା ରଥକୁ ଜିଲ୍ଲାପାଳ ଉଦ୍‌ଘାଟନ କରିଥିଲେ। ଏହି ସଚେତନତା ରଥ ଜିଲ୍ଲାର କଣ୍ଟାମାଳ, ଦରଭଙ୍ଗା ଏବଂ ବୌଦ୍ଧ ବ୍ଲକର ବିଭିନ୍ନ ଗ୍ରାମରେ ସଚେତନତା ସୃଷ୍ଟି କରିବ। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସୁରକ୍ଷା ଅଧିକାରୀସୁଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ବସନ୍ତ ଦିସିରି, ସହଦେବ ନାୟକ, ଚିତ୍ରସେନ ସାହୁ, ସୌମ୍ୟରଞ୍ଜନ ଜେନା, ରଞ୍ଜିତ ସାହୁ ଏବଂ ସତ୍ୟନାରାୟଣ ନାଏକ ସହଯୋଗ କରିଥିଲେ।

# ମା’ ମାହେଶ୍ୱରୀଙ୍କ ମନ୍ଦିରରେ ରତ୍ନମୁଦ ସ୍ଥାପନ

ବିନିକା,୨୭ ।୧୧(ସମିସ): ମା’ ମାହେଶ୍ୱରୀଙ୍କ ମନ୍ଦିରରେ ରତ୍ନମୁଦ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ‘ଜୟ ଗୋ ମାଁ ମାହେଶ୍ୱରୀ ତୁହି ହିଁ ଆମର ସାହା ଭରସା’ ଆଦି ଭକ୍ତଙ୍କ ଧ୍ୱନିରେ ଫୁଲମୁଠି ଗ୍ରାମ ପ୍ରକମ୍ପିତ ହୋଇଥିଲା। ବିନିକା ବ୍ଲକ୍ ଅଧୀନ ଫୁଲମୁଠି ଗ୍ରାମରେ କେଉଁ ଆବାହନ କାଳରୁ ମାଁ ମାହେଶ୍ୱରୀ ଦେବୀ ପୂଜା ପାଉଛନ୍ତି। ତାଙ୍କର ଭବ୍ୟ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟସମ୍ପୂର୍ଣ୍ଣ ହେବାପରେ ଫେବୃଆରୀରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ହେବ। ଏନେଇ ଆଜି ମନ୍ଦିରରେ ରତ୍ନମୁଦ ସ୍ଥାପନ କରାଯାଇଥିଲା। ପୁରୋହିତ ବାସୁଦେବ ହୋତା ମନ୍ତ୍ର ଉଚ୍ଚାରଣ କରି ପୂଜା କାର୍ଯ୍ୟ ସମାପନ କରିବା ପରେ ଖରଖରି ଗଛକୁ ମନ୍ଦିରକୁ ଅଣାଯାଇ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ମନ୍ଦିର ଚୂଡ଼ରେ ରତ୍ନମୁଦ ସ୍ଥାପନ ପୂର୍ବରୁ ସ୍ଥାନୀୟ ମଣ୍ଡପରେ ପୂଜକ ଶ୍ରୀ ହୋତାଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ହୋଇଥିଲା। ମନ୍ଦିର ପ୍ରତିଷ୍ଠା କର୍ତ୍ତା ଭାବେ ବନମାଳି ମହାକୁର ଓ ତାଙ୍କ ଧର୍ମପତ୍ନୀ ମାଳତୀ ମହାକୁର ଦାୟିତ୍ୱ ନିର୍ବାହ କରିଥିଲେ। କୁମ୍ଭ ଗୁଡିକ ସମ୍ପୂର୍ଣ୍ଣ ଭର୍ତ୍ତି ହେବାପରେ ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତଙ୍କ ଜୟ ଧ୍ୱନିରେ ମନ୍ଦିର ପରିସର କମ୍ପି ଉଠିଲା।

# ଆଦର୍ଶ ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ କଳାବ୍ୟାଜ୍ ପରିଧାନ

ବୀରମହାରାଜପୁର,୨୭।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘର ଆହ୍ୱାନ କ୍ରମେ ୧୩ଦଫା ଦାବିନେଇ ବୀରମହାରାଜପୁର ବ୍ଲକର ରଥପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଶିକ୍ଷକ ଶିକ୍ଷୟିତ୍ରୀ କଳାବ୍ୟାଜ ପରିଧାନ କରି କାର୍ଯ୍ୟରେ ଯୋଗଦେଇଛନ୍ତି। ୬ଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ବିରୋଧ ପ୍ରଦର୍ଶନ କରିବା ସହ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଜରିଆରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଉଲ୍ଲେଖ କରାଯାଇଛି ଯେ ଓଏଭି ପ୍ରତିଷ୍ଠାର ଆଜକୁ ୧୯ବର୍ଷ ବିତିଯାଇଥିଲେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ନାର୍ଯ୍ୟ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଆଦର୍ଶ ବିଦ୍ୟାଳୟ ରାଜ୍ୟ ଶିକ୍ଷକ ସଂଘ ତରଫରୁ ବାରମ୍ବାର ଉଚ୍ଚସ୍ତରୀୟ ବୈଠକ ପାଇଁ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲା ସତ୍ତ୍ୱେ ମଧ୍ୟ କେବଳ ମିଛ ପ୍ରତିଶ୍ରୁତି ଛଡ଼ା କିଛି ଲାଭ ମିଳିନାହିଁ। ଆଜି ପର୍ଯ୍ୟନ୍ତ ୩୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମୃତ୍ୟୁବରଣ କରିବା ପରେ ବି ସେମାନଙ୍କୁ କୌଣସି ପ୍ରକାର ସୁବିଧା ସରକାର୍ ଯୋଗାଇ ଦେଇନାହିଁ। ମୁଖ୍ୟତଃ ସରକାରୀ ଚାକିରି ସର୍ତ୍ତାବଳୀ ଲାଗୁ ଓ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମୁଖ୍ୟ ଦାବି ରହିଛି। ଆସନ୍ତା ଏକସପ୍ତାହ ମଧ୍ୟରେ ସରକାର ଏହାର ସମାଧାନ ନ କଲେ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଆନ୍ଦୋଳନ ରତ ଶିକ୍ଷକ ଶିକ୍ଷୟିତ୍ରୀମାନେ କହିଛନ୍ତି।

# ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ପ୍ରବଚନ

ବୀରମହାରାଜପୁର,୨୭।୧୧(ସମିସ): ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରେ ପ୍ରଭୁ ଅନନ୍ତ ଚରଣ ଦାସଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର କମିଟି ସଭାପତି ବିଷ୍ଣୁଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ୭ଦିନ ପର୍ଯ୍ୟନ୍ତ ବିଶ୍ୱନିୟନ୍ତା ପ୍ରଭୁ ରାମ କଥା ଶ୍ରବଣ ପ୍ରବଚନ ହେବାର ସ୍ଥିର ହୋଇଛି। ପ୍ରଭୁ ରାମକଥା ଶ୍ରବଣ ଓ ବିଭୁକୃପା ଲାଭ କରିବାପାଇଁ ୫୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ଜଗନ୍ନାଥ କମିଟିର ସଭାପତି ବିଷ୍ଣୁଚରଣ ପଣ୍ଡା, ସମ୍ପାଦକ ଇନ୍ଦ୍ରଜିତ ପରୁଆଙ୍କ ସହ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଚନ୍ଦନ ପିଣ୍ଡା ଆଦର୍ଶ ଗ୍ରାମ ଲୋକାର୍ପିତ

**ମ.ରାମପୁର, ୨୭ ।୧୧(ସମିସ):** ମଦନପୁର ରାମପୁର ପଞ୍ଚାୟତ ଅନ୍ତର୍ଗତ ଚନ୍ଦନ ପିଣ୍ଡା ଆଦର୍ଶ ଗ୍ରାମ ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏଲ୍‌ଟିଆଇ ମାଇଣ୍ଡଟ୍ରିର ସହଯୋଗୀ ନିର୍ଦ୍ଦେଶକ ଜିତେନ୍ଦ୍ର ଘନଗାସ୍, ବରିଷ୍ଠ ପରିଚାଳକ ଶ୍ରୀଯୁକ୍ତ ଦେବୀପ୍ରସାଦ ରାୟଗୁରୁ, ମହାଶକ୍ତି ଫାଉଣ୍ଡେସନର ସିଇଓ ଶ୍ରୀଯୁକ୍ତ ଯୁଗଳ କିଶୋର ପଟ୍ଟନାୟକ, ମଦନପୁର ରାମପୁର ସରପଞ୍ଚ ଶ୍ରୀମତୀ ବୀଣାପାଣି ସାହୁ ଯୋଗ ଦେଇ ଆଦର୍ଶ ଗ୍ରାମକୁ ଲୋକାର୍ପିତ କରିଥିଲେ। ଏଲ୍‌ଟିଆଇ ମାଇଣ୍ଡଟ୍ରି ସଂସ୍ଥା ତରଫରୁ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହଯୋଗରେ ଗ୍ରାମରେ ଜଳସେଚନ ପାଇଁ ଚାଷ ପୋଖରୀ ଖନନ, ବିଦ୍ୟାଳୟ ଓ ଅଙ୍ଗନବାଡି ଗୃହ ମରାମତି, ସୌର ଆଲୋକି କରଣ, ପନିପରିବା ଚାଷ, ସ୍ୱୟଂ ସହାୟକ ଦଳ ଦ୍ୱାରା କୁକୁଡ଼ା ଚାଷ, ନଳକୂପ ମରାମତି, ଗ୍ରାମ ସଫେଇ, ସୌନ୍ଦର୍ଯ୍ୟକରଣ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଛି। ଉକ୍ତ ଗ୍ରାମରେ ମଦନପୁରରାମପୁର ସରପଞ୍ଚ ଶ୍ରୀମତୀ ବୀଣାପାଣି ସାହୁଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ବୈଠକରେ ସମସ୍ତ କାର୍ଯ୍ୟକୁ ଗ୍ରାମବାସୀ ତଥା ଗ୍ରାମପଞ୍ଚାୟତକୁ ସଂସ୍ଥା ତରଫରୁ ତଦାରଖ ପାଇଁ ହସ୍ତାନ୍ତର କରାଯାଇଥିଲା।କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ଭାଗ୍ୟଶ୍ରୀ ରାଉତ, ମିତ୍ରଭାନୁ ସାହୁ, ସମୀର ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ।



# ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ



**ନୂଆପଡ଼ା, ୨୭ ।୧୧(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଚୁଲାଭାଟରେ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମୋହିନୀ ସୁନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଦର୍ଶନୀରେ ୩୦ଟି ଗବେଷଣା ପ୍ରକଳ୍ପକୁ ପ୍ରଦର୍ଶିତ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଷୀ, ମୁଖ୍ୟବକ୍ତା ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୋଧ କୁମାର ହୋତା, ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ଚୁଲାଭାଟ ପଞ୍ଚାୟତର ସରପଞ୍ଚ ଚମ୍ପାବାଇ ଠାକୁର ଓ ସମିତି ସଦସ୍ୟ ଉର୍ବଶୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।ପ୍ରଦର୍ଶନୀ ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଷୀଙ୍କ କରକମଳରେ ଉଦ୍‌ଘାଟନ ହୋଇଥିଲା।ପ୍ରଦର୍ଶନୀରେ ବିଚାରକ ଭାବରେ ଭରୁଆଁମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ନାୟକ ଓ ଆମାନାରା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରମିଳା ଶବର ଉପସ୍ଥିତ ରହି କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରକଳ୍ପକୁ ନିରୀକ୍ଷଣ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ପ୍ରକଳ୍ପକୁ ନିରୀକ୍ଷଣ କରି ବିଇଓ, ଛାତ୍ରଛାତ୍ରୀ ତଥା ସମସ୍ତ ଶିକ୍ଷକଙ୍କୁ ଉତ୍ସାହିତ କରିବା ସହ ଉପାନ୍ତ ଅଞ୍ଚଳରେ ଥିବା ଚୁଲାଭାଟ ପରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ଆଗ୍ରହ ଦେଖି ପ୍ରଶଂସା ଓ ଉତ୍ସାହିତ କରିଥିଲେ।ଖରିଆରରୋଡ଼ ସରକାରୀ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ହୋତା ମଧ୍ୟ ବିଜ୍ଞାନର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ସରପଞ୍ଚ ଓ ସମିତି ମଧ୍ୟ ବାଳ ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ତ୍ରିଲୋଚନ ମାଝୀ ପରିଚାଳନା କରିଥିବା ବେଳେ ସଚିନ ଭୂସାଗାର, ହୃଷିକେଶ ଜଗତ, ଟିକେଲାଲ ମାଝି, ସୁନିତା ସାହୁ, ଘନଶ୍ୟାମ ଜାଲ, ଲୋଚନ କୁମାର କେଉଁଟ, ଦେଖରାମ ଶବର, ମେଘନାଥ ଦଣ୍ଡସେନା, ଭୁବନ ଲାଲ କଣ୍ଡରା, ଜ୍ୟୋସ୍ନାମୟୀ ବିଶି, ଜୟଦ୍ରଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଟ୍ରାକ୍ଟର ଟ୍ରଲି ଉଦ୍ଧାର କରିବାକୁ ଯାଇ ଦୁଇ ମୃତ ଘଟଣା

# ୧୬ଦିନ ପରେ ବି ଦୁର୍ବୃତ୍ତଙ୍କୁ ଧରିବାରେ ପୁଲିସ ବିଫଳ

**ଧର୍ମଗଡ଼, ୨୭ ।୧୧(ସମିସ)**

ନିଜ ଚୋରି ଟ୍ରାକ୍ଟର ଟ୍ରଲି କୁ ଉଦ୍ଧାର କରିବାକୁ ଯାଇ ଦୁଇ ଯୁବକ ଙ୍କୁ ଦୁର୍ବୃତ୍ତ ଚୋର ମାନେ ଟ୍ରାକ୍ଟର ଚଢାଇ ମାରିଦେଇଥିବା ଘଟଣା ର ୧୬ଦିନ ପରେ ମଧ୍ୟ ପୁଲିସ ହାତ ଶୂନ ରହିଛି।ଦୁର୍ବୃତ୍ତ ଙ୍କୁ ଠାବ କରିବାରେ ପୁଲିସ ବିଫଳ ହୋଇଛି। ଯାହାକୁ ନେଇ ପରିବାର ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ମତେ ଧର୍ମଗଡ଼ ଥାନା ମେରଘରା ଗାଁ ର ଟ୍ରାକ୍ଟର ମାଲିକ ଲାଲୁ ଭଏସାଲ ନିଜର ଓଡି ୦୮ କ୍ୟୁ ୯୭୫୩ ନମ୍ବର ବିଶିଷ୍ଟ ଟ୍ରାକ୍ଟର ଟ୍ରଲିକୁ ଗତ ୧୬ଦିନ ତଳେ ଦୁର୍ବୃତ୍ତ ଚୋର ମାନେ ଟ୍ରାକ୍ଟର ଟ୍ରଲି କୁ ଚୋରି କରି ନେଇଯାଇଥିଲେ। ଠିକ ଏତିକି ବେଳେ ପରିସ୍ରା କରିବାକୁ ଉଠିଥିବା ହରିଶଙ୍କର ଲହଜଲ ଙ୍କ ନଜର ରେ ଚୋରଙ୍କ କାରନାମା ଉପରେ ପଡ଼ିଯାଇଥିଲା। ସେ ଟ୍ରାକ୍ଟର ମାଲିକ ଲାଲୁଙ୍କ ସାନ ପୁଅକୁ ଡାକି ଓଡି୦୮ ଏନ -୬୫୨୨ନମ୍ବର ବିଶିଷ୍ଟ ବାଇକ୍‌ରେ ଦୁଇ ଭାଇ ପିଛା କରିଥିଲେ। ଟ୍ରାକ୍ଟରର ନିକଟତର ମଧ୍ୟ ହୋଇଥିଲେ।ତେନ୍ତୁଳିଆପଡ଼ା-ଛେଣ୍ଡିଆ ଯିବା ରାସ୍ତାରେ ଟ୍ରାକ୍ଟର ଆଗକୁ ବାଇକ୍ ନେବାକୁ ଚେଷ୍ଟା କରିଥିଲେ। ହେଲେ ଦୁର୍ବୃତ୍ତ ଧରାପଡ଼ିବା ଭୟରେ ଦୁହିଁଙ୍କ ଉପରେ ଟ୍ରାକ୍ଟର ଚଢାଇ ଚୋରି ଟ୍ରଲିକୁ ବ୍ରାହ୍ମଣଛେଣ୍ଡିଆ ଠାକୁରାଣୀ ମନ୍ଦିର ନିକଟରେ ଛାଡି ଚମ୍ପଟ ମାରିଥିଲେ। ସୂଚନା ପାଇ ପରିବାର ଲୋକେ ଦୁଇ ଜଣଙ୍କୁ ଗୁରୁତର ଭାବରେ ଉଦ୍ଧାର କରି ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ଦୁଇ ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣକୁ ବୁର୍ଲା ସ୍ଥାନାନ୍ତର କରିଥିବା ବେଳେ କେସିଙ୍ଗା ନିକଟରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ସତ୍ୟମ ଭଏସାଲ ଏବଂ ହରିଶଙ୍କର ଭଏସାଲଙ୍କ ମୃତ୍ୟୁ ହୋଇଥିଲା। ଏ ସଂକ୍ରାନ୍ତରେ ପରିବାର ଲୋକେ ଧର୍ମଗଡ଼ ଥାନାରେ ଏତଲା ଦେଲା ପରେ ଧର୍ମଗଡ଼ ଥାନା କେଶ ନମ୍ବର ୩୨୭/୨୫ରେ ମାମଲା ରୁଜୁ କରି ଭବାନୀପାଟଣାରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲେ। ପରିବାର ଲୋକେ ନ୍ୟାୟ ଦାବି ନେଇ ଧର୍ମଗଡ଼ ପେଟ୍ରୋଲ ପମ୍ପ ନିକଟରେ ଦୁଇଟି ଶବ ରଖି ଜାତୀୟ ରାଜପଥ ଧର୍ମଗଡ଼-ଭବାନୀପାଟଣା ରାସ୍ତାକୁ ଅବରୋଧ କରିଥିଲେ। ଘଟଣାସ୍ଥଳକୁ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କି, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଉପଖଣ୍ଡ ପୁଲିସ ଅଧିକାରୀ ଡୋଳାମାଣି ଭୋଇ, ଧର୍ମଗଡ଼ ଥାନା ଅଧିକାରୀ ସୁଦର୍ଶନ ନାୟକ ଘଟଣା ସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଚିହ୍ନଟ କରାଯାଇ ଗିରଫ କରାଯିବା ନେଇ ଆଶ୍ୱାସନା ଦେଇଥିଲେ। ପରିବର୍ତ୍ତି ସମୟରେ ପୁଲିସର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ମଧ୍ୟ ଦୁର୍ଘଟଣା ଘଟିଥିବା ସ୍ଥାନକୁ ଯାଇ ତଦନ୍ତ ଜାରି ରଖିଥିବା ବେଳେ ଧର୍ମଗଡ଼ ପୁଲିସ ମଧ୍ୟ ତଦନ୍ତ ଜାରି ରଖିଛି। ଏ ନେଇ ପୁଣି ସାଇଣ୍ଟିଫିକ ଦଳ ତଦନ୍ତ ପାଇଁ ଦୁର୍ଘଟଣା ଘଟିଥିବା ସ୍ଥାନ ଓ ଦୁର୍ବୃତ୍ତ ଚୋରି ଟ୍ରଲିକୁ ନେଇ ଛାଡି ଦେଇଥିବା ସ୍ଥାନକୁ ପହଞ୍ଚି ତଦନ୍ତ କରିଥିଲା।ହେଲେ ଇତି ମଧ୍ୟରେ ଘଟଣାର ୧୬ଦିନ ବିତିଯାଇଥିଲେ ହେଁ ଆଜି ଯାଏ ଦୁର୍ବୃତ୍ତଙ୍କୁ ଠାବ କରିନପାରିବା ପୁଲିସର କାର୍ଯ୍ୟାନୁଷ୍ଠାନ ଉପରେ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଧର୍ମଗଡ଼ ଥାନାଧିକାରୀ ସୁଦର୍ଶନ ନାୟକଙ୍କୁ ପଚାରିବାରୁ ସମସ୍ତ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଉଛି।ଏପର୍ଯ୍ୟନ୍ତ କୌଣସି ସୁରାକ ମିଳିନାହିଁ, ଏହାର ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ଖବର ପ୍ରକାଶ ପରେ ପୂର୍ତ୍ତ ବିଭାଗ ତତ୍ପରତା

# ବେହେରା ପୋଲ ଗାର୍ଡୱାଲ ଗାତ ମରାମତି ହେଲା

**ଲାଞ୍ଜିଗଡ଼, ୨୭ ।୧୧(ସମିସ):** ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବେହେରା ପୋଲ ଗାର୍ଡୱାଲରେ ହୋଇଥିବା ଗାତକୁ ମରାମତି କରିଛି ପୂର୍ତ୍ତ ବିଭାଗ। ସୂଚନାଯୋଗ୍ୟ କଳାହାଣ୍ଡି ଜିଲ୍ଲା ଭବାନିପାଟଣା ଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର କିଡିଙ୍ଗ ବେହେରା ପୋଲକୁ ଲାଗି ରହିଥିବା ଗାର୍ଡୱାଲରେ ବିଶାଳ ଗର୍ତ୍ତ ସୃଷ୍ଟି ହୋଇଥିଲା। ବର୍ଷା ଦିନରୁ ଗାତ ସୃଷ୍ଟି ହୋଇ ବିଶାଳ ଘାଇ ସୃଷ୍ଟି କରିଥିଲା। ରାସ୍ତାର ପିଚୁକୁ ଲାଗି ତଳକୁ ପ୍ରାୟ ୪ରୁ ୬ଫୁଟ୍ ଗାତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତଥା ପଥଚାରୀ, ମାଲ୍ ବୋଝେଇ ଟ୍ରକ ବିପଦସଙ୍କୁଳ ଅବସ୍ଥାରେ ଯାତାୟତ କରୁଥିଲେ।ଏନେଇ ୨୦ ତାରିଖରେ ବିଭିନ୍ନ ଗଣମାଧ୍ୟମରେରେ ଖବର ପ୍ରକାଶ ପାଇବା ପରେ କଳାହାଣ୍ଡି ପୂର୍ତ୍ତ ବିଭାଗ ତତ୍ପରତା ଦେଖାଇଛି। ଗୁରୁବାର ଏହି ଗାତକୁ ବିଭାଗ ପକ୍ଷରୁ ମରାମତି କରାଯାଇଛି। ତେବେ ମରାମତି ହେବାପରେ ଅଞ୍ଚଳବାସୀ ତଥା ପଥଚାରୀ ମାନେ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇଛନ୍ତି।



# କୁରାଲ ପଞ୍ଚମୀ ପୂଜା ଉଦ୍‌ଯାପିତ



**ଗୋଲାମୁଣ୍ଡା, ୨୭ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ କୁରାଳ ପଞ୍ଚମୀ ପୂଜା ଉଦଯାପିତ ହୋଇଛି। ମହାପ୍ରଭୁ ବ୍ରହ୍ମା, ଲକ୍ଷ୍ମୀନାରାୟଣ, ଶିବ, ଗଣେଶ, ମୂର୍ତ୍ତି ସହ ସମାଜର କୁଳଦେବତା ରୁଦ୍ରପାଳ, ରତ୍ନେଶ୍ୱରି ଏବଂ ସୁଦର୍ଶନ ଚକ୍ରର ମୂର୍ତ୍ତି ସ୍ଥାପନ କରାଯାଇଥିଲା।ପୂଜା ଗତ ୨୪ ତାରିଖରେ ଆରମ୍ଭ ହୋଇ ୨୭ ତାରିଖରେ ଶେଷ ହୋଇଥିଲା। ଦୂର୍ଗେଶ୍ୱର ରଣା ସଭାପତି କାର୍ଯ୍ୟନିର୍ବାହ କରିଥିବା ବେଳେ ସମ୍ପାଦକ ଭାବରେ କୁମର ରଣା ତୁଲାଇଥିଲେ। ଶୁକଦେବ ମୁଣ୍ଡ ପୂଜକ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସୁଦୂର ରାଜ୍ୟ ଛତିଶଗଡ଼ର ଡିଙ୍ଗର ପାଣ୍ଡେ ପୁରାଣ ପାଠ କରିଥିଲେ। ପୂଜାରେ ଘନଶ୍ୟାମ ରଣା ଏବଂ ତାଙ୍କ ଧର୍ମପତ୍ନୀ ଗୌରୀ ରଣା କର୍ତ୍ତା କାର୍ଯ୍ୟ ତୁଲାଇଥିଲେ ଏବଂ ଯୁବଗୋଷ୍ଠୀ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

# ମହାଭାରତ ମହାପାରାୟଣ ପାଇଁ ପ୍ରସ୍ତୁତି

**ଗୋଲାମୁଣ୍ଡା, ୨୭ ।୧୧(ସମିସ):** ଗୋଲାମୁଣ୍ଡା ବ୍ଲକ ଡୁଡୁକେଲ ଗ୍ରାମ ବ୍ଲକ ଯାଦବ ଭବନରେ ଗୋଲାମୁଣ୍ଡା ବ୍ଲକ ଯାଦବ ମହାସଭାର ଆୟୋଜନରେ ମହାଭାରତ ମହାପାରାୟଣ ମହାଯଜ୍ଞ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ସଭାପତି ଗିରିଧାରୀ ତେଜି ଙ୍କ ସଭାପତିତ୍ୱ ବୈଠକରେ ଗୋଲାମୁଣ୍ଡା ବ୍ଲକର ୨୭ଟି ଆଞ୍ଚଳିକ ଯାଦବ ସମାଜର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ବ୍ୟାସ ପାଇଁ ସୁଦୁର ସୋନପୁରର ପ୍ରବଚକ ଗୋବର୍ଦ୍ଧନ ମିଶ୍ରଙ୍କୁ ମହାଭାରତ ମହାପରାୟଣ କମିଟି ତରଫରୁ ବ୍ୟାସ ବରଣ କରାଯାଇଥିଲା।ଏହି ଅବସରରେ ମହାଭାରତ ମହାପରାୟଣ କର୍ତ୍ତା ରାମ କୃଷ୍ଣ ବଗର୍ତ୍ତି, ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ସମ୍ପାଦକ ପରୀକ୍ଷିତ ଖର୍ସେଲ, ଉପ ଭାପତି ରେବା କଟା, ଯୁଗ୍ମ ସମ୍ପାଦକ ସଦାଶିବ ବେମାଲ, କୋଷାଧ୍ୟକ୍ଷ ଧନେଶ୍ୱର ଚଲାନ, ଦଶପୁର ଜୋନାଲ ସଭାପତି ତିଲେଶ୍ୱର ଘି, ଉପଦେଷ୍ଟା ସାଧୁ ରାମ ବଗର୍ତ୍ତୀ, ଦେବାର୍ଚ୍ଚନ ବଗର୍ତ୍ତି, ଧନିରାମ ଭାଟି, ଯୁବ ଯାଦବ ବ୍ରହ୍ମା ପ୍ରସାଦ କାଣ୍ଡ ପ୍ରମୁଖ ଉପସ୍ଥିତି ଥିଲେ।

## ଜେଏମ୍‌ଏଫ୍‌ସି ପକ୍ଷରୁ ଡ୍ରପ୍ ଆଉଟ୍ ପିଲାଙ୍କୁ ନେଇ ସଚେତନତା

# ଶିକ୍ଷା ମଣିଷ ବଞ୍ଚିବାର ମୂଳଦୁଆ

**ଥୁଆମୂଳରାମପୁର, ୨୭ ।୧୧ (ସମିସ):** ସମାଜକୁ ଶୃଙ୍ଖଳିତ ଏବଂ ସନ୍ତୁଳିତ ବ୍ୟବସ୍ଥା ମଧ୍ୟରେ ଏକ ସୁସ୍ଥ ସମାଜ ଗଠନ ପାଇଁ ସମସ୍ତଙ୍କ ଦାୟିତ୍ୱ ରହିଛି। ଅବହେଳିତ ଅବସ୍ଥାରେ ରହୁଥିବା ସାଧାରଣ ଲୋକଙ୍କୁ ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। ଲୋକଙ୍କ ଅଧିକାର ଯେମିତି କ୍ଷୁର୍ଣ୍ଣ ନହେଉ ସେଥିପାଇଁ ବିଭିନ୍ନ ସ୍ତରରେ ପ୍ରୟାସ ଜାରି ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ, ପାନୀୟଜଳ ଏବଂ ସାମାଜିକ ନ୍ୟାୟର ଉତ୍ତମ ବ୍ୟବସ୍ଥା ଜରୁରୀ।ଶିକ୍ଷା ହେଉଛି ମଣିଷ ବଞ୍ଚିବାର ମୂଳଦୁଆ। କିନ୍ତୁ ଆମ ଦେଶ ଆମ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଆଜି ବି ଅବହେଳିତ ଏବଂ ଚିନ୍ତାଜନକ ବିଷୟ ହୋଇ ପଡ଼ିଛି।ଏଥିରେ ସୁଧାର ଆଣିବା ପାଇଁ ସମାଜର ପ୍ରତ୍ୟେକ ଲୋକ ସଚେତନ ହେବା ନିତାନ୍ତ ଜରୁରୀ। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଜେଏମ୍‌ଏଫ୍‌ସି ଓ ତାଲୁକ୍ ଆଇନ୍ ସେବା କମିଟି ତରଫରୁ ତଳଝାପି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଡ୍ରପ ଆଉଟ୍ ଶିଶୁମାନଙ୍କୁ ପୁଣିନାମ ଲେଖାଇ ପାଠ ପଢ଼ା ଜାରି ରଖିବା ପାଇଁ ସଚେତନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ ସଚେତନା କାର୍ଯ୍ୟକ୍ରମ ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ୍ ସେବା କମିଟି ଅଧ୍ୟକ୍ଷ ଡ.ତାରିଣୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶୋଭାସିଂ ମାଝୀ ପଞ୍ଚାୟତ ପ୍ରତିନିଧି, ଆଶା, ଅଙ୍ଗନବାଡ଼ି, ଅଭିଭାବକ, ଡ୍ରପ୍ ଆଉଟ୍ ଛାତ୍ର ଛାତ୍ରୀ ଓ କର୍ତ୍ତବ୍ୟ ଅନୁଷ୍ଠାନ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅଞ୍ଚଳର ଅଗ୍ରଣୀ ସଂସ୍ଥା ‘କର୍ତ୍ତବ୍ୟ’ ଦ୍ୱାରା କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା। କର୍ତ୍ତବ୍ୟ ଅନୁଷ୍ଠାନର ପ୍ରକଳ୍ପ ମ୍ୟାନେଜର ସନ୍ତୋଷ କୁମାର ଦାସ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ସମସ୍ତଙ୍କୁ ଅବଗତ କରାଇବା ସହ ଅଞ୍ଚଳରେ ଡ୍ରପ ଆଉଟ୍ ସମସ୍ୟା ଏକ ବହୁତ୍ ବଡ ସମସ୍ୟା ତଥା ଥୁଆମୂଳରାମପୁର ବିକାଶରେ ଏହା ଏକ ବହୁତ୍ ବଡ ବାଧକ ବୋଲି କହିଛନ୍ତି। ଏଥିପାଇଁ କର୍ତ୍ତବ୍ୟ ଅନୁଷ୍ଠାନ ତରଫରୁ ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବା ସହିତ ତଳ ଝାପି, ବିରିକୋଟ, କଣ୍ଠାବାଞ୍ଜି ଗ୍ରାମରେ ସ୍ୱତନ୍ତ୍ର ଡ୍ରପ ଆଉଟ୍ ପିଲାମାନଙ୍କ ପାଇଁ ସେଣ୍ଟର୍ ଖୋଲାଯାଇ ସେଠାରେ ୧୦୦ ଜଣ ଛାତ୍ର ଛାତ୍ରୀଙ୍କୁ ଏସଓଆଇଏସ ଜରିଆରେ ମାଟ୍ରିକ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ କରାଯାଉଛି।ତଳଝାପି ଗ୍ରାମର ସସ୍ମିତା ନାଏକ ପଞ୍ଚାୟତରେ ୫୩ ଜଣ ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ପୁଣି ମୁଖ୍ୟ ଧାରାରେ ସାମିଲ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି।କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର କୋର୍ଟ ତରଫରୁ ଆଇନଜୀବୀ ମନୋରଞ୍ଜନ ନାଏକ ଓ ତଳ ଝାପି ପଞ୍ଚାୟତର ସରପଞ୍ଚ ଶୋଭାସିଂ ମାଝୀ, ବରିଷ୍ଠ ଆଇନଜୀବୀ ଦେବଦତ୍ତ ଯୋଷୀ ଆଇନଜୀବୀ ପ୍ରିୟଙ୍କା ମାଝୀ, ପ୍ରମୁଖ ଯୋଗଦେଇଥିଲେ। ଶେଷରେ ମାଜିଷ୍ଟ୍ରେଟ ଡ: ତାରିଣୀ ପ୍ରସାଦ ସାହୁ ଗ୍ରାମବାସୀ, ପଞ୍ଚାୟତ ପ୍ରତିନିଧି ନିଜର ଦାୟିତ୍ୱକୁ ଠିକ୍ ଭାବରେ ନିର୍ବାହ କଲେ ଏହାର ସମାଧାନ ହୋଇ ପାରିବ ବୋଲି କହିଥିଲେ।




# ୭ ୬ତମ ସମ୍ବିଧାନ ଦିବସ ପାଳିତ



## ସରକାରୀ ମହିଳା ମହାବିଦ୍ୟାଳୟ

**ଭବାନୀପାଟଣା, ୨୭ ।୧୧(ସମିସ)**

ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ ଛବିଲାଲ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଶାସନିକ ମୁଖ୍ୟ ଡ. ଧୀରେସ ନନ୍ଦ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ଼.ଜେନା ଅଧ୍ୟକ୍ଷତା କରିଥିବା ବେଳେ ରାଜନୀତି ବିଭାଗର ଅଧ୍ୟାପକ ଡ.ଶୁଭମ୍ ତ୍ରିପାଠୀ, ଲରେନ୍ସ ସେନାପତି, ବିବେକାନନ୍ଦ ଛତର ଏବଂ ଅଧ୍ୟାପିକା ସୁଜାତା ସାହୁ, ଅଧ୍ୟାପିକା ରିତୁ ବାଗ ମଞ୍ଚାସୀନ ଥିଲେ। ଅଧ୍ୟାପିକା ସୁଜାତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁକ୍ତ ତିନି ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଅଧ୍ୟାପକ ଡ. ଶୁଭମ ତ୍ରିପାଠୀଙ୍କ ଦ୍ୱାରା ସମ୍ବିଧାନ ପ୍ରସ୍ତାବନାର ଶପଥ ପାଠ କରାଗଲା। ସମସ୍ତ ଅତିଥି ତାଙ୍କ ଅଭିଭାଷଣରେ ସମ୍ବିଧାନ ଦିବସର ମହତ୍ତ୍ୱ ବିଷୟରେ ଆଲୋଚନା କରି ଛାତ୍ରୀମାନଙ୍କୁ ସେମାନଙ୍କ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ସଭିଏଁ ଏକ ଉତ୍ତମ ନାଗରିକ ହେବା ନିମନ୍ତେ ପରାମର୍ଶ ଦେବା ସହିତ ସମାଜ କାର୍ଯ୍ୟରେ ନିୟୋଜିତ ହେବାକୁ ପ୍ରୋତ୍ସାହିତ କରିଥିଲେ। ଏହା ପରେ ଯୁକ୍ତ ତିନି ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀଙ୍କ ଦ୍ୱାରା ‘ରାଜନୀତି ଏବଂ ସମ୍ବିଧାନ‘ ନାମକ ଏକ ନାଟକ ପ୍ରଦର୍ଶନ କରାଯାଇଥିଲା, ଯାହା ସଭିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ଅଧ୍ୟାପିକା ରିତୁ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ପାଞ୍ଚରତ୍ନ ଗିରୀ, ଡ. ସୁରେଶ୍ୱରୀ ବାଗ, ପିକେ ସେନାପତି ତଥା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ରୀ ଉପସ୍ଥିତ ଥିଲେ।









## ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଭବାନୀପାଟଣା:** ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ପୃଷ୍ଠପୋଷକତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କୁଳସଚିବ ଡ. ଗୁଣନିଧି ନାଏକ ସଭାପତିତ୍ୱ କରି ସମ୍ବିଧାନର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ ନିଜର ଅଭିମତ ପ୍ରକାଶ କରିଥିଲେ। ଉପକୁଳସଚିବ ମେଜର ଡ.ଜୟଦେବ ସାହୁ ଉପସ୍ଥିତ ହୋଇ ଭାରତୀୟ ସମ୍ବିଧାନ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ଏହି ଦିବସରେ ଆସିଷ୍ଟାଣ୍ଟ କଲେକ୍ଟର, ଧର୍ମଗଡ଼ ସୁଶ୍ରୀ ମମତା ଦାସ ମୁଖ୍ୟବକ୍ତା ରୂପେ ଉପସ୍ଥିତ ହୋଇ ସମ୍ବିଧାନର ଉପଯୋଗିତା, କାର୍ଯ୍ୟକାରିତା ଓ ଗୋଟିଏ ରାଷ୍ଟ୍ର ପାଇଁ ସମ୍ବିଧାନ କେତେ ମହତ୍ତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ ମୂଳକ ଭାବେ ବୁଝାଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ.କୈଳାସ ଚନ୍ଦ୍ର ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସହକାରୀ ପ୍ରଫେସର ସରିତା ବାଗ ମଞ୍ଚ ପରିଚାଳନା କରିଥିଲେ। ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ର ଓମକାର ଦଣ୍ଡସେନା ବକ୍ତାଙ୍କ ପରିଚୟ ପ୍ରଦାନ କରିଥିବାବେଳେ ସ୍ନାତକ ତୃତୀୟ ବର୍ଷ ଛାତ୍ରୀ ପ୍ରତୀକ୍ଷା ରାଣୀ ସିଂ ସମ୍ବିଧାନର ମୁଖବନ୍ଧ ପଠନ କରି ଶପଥ ପାଠ କରାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀୟ ସମ୍ବିଧାନ ସମ୍ପର୍କିତ ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ବକ୍ତା ପୁରସ୍କୃତ କରିଥିଲେ। ପରିଶେଷରେ ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସ୍ମୃତି ରଥ ଧନ୍ୟବାଦ ଅର୍ପଣ କରିଥିଲେ। ରାଜନୀତିବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ପବିତ୍ର କୁମାର ବାଗ, କୁନାଲ କିରଣ ସାହୁ, ଡକ୍ଟର ଚିତ୍ତରଞ୍ଜନ ମଲ୍ଲିକ ତଥା ଗବେଷକ-ଗବେଷିକା ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ଉକ୍ତ ଦିବସ ସଫଳତାର ସହ ପାଳନ ହୋଇଥିଲା।

## ବହୁଜନ ସଂଗ୍ରାମ ସମିତି

**ଜୁନାଗଡ଼:** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ ଆମ୍ବେଦକର ଷ୍ଟାଚ୍ୟୁ ନିକଟରେ ଜୁନାଗଡ଼ ବହୁଜନ ସଂଗ୍ରାମ ସମିତି ପକ୍ଷରୁ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ସଂଗଠନର ସଭାପତି ରଞ୍ଜନ କୁମାର ଜାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଅତିଥିଙ୍କ ଦ୍ୱାରା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ତ୍ରିଲୋଚନ ସିଂ ବେଲଦାର, ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରକ୍ଷଡ଼, ଆଇନଜୀବୀ ଡ଼. ବିଶ୍ୱନାଥ କର, ସମାଜସେବୀ ଉଦ୍ଧବ ସାହୁ ଏବଂ ଆଦିତ୍ୟ ହଂସ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ସଂଗଠନର ପୁର୍ଣ୍ଣେନ୍ଦୁ ମାଝୀ, ଲଳିତ ବାଗ, ସୁଶାନ୍ତ ନାଏକ, ମିନୁ କନ୍ଦପକ୍ଷନ, ଶରତ ଶବର, ଶିବ ମହାନନ୍ଦ, ଗୌରାଙ୍ଗ ସୁନା, ରତନ ଧଙ୍ଗଡ଼ାମାଝି, ଅଞ୍ଜନ କ୍ଷିତି, ଘାସି କ୍ଷିତି, ଲାରା ନାଗ, ଏବଂ ମିଡ଼ିଆ ସେଲରୁ ରବିଶଙ୍କର ସୁନାନୀ, ଖଗେଶ୍ୱର ଧଙ୍ଗଡ଼ାମାଝି, କୁମରମଣୀ ଦୁର୍ଗା, ଆଦିତ୍ୟ ମହାନ୍ତି, ଭୋକରଧନ ଧଙ୍ଗଡ଼ାମାଝି, ବ୍ୟମୋକେଶ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ସଂଗଠନର ବରିଷ୍ଠ କର୍ମକର୍ତ୍ତା ଉଗ୍ରେସନ କନ୍ଦପାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କ୍ଷିତି ଧନ୍ୟବାଦ ଦେଇଥିଲେ।

## କୋମନା ଆମ୍ବେଦକର ସଂଘ

**କୋମନା:** କୋମନା ଆମ୍ବେଦକର ସଂଘ ତରଫରୁ ସଂଗଠନ ସଭାପତି ଅଜମ୍ବର ତାଣ୍ଡିଙ୍କ ନେତୃତ୍ୱରେ କୋମନା ବସଷ୍ଟାଣ୍ଡ ନିକଟରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କୋନାବିରା ପଞ୍ଚାୟତ ସ୍ଥାନୀୟ ଖେଳପଡ଼ିଆରେ ଆବାହକ ପାଶା ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଜାତୀୟ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ଖଡିଆଳ ଡ଼ିଏଫଓ ମହମ୍ମଦ ଅଜିଜ ଖାନ ମୁଖ୍ୟ ଅତିଥି ଭାବେ ଯୋକୋମନାଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ଼. ଗୌରାଙ୍ଗ ଜଗତ ଓ ଲୋଚନ ଜଗତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହରିଶ ଚନ୍ଦ୍ର ନାଏକ, ଦୁଷ୍ମନ୍ତ ମେହେର ଓ ଦିବ୍ୟା କୁଲଦୀପ ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିମାନେ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ବିଧାନ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସଂଗଠନର ସଦସ୍ୟ ଖଗେଶ୍ୱର ଦୀପ, ଏକାମ ଦୀପ, କାର୍ତ୍ତିକ ବାଗ, ପ୍ରେମ ଜଗତ, କୁବେର ଜଗତ, ବାପି ବାରିକ, ଉବେସିଂ ତାଣ୍ଡି ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ସୁବାଷ ଚନ୍ଦ୍ର ଆଡ଼ବଙ୍ଗ ମଞ୍ଚ ପରିଚଳନା କରିଥିଲେ।



ବିଧାନସଭା ଶୀତ ଅଧିବେଶନର ପ୍ରଥମ ଦିନରେ ଉପସ୍ଥିତ ରାଷ୍ଟ୍ରପତିଙ୍କ ଗହଣରେ ବାଚସ୍ପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ପୂର୍ବତନ ଓ ବର୍ତ୍ତମାନର ଜନ ପ୍ରତିନିଧିଗଣ

## ଏନ୍‌ଆଇଟିର ଗବେଷଣା

# କୋଲନ୍ କ୍ୟାନସର୍ ଭଲ କରିବ ପିପ୍ପଳି!

ରାଉରକେଲା, ୨୭।୧୧(ସମିସ): କୋଲନ୍ କ୍ୟାନସର୍ ଚିକିତ୍ସା କ୍ଷେତ୍ରରେ ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଗବେଷକମାନଙ୍କୁ ସଫଳତା ମିଳିଛି। ପିପ୍ପଳି ବା ଥିପ୍ପିଲି (ଇଂରାଜୀ ନାମ ଲଙ୍ଗପେପର)ରେ ମିଳୁଥିବା ଏକ ପ୍ରାକୃତିକ ଯୌଗିକରେ ଏହି ରୋଗ ନିଦାନର ଏକ ପ୍ରଭାବଶାଳୀ ତତ୍ତ୍ୱ ରହିଛି ବୋଲି କହିଛନ୍ତି। ଏହି ଗବେଷଣାର ନିଷ୍କର୍ଷଗୁଡ଼ିକ ପ୍ରତିଷ୍ଠିତ ପତ୍ରିକା 'ବାୟୋଫ୍ୟାକ୍ଟରସ୍'ରେ ପ୍ରକାଶିତ ହୋଇଛି। ଏହାକୁ ଏନ୍‌ଆଇଟି ରାଉରକେଲାର ଜୀବବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର୍ ବିଜେଶ କୁମାର ବିଶ୍ୱାଳ ଏବଂ ତାଙ୍କ ରିସର୍ଚ୍ଚ ସ୍କଲାର୍ ରାଜୀବ କୁମାର ସାହୁ, ସ୍ତୁତି ବିଶ୍ୱାଳ, ସମ୍ବିତ କୁମାର ପାତ୍ର ଏବଂ ଶିକ୍ଷା ସ୍ୱରୂପା ପଣ୍ଡାଙ୍କ ସହ ଆମେରିକାର ଇଉନିଭର୍ସିଟି ଅଫ୍ ନର୍ଥ କାରୋଲିନାର ଡକ୍ଟର ସୂର୍ଯ୍ୟକାନ୍ତ ତ୍ରିପାଠୀ ଏବଂ ସେଣ୍ଟ୍ରାଲ୍ ୟୁନିଭର୍ସିଟି ଅଫ୍ ସାଉଥ୍ ବିହାରର କୃଷ୍ଣେନ୍ଦୁ ବାରିକ ଓ ଡକ୍ଟର ଅନୀଲ କୁମାରଙ୍କ ସହଯୋଗରେ



ଲେଖାଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍‌ଆଇଟି ରାଉରକେଲାର ନେତୃତ୍ୱାଧୀନ ବହୁ-ସଂସ୍ଥାଗତ ଗବେଷଣା ଦଳ କେମୋଥେରାପିର ବିକଳ୍ପ ଭାବରେ ଏକ ପ୍ରାକୃତିକ ଯୌଗିକ, ପାଇପରଲଙ୍ଗୁମିନ୍‌ର କାର୍ଯ୍ୟକଳାପ ଦେଖାଇବା ପାଇଁ ଏକ ପରୀକ୍ଷଣ କରିଥିଲେ। ଗବେଷଣା ଦଳ ଏମ୍‌ଟିଟି ପରୀକ୍ଷା ମାଧ୍ୟମରେ ପାଇପରଲଙ୍ଗୁମିନ୍ ସହ ଚିକିତ୍ସା ପରେ କୋଲୋନ୍ କର୍କଟ ଆକ୍ରାନ୍ତ କୋଷଗୁଡ଼ିକର କାର୍ଯ୍ୟକ୍ଷମତା ଯାଞ୍ଚ କରିଥିଲା ଏବଂ ଗୁରୁତ୍ୱପୂର୍ଣ୍ଣ କର୍କଟ ଆକ୍ରାନ୍ତ କୋଷଗୁଡ଼ିକର ମୃତ୍ୟୁ ହୋଇଥିବା ରିପୋର୍ଟ କରିଥିଲା। ଏହି ଗବେଷଣା ବିଶ୍ୱବ୍ୟାପୀ କୋଲୋନ କର୍କଟ ରୋଗର ଚିକିତ୍ସା ଏବଂ ରୋଗୀ ଫଳାଫଳକୁ ଉନ୍ନତ କରିବା ପାଇଁ ଏକ ସ୍ଥାୟୀ ତଥା ସ୍ୱଳ୍ପ ମୂଲ୍ୟ ସମାଧାନ ପ୍ରସ୍ତୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ମତ ପ୍ରକାଶ ପାଇଛି।

■ ଆରମ୍ଭ ହେଲା ଶୀତ ଅଧିବେଶନ

## ଗୃହରେ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୭।୧୧(ସମିସ): ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତ ଅଧିବେଶନ ଗୁରବାର ଆରମ୍ଭ ହୋଇଛି। ଗୃହକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ପୂର୍ବତନ ସଦସ୍ୟ ହେମେନ୍ଦ୍ର ପ୍ରସାଦ ମହାପାତ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ ଏବଂ ଓଡ଼ିଶା ପୁଲିସର ପୂର୍ବତନ କନେଷ୍ଟବଳ ସରୋଜ କୁମାର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରି ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ପରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖାଯାଇଥିଲା। ଏହାପରେ ରାଷ୍ଟ୍ରପତି ଗୃହକୁ ସମ୍ବୋଧନ କରିଥିଲେ।

# ରାଜଭବନରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,୨୭।୧୧(ସମିସ): ଦୁଇ ଦିନିଆ ଗସ୍ତରେ ଓଡ଼ିଶା ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଜଭବନ ପରିସରରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ରାଜ୍ୟପାଳଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀ ଏବଂ ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇଥିଲେ। ରାଜଭବନର ସବୁଜ ପରିବେଶ



ମଧ୍ୟରେ ଅବସ୍ଥିତ କଳିଙ୍ଗ ଅତିଥି ନିବାସରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ସ୍ଥାପତ୍ୟର ପ୍ରତିଫଳନ ହୋଇଛି। କଳିଙ୍ଗ ଅତିଥି ନିବାସରେ ବାହ୍ୟ ଏବଂ ଭିତରପାର୍ଶ୍ୱ ଉଭୟ ଶାସ୍ତ୍ରୀୟ ଓଡ଼ିଆ କାରିଗରୀ ଆଧାରିତ ମୋଟିଫ୍, ଭାସ୍କର୍ଯ୍ୟ ଏବଂ ଡିଜାଇନ୍ ପ୍ରଦର୍ଶିତ କରାଯିବା ସହ ପ୍ରତ୍ୟେକ କୋଠରିକୁ ଓଡ଼ିଶାର ପରିଚୟ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବା ପାଇଁ ଚିନ୍ତନଶୀଳ ଭାବେ ଡିଜାଇନ୍ କରାଯାଇଛି। ପୂର୍ବରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ଏସସିବିରେ ଓପନ୍ ହାର୍ଟ ସର୍ଜରୀ ମୃତ୍ୟୁହାର ହ୍ରାସ ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ,୨୭ ।୧୧(ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କାର୍ଡିଓ ଥେରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ ହାର୍ଟ ସର୍ଜରୀ ସମ୍ପର୍କିତ ସମସ୍ୟାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏଠାରେ ଓପନହାର୍ଟ ସର୍ଜରୀ ମୃତ୍ୟୁହାର ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ ରହିଥିବାରୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ କିଭଳି ହ୍ରାସ କରାଯାଇପାରିବ, ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କଟକ ସହର ସମସ୍ୟା ଶୁଣାଣି ବେଳେ ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କିତ ପଦକ୍ଷେପ ସଂକ୍ରାନ୍ତରେ ଜଣାଇବାକୁ କହିଛନ୍ତି ଖଣ୍ଡପୀଠ।

ଜାତୀୟ ହାର ୭ ପ୍ରତିଶତ ସ୍ଥଳେ ଏସସିବିରେ ୧୭ ପ୍ରତିଶତ

ମାମଲା ଶୁଣାଣି ବେଳେ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ପକ୍ଷରୁ ଦାଖଲ ରିପୋର୍ଟ ଉପସ୍ଥାପନ ହୋଇଥିଲା। ସେଥିରେ, ଗତ ଜାନୁଆରିରୁ ଅଗଷ୍ଟ ମାସ ମଧ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥେରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ ହାର୍ଟ ସର୍ଜରୀ ମୃତ୍ୟୁହାର ୩୧ ପ୍ରତିଶତ ଥିଲା। ତେବେ ସେପ୍ଟେମ୍ବର-ଅକ୍ଟୋବରରେ ଏହା ୧୭ ପ୍ରତିଶତକୁ ହ୍ରାସ ପାଇଥିବା କୁହାଯାଇଥିଲା। ଏହି ସମୟରେ ମୋଟ ୨୯ ଜଣଙ୍କ ସର୍ଜରୀ ହୋଇଥିବା ବେଳେ ୫ ଜଣ ମୃତ୍ୟୁବରଣ କରିଥିବା କୁହାଯାଇଥିଲା।

ଜାତୀୟସ୍ତରରେ ଏଭଳି ଓପନ୍‌ହାର୍ଟ ସର୍ଜରୀ ମୃତ୍ୟୁ ହାର ମାତ୍ରା ୫ରୁ୭ ପ୍ରତିଶତ ଥିବା ବେଳେ ଏଠାରେ ୧୭ ପ୍ରତିଶତ ରହିବା ନେଇ ଅଦାଲତ ଉଦବେଗ ପ୍ରକାଶ କରିଥିଲେ। ତେବେ, ଏସ୍‌ସିବି ମେଡିକାଲରୁ ୭ଦିନିଆ ପ୍ରଶିକ୍ଷଣ ନିମନ୍ତେ ଦିଲ୍ଲୀ ଏମ୍ସକୁ ଡାକ୍ତର ଓ ପାରାମେଡିକାଲ କର୍ମଚାରୀ ଯିବେ ଓ ଏମ୍ସରୁ କେତେକ ବିଶେଷଜ୍ଞ ଏଠାକୁ ଆସି ମାର୍ଗଦର୍ଶନ କରିବେ ବୋଲି ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ ଏମ୍ସ ନିର୍ଦ୍ଦେଶକଙ୍କୁ ମଧ୍ୟ ଚିଠି ହୋଇଥିବା କୁହାଯାଇଥିଲା। ସେହିଭଳି ବିଭାଗୀୟ ମୁଖ୍ୟଙ୍କ ତରଫରୁ ଓପନହାର୍ଟ ସର୍ଜରୀ ପାଇଁ ବିଶେଷଜ୍ଞ ହୃଦ୍‌ରୋଗ ନିଶ୍ଚେତକଙ୍କ ଆବଶ୍ୟକତା ରହିଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ପ୍ରସଙ୍ଗରେ ମଧ୍ୟ ପରବର୍ତ୍ତୀ ଶୁଣାଣି ସମୟରେ ତଥ୍ୟ ଉପସ୍ଥାପନ ପାଇଁ କହିଛନ୍ତି ହାଇକୋର୍ଟ।

ପ୍ରକାଶଥାଉକି, ଗତ ୨୦୨୩ରେ ଓପନ୍‌ହାର୍ଟ ସର୍ଜରୀ ହୋଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୫ଜଣଙ୍କର ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ସେହିଭଳି ୨୦୨୪ରେ ୧୩୫ଜଣଙ୍କ ମଧ୍ୟରୁ ୨୪ଜଣ ଓ ୨୦୨୫ ଜାନୁଆରିରୁ ଅଗଷ୍ଟ ମଧ୍ୟରେ ମାତ୍ର ୮୫ ଜଣଙ୍କ ମଧ୍ୟରୁ ୨୬ଜଣ ରୋଗୀଙ୍କ ଓପନ୍‌ହାର୍ଟ ସର୍ଜରୀ ପରେ ମୃତ୍ୟୁ ଘଟିଥିଲା ବୋଲି ପୂର୍ବ ସତ୍ୟପାଠରେ କୁହାଯାଇଥିଲା।

■ ଅଭିଯୋଗ ସମାଧାନରେ ଅବହେଳା

## ୩୬ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ଚିଠି ଲେଖିଲେ ଜିଲ୍ଲାପାଳ

କଟକ, ୨୭ ।୧୧(ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିବା ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମାଧାନ ନକରିବା କଟକ ଜିଲ୍ଲାର ୩୬ଜଣ ଅଧିକାରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ଅଭିଯୋଗ ସମାଧାନରେ ଅବହେଳା ପାଇଁ କଟକ ଜିଲ୍ଲାର ୩୬ଜଣ ଅଧିକାରୀଙ୍କ ନଭେମ୍ବର ମାସର ଦରମା ବନ୍ଦ ପାଇଁ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲା ଟ୍ରେଜେରି ଅଫିସର, ସ୍ୱତନ୍ତ୍ର ଟ୍ରେଜେରି ଅଫିସର ଓ ଜିଲ୍ଲାର ସମସ୍ତ ସବ୍ ଟ୍ରେଜେରି ଅଫିସରଙ୍କୁ ଚିଠି ଲେଖିଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଖିଲାପି ଅଧିକାରୀଙ୍କ ଦରମା ସ୍ଥଗିତ ରହିବ ବୋଲି କୁହାଯାଇଛି। ଏହି ୩୬ଜଣ ଅଧିକାରୀଙ୍କ ମଧ୍ୟରେ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ), କଟକ ଉପ-ଜିଲ୍ଲାପାଳ, ଆଠଗଡ଼ ଉପ ଜିଲ୍ଲାପାଳ, କଟକ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ), ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ(ସିଡିଭିଓ), ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଡିଏସ୍‌ଡବ୍ଲୁଓଙ୍କ ସମେତ ୧୧ ଜଣ ବିଡିଓ ଓ ୮ ଜଣ ତହସିଲଦାର ପ୍ରମୁଖ ରହିଛନ୍ତି। ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ସମାଧାନ ସମୟସୀମା ମଧ୍ୟରେ କରାଯାଉ ନଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବାରମ୍ବାର ସମୀକ୍ଷା କରୁଛନ୍ତି। ଏହାସତ୍ତ୍ୱେ ସମାଧାନର ଅଗ୍ରଗତି କ୍ଷେତ୍ରରେ କଟକ ଜିଲ୍ଲାର ସ୍ଥାନ ଉତ୍ସାହଜନକ ନଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଘୋର୍ ଅସନ୍ତୋଷ ପ୍ରକାଶ କରିଛି। ଏହାକୁ ନେଇ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କ ଦରମା ବନ୍ଦ ପାଇଁ ଚିଠି ଲେଖିଛନ୍ତି। ତେବେ ପ୍ରଥମେ ୯୧ଜଣ ଅଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିବା ବେଳେ ପରେ ଏହାକୁ ସଂଶୋଧନ କରି ୩୬ଜଣଙ୍କ ତାଲିକା ପ୍ରକାଶ ପାଇଛି।

■ ଭିଏଲ୍‌ଟିଡି ନିର୍ମାତାଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

## କେନ୍ଦ୍ର ମୋଟରଯାନ ନିୟମାବଳୀ ଅନୁଯାୟୀ ବୈଧ ସଂସ୍ଥାକୁ ଯୋଗାଣ ଅନୁମତି

କଟକ,୨୭ ।୧୧(ସମିସ): କେନ୍ଦ୍ର ମୋଟରଯାନ ନିୟମାବଳୀ ଅନୁସାରେ ବୈଧ ଏଆଇଏସ-୧୪୦ ପ୍ରମାଣପତ୍ର ପାଇଥିବା ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ୍ (ଭିଏଲ୍‌ଟିଡି) ନିର୍ମାତାଙ୍କୁ ରାଜ୍ୟର ଯାନବାହନ ପାଇଁ ଡିଭାଇସ ଯୋଗାଣ ଓ ଫିଟମେଣ୍ଟ ପାଇଁ ଅନୁମତି ମିଳିପାରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେନ୍ଦ୍ର ମୋଟର ଯାନ ଆଇନ ଓ ଏସ୍‌ଓପି ଅନୁପାଳନ ପୂର୍ବକ ଯାନବାହନ ଟ୍ରାକିଂ ଯୋଜନା କାର୍ଯ୍ୟକାରୀ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଆଇ ଟ୍ରାଇଙ୍ଗଲ୍ ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି କେନ୍ଦ୍ର ମୋଟର ଯାନ ନିୟମ ଅନୁଯାୟୀ, ଓଡ଼ିଶା ପରିବହନ ବିଭାଗ ପକ୍ଷରୁ ଗତ ୨୦୨୩ ଏପ୍ରିଲ ୪ତାରିଖରେ ଏସ୍‌ଓପି ଜାରି ହୋଇ ନଥିବାରୁ ଏହା କାର୍ଯ୍ୟକାରୀ ହେବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଗତ ୨୦୨୧ଫେବୃଆରି୨୨ର କେନ୍ଦ୍ର ଏସଓପି ଅନୁଯାୟୀ ସାନି ମାନଦଣ୍ଡ ସୁନିଶ୍ଚିତ କରିପାରିବେ। ଯଦି କୌଣସି ନିର୍ମାତା କିମ୍ବା ଉପକରଣ ନିର୍ଦ୍ଧାରିତ ବୈଷୟିକ ମାନଦଣ୍ଡ ପୂରଣ କରିବାରେ ବିଫଳ ହୁଏ, ତେବେ ତାହାକୁ ରାଜ୍ୟ ପରିବହନ ବିଭାଗ ସ୍ଥଗିତ ରଖିପାରିବେ ବୋଲି ଅଦାଲତ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଭିଏଲ୍‌ଟିଡି ନିର୍ମାତା ହୋଇଥିବା ବେଳେ କେନ୍ଦ୍ର ମୋଟରଯାନ ନିୟମାବଳୀ ଓ ଏସଓପି ଅନୁସାରେ ସମସ୍ତ ମାନଦଣ୍ଡ ପାଳନ କରି ଆସୁଛନ୍ତି। ରାଜ୍ୟ ପରିବହନ ବିଭାଗର ଗତ ୨୦୨୩ର ଅତିରିକ୍ତ ମାନଦଣ୍ଡ ଧାର୍ଯ୍ୟ ହେତୁ ସେ ଭିଏଲ୍‌ଟିଡି ଯୋଗାଣ ଓ ସ୍ଥାପନରୁ ବଞ୍ଚିତ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ଏସଓପି ଅନୁଯାୟୀ ଅତିରିକ୍ତ ଯୋଗ୍ୟତା ମାନଦଣ୍ଡ, ସ୍ଥାନୀୟ କାର୍ଯ୍ୟାଳୟ ଆବଶ୍ୟକତା, ଜିଲ୍ଲାସ୍ତରୀୟ ଫିଟମେଣ୍ଟ ସେଣ୍ଟର୍ କିମ୍ବା ଫି' ଲାଗୁ କରିବା ରାଜ୍ୟର କ୍ଷମତା ବାହାରେ ଏବଂ କେନ୍ଦ୍ରୀୟ ଏସ୍‌ଓପି ସହ ଅସଙ୍ଗତ ବୋଲି ଆବେଦନକାରୀ ଦର୍ଶାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉଚ୍ଚାରଣ, ଆଚରଣରେ...

ନୁହେଁ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରବାହ। ଭାଷା ଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ପୁନର୍ଗଠନ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା। ଦେଶୀୟ ରାଜ୍ୟ ଗୁଡ଼ିକର ମିଶ୍ରଣ ପ୍ରକ୍ରିୟା ଓଡ଼ିଶାରୁ ଆରମ୍ଭ ହୋଇଥିବା ବେଳେ ଏହାର ନେତୃତ୍ୱ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ନେଇଥିଲେ। ବରେଣ୍ୟ ଜନନେତା ବିଜୁ ପଟ୍ଟନାୟକଙ୍କ ସାହସ ଓ ସଂଗ୍ରାମ ଦେଶବାସୀଙ୍କ ସ୍ମୃତିରେ ସର୍ବଦା ଜୀବନ୍ତ ହୋଇ ରହିବ। ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କୁ ଜନ୍ମଦେଇ ଓଡ଼ିଶା ଧନ୍ୟ ହୋଇଛି। ଭାରତ ନିର୍ମାଣରେ ଓଡ଼ିଶାର ଅବଦାନ କାଳେକାଳେ ରହି ଆସିଛି। ଓଡ଼ିଶାରେ ନାରୀ ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହି ଆସିଛି। ରମାଦେବୀ, ସରଳା ଦେବୀ, କୁନ୍ତଳା କୁମାରୀ ସାବତ, ପାର୍ବତୀ ଗିରି ଏବଂ ଅନେକ ନେତ୍ରୀଙ୍କର ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ରହିଥିଲା। ୧୫ ଜଣ ମହିୟସୀ ମହିଳା ଭାରତର ସମ୍ବିଧାନ ସଭାରେ ସଦସ୍ୟ ଥିବାବେଳେ ଏଥିରେ ଓଡ଼ିଶାର ମାଳତୀ ଦେବୀ ରହିଥିଲେ। ଓଡ଼ିଶା ବିଧାନସଭାରେ ମହିଳା ପ୍ରତିନିଧିତ୍ୱର ଦୀର୍ଘ ଇତିହାସ ରହିଛି। ସ୍ୱାଧୀନତା ପୂର୍ବବର୍ତ୍ତି ଏବଂ ପରବର୍ତ୍ତୀ ଏପରି କୌଣସି ବିଧାନସଭା ଗଠନ ହୋଇନାହିଁ, ଯେଉଁଥିରେ ମହିଳା ନାହାନ୍ତି। ନନ୍ଦିନୀ ଶତପଥୀ ଭାରତର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଜଣାଶୁଣା ବୋଲି ରାଷ୍ଟ୍ରପତି କହିଛନ୍ତି।

ସେ କହିଛନ୍ତି ଯେ ଓଡ଼ିଶାରେ ପ୍ରକୃତି ସବୁ ପ୍ରକାରର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି। ବିପୁଳ ଖଣିଜ ସମ୍ପଦ, ଜଙ୍ଗଲ ଓ ଜଳ ସମ୍ପଦରେ ରାଜ୍ୟ ପରିପୂର୍ଣ୍ଣ ସବୁ ବର୍ଗର ମାନ ସମ୍ବଳରେ ଓଡ଼ିଶା ସମୃଦ୍ଧ। ଓଡ଼ିଶାରେ ସୁଦୀର୍ଘ ବେଳାଭୂମି ଓ ଉର୍ବର ଚାଷଜମି ରହିଛି। କୃଷି, ଶିଳ୍ପ ଏବଂ ବାଣିଜ୍ୟର ବିକାଶ ପାଇଁ ଓଡ଼ିଶାର ପରିବେଶ ଖୁବ ଅନୁକୂଳ। ଏସବୁ ସମ୍ପଦର ସଦୁପଯୋଗ କରାଯାଇ ଓଡ଼ିଶାକୁ ଦେଶର ଅଗ୍ରଣୀ ପ୍ରଦେଶରେ ପରିଣତ କରାଯାଇପାରିବ। ୨୦୪୭ ମସିହା ବେଳକୁ ଭାରତ ବିକଶିତ ଦେଶରେ ପରିଣତ ହୋଇ ସାରିଥିବ ବୋଲି ଆମ ସଭିଙ୍କର ବିଶ୍ୱାସ। ୨୦୩୬ ମସିହାରେ ଓଡ଼ିଶା ଗଠନର ଶତବାର୍ଷିକ ପୂରଣ ହେବ। ଆପଣମାନେ ସମ୍ମିଳିତ ଭାବରେ ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ କରିପାରିଲେ ତାହା ବିକଶିତ ଭାରତ ଗଠନ ପାଇଁ ଓଡ଼ିଶାର ଶ୍ରେଷ୍ଠ ଅବଦାନ ହେବ। ସେ ଆହୁରି ମଧ୍ୟ କହିଥିଲେ ଯେ ଗଣତନ୍ତ୍ରର ଭିତ୍ତି ହେଉଛନ୍ତି ଜନ ସାଧାରଣ। ଗଣ ବିନା ଗଣତନ୍ତ୍ର କିମ୍ବା ଗଣରାଜ୍ୟ ନାହିଁ। ଭାରତୀୟ ସଂସ୍କୃତିରେ ଲୋକଶକ୍ତିକୁ ସର୍ବଦା ଗୁରୁତ୍ୱାରୋପ କରାଯାଇଛି। ଜନମତକୁ ସର୍ବଦା ସମ୍ମାନ ଦିଆଯାଇଛି। ଆପଣମାନେ ହେଉଛନ୍ତି ଜନଗଣର ପ୍ରତିନିଧି। ସେମାନଙ୍କର ସେବକ। କେତେ ଆଶା, ବିଶ୍ୱାସ, ଭରଷା ନେଇ ଆପଣଙ୍କ ହାତରେ ସେମାନେ କ୍ଷମତା ଅର୍ପଣ କରିଛନ୍ତି। ସେମାନଙ୍କର ଆଶା ପୂରଣ କରିବା, ସେମାନଙ୍କର ସ୍ୱପ୍ନକୁ ସାକାର କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ଆପଣମାନଙ୍କର କର୍ତ୍ତବ୍ୟ। ଆପଣମାନେ ଏପରି କାର୍ଯ୍ୟ କରିବେ ଯାହା ସାଧାରଣ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ। ଦେଶର ଦରିଦ୍ରତମ ଲୋକଙ୍କ ପାଇଁ କାମ କରିବାକୁ ସେ ଏହି ଅବସରରେ ଆହ୍ୱାନ ଦେଇଛନ୍ତି।

### ରାଷ୍ଟ୍ରପତିଙ୍କ ସାମଗ୍ରିକ...

ତଥା ପ୍ରଥମ ନାଗରିକ ଭାବେ ସେବା କରିବା ପାଇଁ ଦ୍ରୌପଦୀ ମୁର୍ମୁଙ୍କୁ ଏବଂ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ସେବା କରିବା ପାଇଁ ସୁଯୋଗ ମିଳିବା କେବଳ ଆମ ଭାରତୀୟ ସମ୍ବିଧାନ ପାଇଁ ସମ୍ଭବ ହୋଇପାରିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ କେବଳ ଏହି ପବିତ୍ର ଗୃହର ନୀତି ଆଦର୍ଶକୁ ମାର୍ଗଦର୍ଶନ କରିବ ନାହିଁ; ବରଂ ସାଢ଼େ ଚାରି କୋଟି ଓଡ଼ିଆ'ଙ୍କ ଅଦମ୍ୟ ଭାବନାକୁ ପ୍ରୋତ୍ସାହିତ କରିବ। ଶାନ୍ତି, ମୈତ୍ରୀ, ସମତା ଓ ସଦ୍‌ଭାବନା, ଏକତାର ମନ୍ତ୍ରରେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ।

### ରାଷ୍ଟ୍ରପତି ଏ ମାଟିର...

ସୁଦୃଢ଼ କରିବାରେ ବିଭିନ୍ନ ଭାଷା, ଜୀବନଶୈଳୀ, ରୀତିନୀତି, ସଂସ୍କୃତି ଏବଂ ଚିନ୍ତାଧାରାର ଉଲ୍ଲେଖନୀୟ ଯୋଗଦାନ ରହିଛି। ସ୍ୱାଧୀନତା ପରେ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ଏକ ବଡ଼ ରାଜନୈତିକ ଆହ୍ୱାନ ଥିଲା। ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରି ଏବଂ ଅନ୍ୟରାଜ୍ୟଗୁଡ଼ିକ ଭାରତରେ ଯୋଗଦେବା ସହିତ ଭାରତର ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପ୍ରଥମେ ଓଡ଼ିଶାରେ ଆରମ୍ଭ ହୋଇଥିଲା। ଏପରି କରି ଓଡ଼ିଶା ଅବଶିଷ୍ଟ ରାଜ୍ୟଗୁଡ଼ିକୁ ଏକତ୍ର କରି ଭାରତୀୟ ରାଷ୍ଟ୍ରକୁ ଏକଜୁଟ ଏବଂ ସୁଦୃଢ଼ କରିବା ପାଇଁ ନେତୃତ୍ୱ ନେଇଥିଲା।

ନବୀନ ଆହୁରି କହିଛନ୍ତି ଯେ ଭାଷା ଆଧାରରେ ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଗଠନ ହୋଇଥିଲା। ଓଡ଼ିଶା ପ୍ରଦେଶ ସୃଷ୍ଟି କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନକୁ ଏଠାରେ ସ୍ମରଣ କରିବାର ଆବଶ୍ୟକତା ରହିଛି। ସାମ୍ବିଧାନିକ ପଦ୍ଧତି ଅବଲମ୍ବନ କରି ସେ ଅନ୍ୟ ଜାତୀୟସ୍ତରର ନେତାଙ୍କ ସହ ମିଶି ଏହି ଐତିହାସିକ ଲକ୍ଷ୍ୟ ହାସଲ କରିଥିଲେ। ଏହି ମହାନ ଦେଶର ରାଷ୍ଟ୍ରପତି ଭାବେ ଆପଣ ଭାରତ ସମ୍ବିଧାନର 'ସଂରକ୍ଷଣ, ସୁରକ୍ଷା ଏବଂ ପ୍ରତିରକ୍ଷା' କରନ୍ତି, ଯାହାର ୭୫ ତମ ବାର୍ଷିକୀ ନିକଟରେ ପାଳନ କରାଯାଇଛି। ଭାରତର ଆତ୍ମାକୁ ବଞ୍ଚାଇ ରଖିବାରେ ପ୍ରେରଣା ଏବଂ ମାର୍ଗଦର୍ଶନ ପାଇଁ ସମଗ୍ର ଦେଶ ରାଷ୍ଟ୍ରପତିଙ୍କ ଆଡ଼କୁ ଚାହିଁ ରହିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଅନେକ କ୍ଷେତ୍ରରେ ଇତିହାସ ରଚିଛି। ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ଉତ୍ପାଦନ, ମହିଳା ସଶକ୍ତିକରଣ, ଦାରିଦ୍ର୍ୟ ଦୂରୀକରଣ, ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଏବଂ ଶିଳ୍ପ ଅଭିବୃଦ୍ଧିର ପରିବେଶ ସୃଷ୍ଟି କ୍ଷେତ୍ରରେ ଓଡ଼ିଶା ଏକ ପ୍ରେରଣାଦାୟୀ କାହାଣୀ ସୃଷ୍ଟି କରିଛି। ଏଭଳି ଅଭୂତପୂର୍ବ ଅଭିବୃଦ୍ଧିର ସମସ୍ତ ଶ୍ରେୟ ଓଡ଼ିଶାର ଜନସାଧାରଣଙ୍କ ଅତୁଟ ସମର୍ଥନ ଏବଂ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇପାରିଛି। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ନୀତି ସମଗ୍ର ଦେଶ ପାଇଁ ଏକ ଆଦର୍ଶ ପାଲଟିଛି। ବିପର୍ଯ୍ୟୟ ପରିଚାଳନାରେ ଉତ୍ତମ କାର୍ଯ୍ୟ ପାଇଁ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ସମୃଦ୍ଧ ପ୍ରାକୃତିକ ସମ୍ବଳ ଏବଂ କୁଶଳୀ ଶ୍ରମଶକ୍ତି ସହିତ ଓଡ଼ିଶାରେ ଅଭିବୃଦ୍ଧିର ବିପୁଳ ସମ୍ଭାବନା ରହିଛି। ଓଡ଼ିଶାକୁ ଗୌରବର ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆମେ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ନବୀନ କହିଛନ୍ତି।

### ୪ ସପ୍ତାହ ମଧ୍ୟରେ...

ଆଶା। ପାଣ୍ଠି ସଂଗ୍ରହର ଦାୟିତ୍ୱ କୋର୍ଟ ହାସ୍ୟ ଅଭିନେତାଙ୍କୁ ଦେଉଛନ୍ତି। ଏହା କୌଣସି ଦଣ୍ଡ ନୁହେଁ, ବରଂ ଏକ ସାମାଜିକ ଦାୟିତ୍ୱ।

ସମୟ ରୈନାଙ୍କ ଶୋ'ରେ ଅଶ୍ଳୀଳ ବିଷୟବସ୍ତୁକୁ ପ୍ରୋତ୍ସାହନ ଦିଆଯାଉଛି। ଗତ ଫେବୃଆରୀରେ ମୁକ୍ତିଲାଭ କରିଥିବା ଏହାର ଦୁଇଟି ଶୋ'କୁ ନେଇ ବିବାଦ ହୋଇଥିଲା। ମହିଳା ଏବଂ ଦିବ୍ୟାଙ୍ଗଙ୍କୁ ନେଇ ଏଭଳି ଅଭଦ୍ର ଟିପ୍ପଣୀ ଦିଆଯାଇଥିଲା ଯାହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ନେଇ ସମୟ ରୈନା, ରଣବୀର ଆହ୍ଲାବାଦିଆ ଓ ଅନ୍ୟମାନଙ୍କ ବିରୋଧରେ ଅନେକ ରାଜ୍ୟରେ ଏତଲା ରୁଜୁ କରାଯାଇଥିଲା। ଏହି ସବୁ ଏତଲା ରଦ୍ଦ କରିବାକୁ ରଣବୀର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ କୋର୍ଟ ଏହା ଉପରେ କୌଣସି ଆଶ୍ୱସ୍ତି ଦେଇ ନାହାନ୍ତି। କିନ୍ତୁ କେନ୍ଦ୍ର ସରକାରଙ୍କୁ କଠୋର ନିୟମ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଥିଲେ ଯେ ଅଶ୍ଳୀଳ ବିଷୟବସ୍ତୁକୁ ବନ୍ଦ କରିବା ପୂର୍ବରୁ ଏହା ଭାଇରାଲ ହୋଇ ଲକ୍ଷ ଲକ୍ଷ ଲୋକ ଦେଖି ସାରୁଛନ୍ତି। ତେଣୁ ଏହାର ସମାଧାନ କରିବା ପାଇଁ ସୁପ୍ରିମକୋର୍ଟ ବିଚାରବିମର୍ଶ କରିଛନ୍ତି।

ଶୁଣାଣି ସମୟରେ ସଲିସିଟର ଜେନେରାଲ (ଏସଜି) ତୁଷାର ମେହେଟା କହିଥିଲେ ଯେ ଏହି ମାମଲା କେବଳ ଅଶ୍ଳୀଳତା ନୁହେଁ, ବରଂ ଅପବ୍ୟବହାର ସମ୍ବନ୍ଧିତ ମଧ୍ୟ। ବ୍ୟବହାରକାରୀଙ୍କ ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁରେ ଏହି ସବୁ ସମସ୍ୟା ରହିଛି। ମତ ପ୍ରକାଶ ହେଉଛି ଏକ ଅମୂଲ୍ୟ ଅଧିକାର, କିନ୍ତୁ ଖରାପ କାମ ପାଇଁ ଏହାକୁ ବ୍ୟବହାର କରାଯାଇପାରିବ ନାହିଁ। ଉତ୍ତରରେ ସିଜେଆଇ କହିଥିଲେ ଯେ ଏହା ହିଁ ସମସ୍ୟା। ଯଦି ମୁଁ ନିଜର ଚ୍ୟାନେଲ ଖୋଲୁଛି ତେବେ ବି କାହା ପାଇଁ ଉତ୍ତରଦାୟୀ ନୁହେଁ। କେହି ତ ଜଣେ ଉତ୍ତରଦାୟୀ ହେବା ଦରକାର।

ଏହି ମାମଲାକୁ ଦେଶ ବିରୋଧୀ ଭାବେ ମଧ୍ୟ ଦେଖାଯାଉଛି। ଏହାକୁ ନେଇ ଜଷ୍ଟିସ ବାଗଚୀ କହିଥିଲେ ଯେ ବିଷୟବସ୍ତୁ ଦେଶବିରୋଧୀ ହୋଇଥିଲେ ଏହାକୁ ପ୍ରସ୍ତୁତ କରିଥିବା ବ୍ୟକ୍ତି ଦାୟୀ ହେବେ କି? ଅଶ୍ଳୀଳ ବିଷୟବସ୍ତୁକୁ କେମିତି ରୋକିବେ ବୋଲି ସେ ଏସ୍‌ଜିଙ୍କୁ ପଚାରି ଥିଲେ। ଏହା ଉପରେ ରୋକ୍ ଲଗାଇବା ପାଇଁ ସ୍ୱୟଂଶାସିତ ସଂଗଠନ ଗଠନ କରିବାକୁ ସିଜେଆଇ ପ୍ରସ୍ତାବ ଦେଇଥିଲେ। ଏହି ସମାଜରେ ଶିଶୁଙ୍କର ବି ମୌଳିକ ଅଧିକାର ରହିଛି ବୋଲି କହିଥିଲେ। ସଲିସିଟର ଜେନେରାଲଙ୍କୁ ସିଜେଆଇ ପଚାରି ଥିଲେ ଯେ ଯଦି ସବୁ କିଛି ପ୍ରସାରଣ କରିବାକୁ ଦିଆଯିବ ତେବେ ସରକାର କ'ଣ କରିବେ। ନିରୀହ ଲୋକେ ନିଜେ ନିଜକୁ ସୁରକ୍ଷା ଯୋଗାନ୍ତୁ ବୋଲି ଆପଣ ଚାହୁଁଛନ୍ତି କି? ସମସ୍ତଙ୍କୁ କୋର୍ଟ ଆସିବାକୁ ସୁଯୋଗ ମିଳିବ ନାହିଁ। ତେଣୁ ଏହାର ସମାଧାନ ଲାଗି କୋର୍ଟ ନୂଆ ବ୍ୟବସ୍ଥା ଆଣିବାକୁ କେନ୍ଦ୍ରକୁ କହିଥିଲେ। ଏଥିପାଇଁ ଚାରି ସପ୍ତାହ ସମୟ ଦେଇଛନ୍ତି।

### ରେକର୍ଡ ଭାଙ୍ଗିଲା...

ଦାରିଙ୍ଗବାଡ଼ି ୯.୫, ଅନୁଗୁଳ ୧୦, କେନ୍ଦୁଝର ୧୦.୩, ସୁନ୍ଦରଗଡ଼ ୧୦.୬, ଭୁବନେଶ୍ୱର ୧୩.୫ ଏବଂ କଟକରେ ପାରଦ ୧୩.୪ ଡିଗ୍ରୀ ରେକର୍ଡ ହୋଇଛି।

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାସହିତ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ତଳକୁ ଖସିବ। ଏଥିପାଇଁ ରାଜ୍ୟରେ ଜାରି ରହିଥିବା ଶୀତର ସ୍ଥିତି ଜାରି ରହିବ। ବର୍ତ୍ତମାନ ରାଜ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ଓ ଥଣ୍ଡା ବାୟୁର ପ୍ରବାହ ଅଧିକ ରହୁଛି। ଏହି ସ୍ଥିତି ଆହୁରି ପ୍ରାୟ ୨-୩ ଦିନ ପର୍ଯ୍ୟନ୍ତ ଲାଗି ରହିବାର ସମ୍ଭାବନା ଥିବା ବେଳେ ଏହି ସମୟରେ କିଛି ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହୁଛି।

ଅନ୍ୟପଟେ ବଙ୍ଗୋପସାଗରରେ ପୁଣି ଏକ ବାତ୍ୟା ସୃଷ୍ଟି ହୋଇଛି। ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଶ୍ରୀଲଙ୍କା ଉପକୂଳରେ ଏହି ବାତ୍ୟା ଆଜି ସୃଷ୍ଟି ହୋଇଛି। ବାତ୍ୟାର ନାମ 'ଡିଟୱା' ରହିଛି। ଏହି ବାତ୍ୟାଟି ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତିକରି ଉତ୍ତର ୩୦ ତାରିଖ ସୁଦ୍ଧା ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ମୁହାଁ ହେବ। ଓଡ଼ିଶା ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ପଡ଼ିବ ନାହିଁ। ବାତ୍ୟାଟି ଆନ୍ଧ୍ର ନିକଟବର୍ତ୍ତୀ ହେବା ପୂର୍ବରୁ ଦୁର୍ବଳ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ମାତ୍ର ଯଦି ଏହା ଆନ୍ଧ୍ର ନିକଟବର୍ତ୍ତୀ ହୁଏ ତେବେ ୧ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶାର କିଛି କାଁ ଭାଁ ଜିଲ୍ଲାରେ ବର୍ଷା ହେବାର ଆଶଙ୍କା କରାଯାଉଛି।

ସକାଳ
THE SAKALA
www.sakalaepaper.com



# ସମ୍ପୂର୍ଣ୍ଣ





## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୬୬୦: ଲଣ୍ଡନରେ ଦ ରୟାଲ ସୋସାଇଟିର ଗଠନ।
- ୧୮୧୪: ଦ ଟାଇମ୍ସ ଅଫ୍ ଲଣ୍ଡନକୁ ପ୍ରଥମଥର ସ୍ୱଚାଳିତ ପ୍ରିଣ୍ଟିଂ ମେସିନ୍‌ରେ ଛପାଗଲା।
- ୧୮୯୦: ସମାଜସେବୀ ଜ୍ୟୋତିବା ଫୁଲେଙ୍କ ପରଲୋକ।
- ୧୯୪୫: ସାହିତ୍ୟିକ ଅମର ଗୋସ୍ୱାମୀଙ୍କ ଜନ୍ମ।
- ୧୯୯୬: ଏୟାରବସ୍ ଏ-୩୦୦ ବିମାନକୁ କମାଣ୍ଡ କରିବା ପ୍ରଥମ ମହିଳା ହେଲେ କ୍ୟାପ୍ଟେନ୍ ଇନ୍ଦ୍ରାଣି ସିଂହ।

## ମେସିନ୍ କାଟୁଛି କେଶ



ସାମାଜିକ ଗଣମାଧ୍ୟମରେ ଏବେ ଏକ ଭିଡିଓ ଖୁବ୍ ଭାଇରାଲ ହେଉଛି। ଏଥିରେ ଦେଖିବାକୁ ମିଳିଛି, ରାସ୍ତାକଡ଼ରେ ଏକ ମେସିନ୍ ଲୋକଙ୍କର ଖୁବ୍ କମ୍ ସମୟ ମଧ୍ୟରେ କେଶ କାଟି ଦେଉଛି। ଭିଡିଓରେ ଦେଖା ଯାଇଛି, ଜଣେ ଯୁବକ ମେସିନ୍‌କୁ ଟେପର୍ଡ ଫେଡ୍ ହେୟାରକଟ୍ କରିବାକୁ କହିଛନ୍ତି। ମେସିନ୍ ଉତ୍ତରରେ ଯୁବକଙ୍କୁ ମୁଣ୍ଡ ରଖିବାକୁ କହିଛି। ବହୁତ କମ୍ ସମୟ ମଧ୍ୟରେ ସମ୍ପୃକ୍ତ ଯୁବକ ଜଣକ ଯେତେବେଳେ ନିଜ ମୁଣ୍ଡକୁ ମେସିନ୍‌ରୁ ବାହାର କରିଛନ୍ତି, ତାଙ୍କୁ ସଂପୂର୍ଣ୍ଣ ଭାବେ ଏକ ନୂଆ ଲୁକ୍‌ରେ ଦେଖିବାକୁ ମିଳିଛି। ଭିଡିଓରେ ଦାବି କରାଯାଇଛି ଯେ, ଏହି ମେସିନ୍ ନରୱେ ରାଜଧାନୀ ଓସ୍‌ଲୋରେ ଲାଗିଛି। ଭିଡିଓରେ ତିନି ଜଣ ଯୁବକ ଜଣକ ପରେ ଜଣେ କେଶ କାଟିଥିବା ଦେଖାଯାଇଛି। ଅନ୍ୟପଟେ ଭିଡିଓର ଶୀର୍ଷକରେ ଲେଖାଯାଇଛି, 'ଆଉ ଅପେକ୍ଷା କରନ୍ତୁ ନାହିଁ। ଏବେ ରାସ୍ତାକଡ଼ରେ କେଶ କାଟିବା ସୁବିଧା ଅଟୋପାଇଲଟ୍ ପର୍ଯ୍ୟାୟରେ ଅଛି। ସେହିପରି ଲୋକଙ୍କୁ ହେୟାର ଷ୍ଟାଇଲିଷ୍ଟ ବିନା ରାସ୍ତାକଡ଼ରେ କେଶ କାଟିବା ସୁଯୋଗ ମିଳିପାରିବ।' ତେବେ ଏହି ଭିଡିଓ ଅସଲି ନୁହେଁ, ବରଂ ଏହାକୁ ଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଛି ବୋଲି କୁହାଯାଉଛି। ଇନ୍‌ଷ୍ଟାଗ୍ରାମ ପେଜ୍ ଆକ୍ସ ଡ୍ରପ୍ ଏକ୍ସ ଏଆଇ ଏହାକୁ ତିଆରି କରିଛି। ଏହା ଏଭଳି ଭବିଷ୍ୟବାଦୀ ଏବଂ କାଳ୍ପନିକ ଭିଡିଓ ପୋଷ୍ଟ କରିଥାଏ। ଏହି ଭିଡିଓ ମାଧ୍ୟମରେ ଲୋକଙ୍କ କଳ୍ପନାକୁ ବାସ୍ତବରେ ଦେଖାଇବାକୁ ପ୍ରୟାସ କରାଯାଇଛି। ସେହିପରି ଲୋକେ ବି ଚିନ୍ତା କରୁଛନ୍ତି କ'ଣ ସତରେ ଭବିଷ୍ୟତରେ ଏମିତି ମେସିନ୍ ଆସିବା ସମ୍ଭବ, ଯାହା ମଣିଷଙ୍କ ଭଳି କେଶ କାଟିବ। ଅନ୍ୟପଟେ ଭିଡିଓଟି ସତ ନ ହେଲେ ବି ଏହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ, କ'ଣ ଆଗାମୀ ଦିନରେ ମଣିଷର କାମ ମେସିନ୍ କରିବ? ଯଦି ଏଆଇର ପ୍ରଗତି ଏମିତି ଚାଲିବ, ତେବେ ଭବିଷ୍ୟତରେ ମେସିନ୍ ହେୟାର ଷ୍ଟାଇଲିଷ୍ଟଙ୍କ ସ୍ଥାନ ନେବ ଏଥିରେ ଦ୍ୱିମତ ନାହିଁ। ଅନ୍ୟପଟେ ଏହି ଭିଡିଓରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।




## 'ବର୍ଡର ୨'
## ନୂଆ ରୂପରେ ଆସିବ 'ସନ୍ଦେଶେ ଆତେ ହେଁ'

ବଲିଉଡ୍ ଅଭିନେତା ସନ୍ନି ଦେଓ୍ୱଲ ତାଙ୍କ ଆଗାମୀ ଫିଲ୍ମ 'ବର୍ଡର ୨'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏବେ ଫିଲ୍ମର ପ୍ରଯୋଜକ ମୂଳ ଫିଲ୍ମର ଆଇକନିକ୍ ଗୀତ 'ସନ୍ଦେଶେ ଆତେ ହେଁ'କୁ ରିକ୍ରିଏଟ୍ କରିବା ପାଇଁ ଯୋଜନା କରିଛନ୍ତି। ପୂର୍ବରୁ ଏହି ଗୀତକୁ ସୋନୁ ନିଗମ୍ ଓ ଅରିଜିତ୍ ସିଂହ ଗାଇବେ ବୋଲି କୁହାଯାଉଥିଲା। ଏବେ ଏଥିରେ ଆଉ ଜଣେ ଜଣାଶୁଣା ଗାୟକଙ୍କ ଏଣ୍ଟ୍ରି ହୋଇଛି। ପଞ୍ଜାବୀ ଅଭିନେତା ତଥା ଗାୟକ ଦିଲଜିତ୍ ଦୋସାଞ୍ଜ ଏଥିରେ ଗୀତ ଗାଇବେ। ତେବେ ଫିଲ୍ମ ନିର୍ମାତା ଏପରି ଜଣେ ଗାୟକ ଚାହୁଁଥିଲେ ଯାହାଙ୍କଠାରେ ଆଧୁନିକ ଓ ପୁରୁଣା ଗୀତ ସୁଟ୍ କରୁଥିବ। ଏଥିପାଇଁ ଦିଲଜିତ୍‌ଙ୍କୁ ବଛାଯାଇଥିଲା। ଏହି ଗୀତକୁ ବେଶ୍ ବଡ଼ ଆକାରରେ ପ୍ରମୋଟ୍ ମଧ୍ୟ କରାଯିବ। 'ବର୍ଡର ୨'ରେ ସନ୍ନି ଦେଓ୍ୱଲଙ୍କ ସହ ବରୁଣ ଧୱନ, ଦିଲଜିତ୍ ଦୋସାଞ୍ଜ, ଅହାନ୍ ସେଟ୍ଟୀ, ସୋନମ୍ ବାଜୱା, ମେଘା ରାଣା ପ୍ରମୁଖ ନଜର ଆସିବେ। ଏହା ଆସନ୍ତା ଜାନୁୟାରୀ ୨୩ରେ ମୁକ୍ତିଲାଭ କରିବ।

## ଛିଙ୍କ ରୋକିବା ଉଚିତ

କିଛି ଲୋକ ସର୍ବସାଧାରଣ ସ୍ଥାନ ତଥା ଆଖପାଖରେ ଲୋକ ଥିଲେ ଛିଙ୍କ ରୋକିବାକୁ ଚେଷ୍ଟା କରିଥାନ୍ତି। ହେଲେ ଏଭଳି କରିବା ବିପଜ୍ଜନକ। କାରଣ ଛିଙ୍କ ଆସିବା ହେଉଛି ଶରୀରକୁ ଜୀବାଣୁ କିମ୍ବା ଧୂଳିକଣିକାରୁ ଶ୍ୱାସନଳୀକୁ ରକ୍ଷା କରିବାର ଏକ ଉପାୟ। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ହେଲେ ଛିଙ୍କକୁ ରୋକି ବ୍ରିଟେନ୍‌ର ଜଣେ ଯୁବକଙ୍କୁ ଅସହ୍ୟ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି। ଏହି ଘଟଣା ଦୁଇ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୩ ମସିହାରେ ଘଟିଥିଲା। ଜଣେ ୩୦ ବର୍ଷୀୟ ଯୁବକ କାର୍ ଚଳାଉ ଥିଲେ। ଏହି ସମୟରେ ଆଲର୍ଜି ଯୋଗୁଁ ତାଙ୍କୁ ଛିଙ୍କ ଆସିଥିଲା। ହେଲେ ଲଜ୍ୟା ଓ ଭୟ ଯୋଗୁଁ ନ ଛିଙ୍କି ତାକୁ ରୋକିବାକୁ ଚେଷ୍ଟା କଲେ। ଏପରିକି ନାକକୁ ବନ୍ଦ କରିବା ସହିତ ପାଟି ମଧ୍ୟ ଖୋଲିଲେ ନାହିଁ। ଏହାପରେ ସେ ଭାବିଲେ ଛିଙ୍କ ଅଟକିଗଲା। ହେଲେ ଗଳାରେ ତାଙ୍କର ଅଚାନକ ଯନ୍ତ୍ରଣା ହେଲା। ତାଙ୍କୁ ଲାଗୁଥିଲା ଯେମିତି ଗଳାରେ କିଛି ଫାଟିଗଲା। ଏହି ସମୟରେ ଶ୍ୱାସକ୍ରିୟାରେ ବି ତାଙ୍କୁ ସମସ୍ୟା ସାମ୍ନା କରିବାକୁ ପଡ଼ିଲା। ସେ ତୁରନ୍ତ ଡାକ୍ତରଙ୍କ ପାଖରେ ପହଞ୍ଚିବାରୁ ସେଠାରେ ସିଟି ସ୍କାନ କରାଯିବାରୁ ଯୁବକଙ୍କ ଶ୍ୱାସନଳୀରେ ଛେଦ ହୋଇଯାଇଥିବା ଜଣାପଡ଼ିଲା। ଛିଙ୍କ ଆସିବାରୁ ଯେଉଁ ପବନ ପାଟି ଓ ନାକରୁ ବାହାରକୁ ଆସିବାର ଥିଲା, ତାହା ତାଙ୍କ ଛାତି ଓ ଫୁସ୍‌ଫୁସ୍‌ରେ ଜମା ହୋଇଯାଇଥିଲା। ଛିଙ୍କ ରୋକିବାରୁ ଶ୍ୱାସନଳୀରେ ବାୟୁର ଚାପ ୨୦ ଗୁଣ ଅଧିକ ହେଲା। ଫଳରେ ତାଙ୍କ ଗଳାରେ ଛେଦ ହୋଇଯାଇଥିଲା। ସେହିପରି ଏହି ଛେଦ ଯଦି ବଡ଼ ହୋଇଥାନ୍ତା, ତେବେ ରକ୍ତସ୍ରାବ, ସଂକ୍ରମଣ ନଚେତ ଶ୍ୱାସକ୍ରିୟା ବନ୍ଦ ହୋଇ ଜୀବନ ଯାଇଥାନ୍ତା। ଏହି ଘଟଣା ପରେ ବ୍ୟକ୍ତିଙ୍କୁ ପେନକିଲର ଦିଆଯାଇ ଅବଜରଭେସନରେ ରଖାଯାଇଥିଲା। ସୌଭାଗ୍ୟରୁ ତାଙ୍କ ଶ୍ୱାସନଳୀର ଛେଦ ଆପେ ଆପେ ଭରିଗଲା। ଏହି ଘଟଣା ପରେ ଛିଙ୍କ ନ ରୋକିବାକୁ ଡାକ୍ତର ଲୋକଙ୍କୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଛିଙ୍କକୁ ନେଇ ଏହା ଥିଲା ବିଶ୍ୱର ପ୍ରଥମ ଘଟଣା। ଯାହାକି ବିଏମ୍‌ଜେ କେସ୍ ରିପୋର୍ଟ ଜର୍ଣ୍ଣାଲରେ ପ୍ରକାଶିତ।






## 'ସକାଳ'ର ସ୍ୱାସ୍ଥ୍ୟ

## ଶୀତଦିନେ ହୃଦ୍‌ରୋଗୀଙ୍କ ପାଇଁ ସତର୍କତା



**ଶୀତଋତୁରେ ବାୟୁମଣ୍ଡଳର ତାପମାତ୍ରା କମିଯାଏ। ଏହି ପରିବର୍ତ୍ତନ ମନୁଷ୍ୟର ଶରୀର ଉପରେ ପ୍ରଭାବ ପକାଇଥାଏ। ତାପମାତ୍ରା ସର୍ବାଧିକ ହ୍ରାସ ପାଇଲେ, ଧମନୀ ସଙ୍କୁଚିତ ହୁଏ। ଏହାଦ୍ୱାରା ରକ୍ତଚାପସ୍ତର ବଢ଼ିଯାଇଥାଏ। ରକ୍ତଚାପ ବଢ଼ିଲେ ହୃଦୟ ଉପରେ ପ୍ରଭାବ ପଡ଼ିପାରେ। ତେଣୁ ଉଚ୍ଚରକ୍ତଚାପରେ ପୀଡ଼ିତ ଓ ହୃଦ୍‌ରୋଗୀ ଥଣ୍ଡା ସମୟରେ ସତର୍କ ରହିବା ଜରୁରି।**

ଶୀତଋତୁରେ ବୟସ୍କ ବ୍ୟକ୍ତି, ମଧୁମେହ, ଉଚ୍ଚରକ୍ତଚାପ, କୋଲେଷ୍ଟ୍ରଲରେ ପୀଡ଼ିତ, ହୃଦ୍‌ଜନିତ ସମସ୍ୟାରେ ପୀଡ଼ିତ ବ୍ୟକ୍ତି ଥଣ୍ଡା ପବନରେ ବୁଲିବା ଅନୁଚିତ। ଏହା ଦ୍ୱାରା ରକ୍ତ ଜମାଟ ବାନ୍ଧିଥାଏ। ରକ୍ତସଞ୍ଚାଳନରେ ବାଧାପ୍ରାପ୍ତ ହୋଇ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ବାହାରକୁ ଯାଉଥିଲେ, ଗରମ ପୋଷାକ, ମୋଜା, ଟୋପି, ହ୍ୟାଣ୍ଡ ଗ୍ଲୋବ୍‌ସ ଆଦି ପିନ୍ଧନ୍ତୁ। ଏହାଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହିପାରେ।

**କଠିନ ବ୍ୟାୟାମ ଅନୁଚିତ:** ନିୟମିତ ୨୦ରୁ ୩୦ ମିନିଟ୍ ଚାଲିବା, ବ୍ୟାୟାମ ଓ ଯୋଗ ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ହୁଏ। ମାଂସପେଶୀରେ ରକ୍ତସଞ୍ଚାଳନ ହୋଇଥାଏ। ଏହା ହୃଦୟ ପାଇଁ ଭଲ। ତେବେ ହୃଦ୍‌ରୋଗୀ ଥଣ୍ଡା ସମୟରେ ଅଧିକ କଠିନ ବ୍ୟାୟାମ କରିବା ଅନୁଚିତ।

**ଜୀବନଶୈଳୀରେ ପରିବର୍ତ୍ତନ :** ଶୀତଦିନେ ଶରୀରରେ ଜଳୀୟ ଅଂଶ କମ୍ ହୁଏ। ଦିନକୁ ୩ଲିଟର ପାଣି ପିଇ ହୃଦ୍‌ପିଣ୍ଡକୁ ସୁସ୍ଥ ରଖିପାରିବେ। ମାସ୍କ ଲଗାଇବା ଉଚିତ। ଧୂମପାନଠାରୁ ଦୂରେଇ ରୁହନ୍ତୁ। କମ୍ ଲୁଣଯୁକ୍ତ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ଖାଦ୍ୟରେ ଓମେଗା-୩ଯୁକ୍ତ ଖାଦ୍ୟ, ଫାଇବର, ଭିଟାମିନ୍ ଡି ଆଦି ସାମିଲ କରିପାରିବେ। ମୁଣ୍ଡବିନ୍ଧା, ଛାତିରେ ଯନ୍ତ୍ରଣା ଆଦି ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ନିୟମିତ ଉଚ୍ଚରକ୍ତଚାପସ୍ତର, ରକ୍ତ ଶର୍କରା, କୋଲେଷ୍ଟ୍ରଲ ଆଦିକୁ ପରୀକ୍ଷା କରାଇ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ଜରୁରି।

## ଚକ୍ଷୁ କର୍କଟ



**ଆଖି ମନୁଷ୍ୟ ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ। ହେଲେ ଜୀବନଶୈଳୀ, ବଂଶାନୁଗତ ଆଦି କାରଣରୁ ଚକ୍ଷୁଜନିତ କର୍କଟ ଦେଖାଯାଉଛି। ଆଖି ଭିତରେ କିମ୍ବା ଏହାର ଆଖପାଖରେ ଅସାମାନ୍ୟ ଭାବେ କୋଷ ବୃଦ୍ଧି ପାଇ ଏହା ଟ୍ୟୁମରର ରୂପ ନିଏ। ସଠିକ୍ ସମୟରେ ଟ୍ୟୁମରର ଚିହ୍ନଟ ହୋଇ ନ ପାରିଲେ ଏହା ଲିମ୍ଫ ନୋଡ୍‌ସ ଯାଏଁ ବ୍ୟାପିପାରେ। ତେବେ ଚକ୍ଷୁ କର୍କଟର କାରଣ, ଲକ୍ଷଣ ଓ ପ୍ରତିକାର ବିଷୟରେ ଜାଣିବା।**

ବୟସ୍କ, ସମ୍ବେଦନଶୀଳ ତ୍ୱଚା, ବଂଶାନୁଗତ, ଅତି ବାଇଗଣୀ ରଶ୍ମୀ ସମ୍ପର୍କରେ ଅଧିକ ଆସିବା ଯୋଗୁଁ ଏହି ଚକ୍ଷୁ କର୍କଟ ହୋଇଥାଏ। ଚକ୍ଷୁ କର୍କଟ ଇଣ୍ଟ୍ରାଅକୁଲାର ମେଲାନୋମା, କଞ୍ଜକ୍ଟିଭାଲ ମେଲାନୋମା, ଅରବିଟାଲ କ୍ୟାନସ୍‌ର, ରେଟିନୋବ୍ଲାଷ୍ଟମା (ପିଲାଙ୍କଠାରେ), ଇଣ୍ଟ୍ରାଅକୁଲାର ଲିମ୍ଫୋମା (ବୟସ୍କ ଏବଂ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ବ୍ୟକ୍ତିଙ୍କୁ ବିପଦ) ପ୍ରକାରର ରହିଛି। କର୍କଟ ଆଖିର ଡୋଳା, ପଲକ, ଚକ୍ଷୁର ଅନ୍ୟାନ୍ୟ ଅଂଶରେ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରୁ କିଛି ଲକ୍ଷଣ ଜଣାପଡ଼େ ନାହିଁ। ଚକ୍ଷୁ କର୍କଟକୁ ଆରମ୍ଭରୁ ଚିହ୍ନଟରେ ସମସ୍ୟା ହୁଏ। ଯାହାଫଳରେ ଏହା ଧୀରେ ଧୀରେ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପି ସମସ୍ୟା ସୃଷ୍ଟି କରେ।

**ଲକ୍ଷଣ:** ଆଖିକୁ ଝାପ୍‌ସା ଦିଶିବା, ଧୀରେ ଧୀରେ ଦୃଷ୍ଟିଶକ୍ତି ହ୍ରାସ ପାଇବା ଆଦି ଚକ୍ଷୁ କର୍କଟର ସଙ୍କେତ। ବିନା କାରଣରେ ଆଖି ଭିତରେ ପରିବର୍ତ୍ତନ, ଆଖି ବାହାରକୁ ବାହାରିବା ପରି ଦିଶିବା, କୁଣ୍ଡାଇ ହୋଇ ଜଳାପୋଡ଼ା ଏହି ରୋଗର ଲକ୍ଷଣ।

**ପ୍ରତିକାର:** ଏହି କର୍କଟ ଅଧିକ ବିପଜ୍ଜନକ। ଆଖିରେ ଅସ୍ୱାଭାବିକ ପରିବର୍ତ୍ତନ ଓ ଉପରୋକ୍ତ ଲକ୍ଷଣ ଦେଖିଲେ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶରେ ଚକ୍ଷୁ ପରୀକ୍ଷା କରିବା ଆବଶ୍ୟକ। ଏହି କର୍କଟ ପାଇଁ ବିକିରଣ ଥେରାପି, ଲେଜର ଥେରାପି, ଇମ୍ୟୁନୋଥେରାପି, ଟାରଗେଟେଡ୍ ଥେରାପି, ଅସ୍ତ୍ରୋପଚାର ଆଦି ସୁବିଧା ରହିଛି। ସଠିକ୍ ସମୟରେ ରୋଗ ଚିହ୍ନଟ ଏବଂ ଚିକିତ୍ସା ଦ୍ୱାରା ଦୃଷ୍ଟିଶକ୍ତି ଏବଂ ଜୀବନ ଉଭୟ ବଞ୍ଚିପାରିବ।

## ଦିବ୍ୟାଙ୍ଗଙ୍କ ପାଇଁ ବରଦାନ ୱାଇଡି ୱାନ୍



ରୋଗଗ୍ରସ୍ତ ବ୍ୟକ୍ତି, ବୟସ୍କ କିମ୍ବା ଆଘାତ ଲାଗି ଚାଲିବାକୁ ଅସମର୍ଥ ଲୋକ ହ୍ୱିଲ୍‌ଚେୟାର ବ୍ୟବହାର କରିଥାନ୍ତି। ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲ୍‌ଚେୟାର ସାହାରା ସଦୃଶ ହୋଇଥାଏ। ଏହି କ୍ରମରେ ଏବେ ଆଇଆଇଟି ମାଡ୍ରାସ ସବୁଠୁ ହାଲୁକା ଓ ସକ୍ରିୟ ହ୍ୱିଲଚେୟାର ବିକଶିତ କରିଛନ୍ତି। ଏହାର ନାଁ ହେଉଛି 'ୱାଇଡି ୱାନ୍'। ଓଜନ ମାତ୍ର ୯ କିଲୋ। ଏହାକୁ ପରିଚାଳନା କରିବା ସହଜ। ଏହାକୁ କାର୍, ଅଟୋ, ସାଧାରଣ ଯାନବାହନରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ନେଇ ହେବ। ବ୍ୟବହାରକାରୀଙ୍କ ଶରୀର, ଅଙ୍ଗଭଙ୍ଗୀ ଏବଂ ଗତିଶୀଳତାର ଆବଶ୍ୟକ ଅନୁଯାୟୀ ଏହାକୁ କଷ୍ଟମାଇଜ୍ କରାଯାଇଛି। ଏହା ୧୨୦ କେଜି ଭାର ଉଠାଇ ପାରିବ। ଏହା ମୋନୋ ଟ୍ୟୁବ୍ ରିଜିଡ ଡିଜାଇନ୍ ଫ୍ରେମ୍ ହ୍ୱିଲଚେୟାର। ଏୟରୋସ୍ପେସ-ଗ୍ରେଡ ସାମଗ୍ରୀରୁ ବନାଯାଇଛି। ଏହି ହ୍ୱିଲଚେୟାରଟି ସ୍ୱତନ୍ତ୍ରତା, ଆତ୍ମ-ସମ୍ମାନ ଏବଂ ସାମାଜିକ ଭାଗୀଦାରିର ପ୍ରତୀକ ହୋଇଥାଏ। ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ବି କମକୋଟି ଏହି ନୂତନ ଚେୟାରଟି ଦୁର୍ବଳ, ଅସୁସ୍ଥ, ଦିବ୍ୟାଙ୍ଗଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ମତ ରଖିଛନ୍ତି। ଏହି ହ୍ୱିଲ୍‌ଚେୟାରକୁ ତାଙ୍କର ଟିମ୍ ଏବଂ ଆଇଆଇଟି ମାଡ୍ରାସ- ଇନ୍‌କ୍ୟୁବେଟେଡ୍ ଷ୍ଟାର୍ଟଅପ୍ ଥ୍ରଭ୍ ମୋବିଲିଟି ସହଯୋଗରେ ପ୍ରସ୍ତୁତ କରାଯାଇଛି।

## ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ ଅଦା

**ଅଦା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍-ସି, ବି୬ ଆଦି ରହିଛି। ଅଦାରେ ଥିବା ଔଷଧୀୟ ଗୁଣ ଥଣ୍ଡା, କାଶ, ପେଟଜନିତ ସମସ୍ୟା ଦୂର କରେ। ଓଜନ ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ମୁଣ୍ଡବିନ୍ଧା ପାଇଁ ମଧ୍ୟ ଅଦା ହିତକର। ହେଲେ ଅଦାକୁ ସଠିକ୍ ମାତ୍ରାରେ ବ୍ୟବହାର କରା ନ ଗଲେ, ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ।**



**ଅଦାକୁ ଅଧିକ ଫୁଟାନ୍ତୁନି:** ଅଦା ଖଣ୍ଡକୁ ଉଷୁମ ପାଣିରେ ଫୁଟାଇ ପିଇଲେ ଚର୍ବି ହ୍ରାସ ହୁଏ। ହେଲେ ଅଦାକୁ ଅଧିକ ସମୟ ଫୁଟାଇବା ଅନୁଚିତ। ଏହାଦ୍ୱାରା ଅଦାର ପୋଷକତତ୍ତ୍ୱ ହ୍ରାସ ପାଏ। ଏହା ପାଚନତନ୍ତ୍ର ଉପରେ କୁପ୍ରଭାବ ପକାଏ। ଛାତି ଜଳାପୋଡ଼ା, ପେଟ ଗ୍ୟାସ୍ ହେବା ସହ ପେଟ ଯନ୍ତ୍ରଣା ମଧ୍ୟ ହୋଇପାରେ।

**ସଠିକ୍ ମାତ୍ରା ବ୍ୟବହାର:** କାଶ, ଥଣ୍ଡା ଆଦି ପାଇଁ ଦିନକୁ ମାତ୍ର ୨ ଗ୍ରାମ୍ ଅଦା ସେବନ ଜରୁରି। ଅଧିକ ମାତ୍ରାର ଅଦା ଖାଇଲେ ରକ୍ତ ପତଳା ହୋଇପାରେ। ରକ୍ତଚାପ, ଗ୍ଲୁକୋଜ୍ କମିଯାଇ ପାରେ। ତେଣୁ ଚିକିତ୍ସକଙ୍କ ପରାମର୍ଶରେ ଅଦା ସେବନ କରିବା ନିହାତି ଜରୁରି।

ଅଦାକୁ ଦୁଗ୍ଧ, ଦହି କିମ୍ବା ଦୁଗ୍ଧଜାତୀୟ ଉତ୍ପାଦ ସହିତ ମିଶାଇ ଖାଇବା ଅନୁଚିତ। ଅଦାକୁ ଖାଇବା ପରେ କିମ୍ବା ଖାଇବା ସହିତ ଅଳ୍ପ ଲୁଣ ମିଶାଇ ଚୋବାଇ ଖାଇଲେ ହଜମଶକ୍ତି ସକ୍ରିୟ ରୁହେ। ଅଦାର ପୋଷକତତ୍ତ୍ୱ ଶରୀରକୁ ଭଲ କାମ ଦିଏ।

ସୁଲତାନ ଆଜଲାନ ଶାହ କପ୍ ହକି

# ଭାରତର ତୃତୀୟ ବିଜୟ

ଇପୋ,୨୭।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ସୁଲତାନ ଆଜଲାନ ଶାହ କପ୍ ହକି ପ୍ରତିଯୋଗିତାରେ ତୃତୀୟ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଭାରତ ୪ର୍ଥ ମ୍ୟାଚ୍‌ରୁ ତୃତୀୟ ବିଜୟ ସହ ୯ ପଏଣ୍ଟ ସଂଗ୍ରହ କରି ପ୍ରଥମ ବେଲଜିୟମ ପଛକୁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। କାନାଡା ସହ ଦଳ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ଆସନ୍ତାକାଲିର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଶେଷ ହେବା ପରେ କେଉଁ ଦୁଇ ଦଳ ଫାଇନାଲକୁ ଉନ୍ନୀତ ହେବେ ତାହା ଜଣାପଡ଼ିବ। କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ବିଜୟୀ ହେବା ପରେ ଫାଇନାଲ ଖେଳିବା ରାସ୍ତା ଏକପ୍ରକାର ପରିଷ୍କାର ହୋଇଯାଇଛି। ଭାରତ ପକ୍ଷରୁ ଅମିତ ରୋହିଦାସ, ଅଧିନାୟକ ସଞ୍ଜୟ ଓ ସେଲଭାମ କାର୍ତ୍ତି ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ନ୍ୟୁଜିଲାଣ୍ଡର ଜର୍ଜ ବାକର ୨ଟି ଯାକ ଗୋଲ ଶୁଝାଇଥିଲେ। ଆଜିର ଅନ୍ୟ ମ୍ୟାଚ୍‌ରେ କାନାଡା ୩-୨ ଗୋଲରେ ଦକ୍ଷିଣ କୋରିଆକୁ ଓ ବେଲଜିୟମ ୯-୧ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ବେଲଜିୟମ, ଭାରତ, ମାଲେସିଆ ଓ କାନାଡା ପ୍ରଥମ ୪ଟି ସ୍ଥାନରେ ରହିଛନ୍ତି।

# କେଆଇୟୁଜିରେ ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର, ୨୭।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା(କେଆଇୟୁଜି)ର ୪ର୍ଥ ଦିବସରେ ଗୁରୁବାର ଓଡ଼ିଶା ମୋଟ୍ ୪ଟି ପଦକ ମିଳିଛି। ଯେଉଁଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ପ୍ରତ୍ୟାଶା ରାୟ ମହିଳା ସନ୍ତରଣ ୨୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାରେ ପ୍ରତ୍ୟାଶାଙ୍କ ଏହା ୪ର୍ଥ ପଦକ। ଅପରପକ୍ଷରେ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍ ଗୁରୁବାର ସନ୍ତରଣରେ ୩ଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ ମହିଳା ୨୦୦ ମିଟର ବଟରଫ୍ଲାଏରେ, ନୀଳବଜା ଘୋଷ ୧୦୦ ମିଟର ବଟରଫ୍ଲାଏରେ ଏବଂ ୪ ଗୁଣା ୧୦୦ ମିଟର ମିଡଲେ ରିଲେରେ କିଟ୍ ଦଳ ଏହି ପଦକ ଜିତିଥିଲେ।

ମହିଳା ପ୍ରିମିୟର ଲିଗ୍ ମେଗା ନିଲାମ

# ୩.୨ କୋଟିରେ ଦୀପ୍ତି ସବୁଠୁ ଦାମୀ

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):

ବିସିସିଆଇ ପକ୍ଷରୁ ମହିଳା ପ୍ରିମିୟର ଲିଗ୍‌ର ପ୍ରଥମ ମେଗା ନିଲାମ ଆଜି ଏଠାରେ ଆରମ୍ଭ ହୋଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ଅକ୍ସନର ପ୍ରଥମ ଦିନରେ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଭାରତର ତାରକା ଅଲରାଉଣ୍ଡର ଦୀପ୍ତି ଶର୍ମା ସବୁଠୁ ଦାମି ଖେଳାଳି ବିବେଚିତ ହୋଇଛନ୍ତି। ୟୁପି ୱାରିୟର୍ଜ ତାଙ୍କୁ ୩.୨ କୋଟି ଟଙ୍କାରେ କିଣିଛି। ଦୀପ୍ତିଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡର ଆମେଲିଆ କେରଙ୍କୁ ୩ କୋଟି ଟଙ୍କାରେ କିଣିଛି ମୁମ୍ବଇ ଇଣ୍ଡିଆନ୍ସ। ନ୍ୟୁଜିଲାଣ୍ଡର ଅନ୍ୟତମ ଖେଳାଳି ସୋଫି ଡିଭାଇନ୍‌ଙ୍କୁ ଗୁଜରାଟ ଜାଏଣ୍ଟସ ୨ କୋଟି ଓ ଅଷ୍ଟ୍ରେଲିଆର ମେଗ୍ ଲାନିଙ୍ଗ୍‌ଙ୍କୁ ୟୁପି ୱାରିୟର୍ଜ ୧.୯ କୋଟି ଟଙ୍କାରେ କିଣିଛି। ଏହି ୪ ଖେଳାଳିଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ରହିଥିଲା। ଫ୍ରାଞ୍ଚାଇଜ୍‌ଗୁଡିକ ଯେଉଁ ଖେଳାଳିଙ୍କୁ ରିଟେନ କରିଛି, ସେମାନଙ୍କ ଦାମ୍ ପ୍ରକାଶ ପାଇନାହିଁ। ହରମନପ୍ରୀତ୍ କୌର ଓ ସ୍ମୃତି ମନ୍ଧାନାଙ୍କ ପରି ଖେଳାଳି କୋଟିପତି ତାଲିକାରେ ରହିଛନ୍ତି।

ଦିଲ୍ଲୀ କ୍ୟାପିଟାଲ୍ସ ୧.୩ କୋଟି ଲେଖାଏଁ ଟଙ୍କାରେ ଦକ୍ଷିଣ ଆଫ୍ରିକାର ଚିନେଲେ ହେନରୀ ଓ ଭାରତର ସ୍ପିନର ଶ୍ରୀଚରଣିଙ୍କୁ ଦଳରେ ସାମିଲ କରିଛି। ଅଷ୍ଟ୍ରେଲିଆର ଫୋଏବି ଲିଚ୍‌ଫିଲ୍ଡଙ୍କୁ ୧.୨ କୋଟି ଓ ଆଶା ଶୋଭନାଙ୍କୁ ୧.୧ କୋଟି ଟଙ୍କାରେ ୟୁପି ୱାରିୟର୍ଜ, ଦକ୍ଷିଣ ଆଫ୍ରିକାର ଲୌରା ୱଲଭାର୍ଟଙ୍କ ୧.୧ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ, ଇଂଲଣ୍ଡର ଫାଷ୍ଟ ବୋଲର ଲୌରେନ ବେଲ୍‌ଙ୍କୁ ୯୦ ଲକ୍ଷ ଟଙ୍କାରେ ଆର୍‌ସିବି କିଣିଛି। କିନ୍ତୁ ପ୍ରଥମ ଦିନରେ ଅଷ୍ଟ୍ରେଲିଆ ଅଧିନାୟିକା ଆଲିସା ହିଲୀଙ୍କୁ କେହି କିଣି ନାହାନ୍ତି। ସୋଫି ଇକ୍ଲେଷ୍ଟନଙ୍କୁ ୮୫ ଲକ୍ଷ ଟଙ୍କାରେ ୟୁପି, ଭାରତୀ ଫୁଲମାଳିଙ୍କୁ ୭୦ ଲକ୍ଷ ଟଙ୍କାରେ ଗୁଜରାଟ, ଦ. ଆଫ୍ରିକାର ନାଦିନ ଡି କ୍ଲର୍କ ଓ ଭାରତର ରାଧା ଯାଦବଙ୍କୁ ୬୫ ଲକ୍ଷ ଲେଖାଏଁ ଟଙ୍କାରେ ଆର୍‌ସିବି, ରେଣୁକା ସିଂ ଠାକୁରଙ୍କୁ ଗୁଜରାଟ, ଜର୍ଜିଆ ଭୋଲଙ୍କୁ ଆର୍‌ସିବି, କିରଣ ନାଗଭିରେଙ୍କୁ ୟୁପି, ଦକ୍ଷିଣ ଆଫ୍ରିକାର ସବ୍‌ନିମ ଇସ୍‌ମାଏଲଙ୍କୁ ମୁମ୍ବଇ ୬୦ ଲକ୍ଷ ଲେଖାଏଁ ଟଙ୍କା ଦେଇ ଦଳରେ ସାମିଲ କରିଛି। ୫୦ ଲକ୍ଷ ଲେଖାଏଁ ଟଙ୍କାରେ ୩ଜଣ ଖେଳାଳି ଯଥା ସ୍ନେହ ରାଣାଙ୍କୁ ଦିଲ୍ଲୀ, ହର୍ଲିନ ଦେଓଲ ଓ କ୍ରାନ୍ତି ଗୌଡ଼ଙ୍କୁ ୟୁପି ଟିମ୍‌ରେ ସାମିଲ କରିଛି।

ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ନଭି ମୁମ୍ବଇ ଓ ଭଦୋଦରାରେ ଆସନ୍ତାବର୍ଷ ଜାନୁଆରୀ ୯ରୁ ଆରମ୍ଭ ହୋଇ ଫେବୃଆରୀ ୭ରେ ଶେଷ ହେବ। ନଭି ମୁମ୍ବଇରେ ଉଦ୍‌ଘାଟନୀ ସହ ପ୍ରଥମ ପର୍ଯ୍ୟାୟ ଓ ଭଦୋଦରାରେ ଦ୍ୱିତୀୟ ପର୍ଯ୍ୟାୟ ସହ ଫାଇନାଲ ମୁକାବିଲା ଖେଳାଯିବାର କାର୍ଯ୍ୟକ୍ରମ ରହିଛି।



# ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଗମ୍ଭୀର କୋଚ୍

ମୁମ୍ବଇ, ୨୭।୧୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜକୁ ଲଜ୍ଜାଜନକ ଭାବେ ୨-୦ ହାରିବା ପରେ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ନିଶାଣକୁ ଆସିଯାଇଛନ୍ତି। ଗମ୍ଭୀରଙ୍କୁ ତୁରନ୍ତ କୋଚ୍ ପଦରୁ ହଟାଯାଉ ବୋଲି ସାମାଜିକ ଗଣମାଧ୍ୟମରେ ଦାବି ହୋଇଛି। ତେବେ ବିସିସିଆଇ ବର୍ତ୍ତମାନ ଗମ୍ଭୀରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବନି ବୋଲି ଜଣାପଡ଼ିଛି। ଆଗାମୀ ଦୁଇ ବର୍ଷ ମଧ୍ୟରେ ଦୁଇ ଦୁଇଟି ବିଶ୍ୱକପ୍ ମୁଣ୍ଡ ଉପରେ ରହିଛି। ତେଣୁ ଚୁକ୍ତି ଅନୁସାରେ ୨୦୨୭ ପର୍ଯ୍ୟନ୍ତ ଗମ୍ଭୀର ତାଙ୍କ ପଦ ବଜାୟ ରଖିବେ ବୋଲି ଜଣାପଡ଼ିଛି। ଏକ ଜାତୀୟ ଗଣମାଧ୍ୟମକୁ ନାମ ଗୋପନ ରଖିବା ସର୍ତ୍ତରେ ବିସିସିଆଇର ଜନୈକ ଅଧିକାରୀ କହିଛନ୍ତି, 'ଦଳ ବର୍ତ୍ତମାନ ଏକ ପରିବର୍ତ୍ତନ ପର୍ଯ୍ୟାୟରେ ରହିଛି। ତେଣୁ ବିସିସିଆଇ କୌଣସି ନିଷ୍ପତ୍ତି ତରତର ଭାବେ ନେବନାହିଁ। ମୁଖ୍ୟ ପ୍ରଶିକ୍ଷକ ଗମ୍ଭୀରଙ୍କ ଭବିଷ୍ୟତ ସମ୍ପର୍କ କୌଣସି ନିଷ୍ପତ୍ତି ନେବୁ ନାହିଁ। କାରଣ ବିଶ୍ୱକପ୍ ପାଖେଇ ଆସୁଛି ଏବଂ ତାଙ୍କ ଚୁକ୍ତି ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ରହିଛି। ବିସିସିଆଇ ଚୟନକର୍ତ୍ତା ଓ ଟିମ୍ ମ୍ୟାନେଜମେଣ୍ଟ ସହ ଆଲୋଚନା କରିବ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବନି।' ଏହି ବୟାନରୁ ଗମ୍ଭୀରଙ୍କ ପଦ ବର୍ତ୍ତମାନ ସୁରକ୍ଷିତ ରହିଥିବା ସ୍ପଷ୍ଟ ହୋଇଛି।

# ଧୋନିଙ୍କ ଘରେ ଡିନର୍ କଲେ କୋହଲି

ରାଞ୍ଚି, ୨୭।୧୧ (ଏଜେନ୍ସି): ଟେଷ୍ଟ ସିରିଜକୁ ହାରିବା ପରେ ଏବେ ଘରୋଇ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ ମ୍ୟାଚବିଶିଷ୍ଟ ଦିନିକିଆ ସିରିଜ ଖେଳିବ। ନଭେମ୍ବର ୩୦ରୁ ରାଞ୍ଚିରେ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଏଥିଲାଗି ଭାରତୀୟ କ୍ରିକେଟ୍ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମା ଦୁଇ ଦିନ ହେବ ରାଞ୍ଚିରେ ପହଞ୍ଚି ସାରିଛନ୍ତି। ଏପରିକି ଗୁରୁବାର ଉଭୟ କୋହଲି ଓ ରୋହିତ ରାଞ୍ଚିର ଜେଏସ୍‌ସିଏ ଷ୍ଟାଡିୟମରେ ଜୋରଦାର ଅଭ୍ୟାସ କରିଛନ୍ତି। ଯେହେତୁ ମହେନ୍ଦ୍ର ସିଂ ଧୋନିଙ୍କ ଘରୋଇ ସହର ରାଞ୍ଚି ତେଣୁ କୋହଲି ଏହି ଅବସରରେ ନିଜ ପୂର୍ବତନ ଅଧିନାୟକଙ୍କ ଘରକୁ ଯିବାକୁ ଭୁଲି ନ ଥିଲେ। ଗୁରୁବାର ରାତିରେ ଧୋନିଙ୍କ ଘରେ ଡିନର୍ କରିଥିଲେ କୋହଲି। କଡ଼ା ସୁରକ୍ଷାବଳୟ ମଧ୍ୟରେ କୋହଲି ହୋଟେଲରୁ ଏକ କାର ଯୋଗେ ଧୋନିଙ୍କ ଘରକୁ ଯାଇଥିଲେ। କୋହଲିଙ୍କ ଝଲକ ଟିକେ ପାଇବାକୁ ରାସ୍ତାରେ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା।

ଉତ୍ତରପୂର୍ବ-ଅସ୍ମିତା ଭାରୋତ୍ତୋଳନ

# ୧ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର,୨୭।୧୧(ସମିସ): କୋଲକାତାରେ ଆଜି ଆରମ୍ଭ ହୋଇଛି ଉତ୍ତର-ପୂର୍ବାଞ୍ଚଳ ଅସ୍ମିତା ଭାରୋତ୍ତୋଳନ ଚାମ୍ପିଅନସିପ୍। ପ୍ରତିଯୋଗିତାର ପ୍ରଥମ ଦିନରେ ବନିତା ନାଏକ ୩ଟି ପଦକ ଜିତିଛନ୍ତି। ସେ ୪୮ କିଲୋଗ୍ରାମ୍ ଶ୍ରେଣୀରେ ଭାଗନେଇ ଯୁବବର୍ଗରେ ସ୍ୱର୍ଣ୍ଣ, କନିଷ୍ଠ ବର୍ଗରେ ରୌପ୍ୟ ଓ ବରିଷ୍ଠ ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି। ମିନା ସିଂ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗ ୫୩ କେଜିରେ ୨ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଉଭୟ ବନିତା ଓ ମିନା କଳିଙ୍ଗ ଷ୍ଟାଡିୟମ୍ ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି ଉଭୟଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଙ୍କ ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।


ବନିତା ନାଏକ


ମିନା ସିଂ

# ଦିବ୍ୟାଙ୍ଗ ହ୍ୱିଲ୍‌ଚେୟାର କ୍ରିକେଟ: ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର,୨୭।୧୧(ସମିସ): ଗୁଜରାଟରେ ଖେଳାଯାଇଥିବା ପ୍ରଥମ ଦିବ୍ୟାଙ୍ଗ ହ୍ୱିଲଚେୟାର ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଆୟୋଜକ ଗୁଜରାଟକୁ ହରାଇ ଓଡ଼ିଶା ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଖରାପ ହ୍ୱିଲଚେୟାର ସତ୍ତ୍ୱେ ଏହି ବିଭାଗରେ ବିତ୍ତ ଓ ଶକ୍ତିଶାଳୀ ଗୁଜରାଟକୁ ହରାଇ ଓଡ଼ିଶା ଚାମ୍ପିଅନ ହେବା ନିଶ୍ଚିତଭାବେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ ବୋଲି କନ୍ଧମାଳର ମାଧବ ବଡ଼ସେଠ କହିଛନ୍ତି। କଳାହାଣ୍ଡିର ସରୋଜକାନ୍ତ କୁମାର ଉପଅଧିନାୟକ ରହିଥିଲେ। ସୁରେଶ କୁମାର ନାଗଙ୍କ ତତ୍ତ୍ୱବଧାନରେ ଏହି ଦଳ ଗୁଜରାଟ ଯାଇଥିଲା।



# ଆଇକନିକ୍ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ୩୦ରୁ



ଭୁବନେଶ୍ୱର, ୨୭ ।୧୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୩୦ ତାରିଖରୁ ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଯେଉଁଥିରେ ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ ଓ ତାଇୱାନର ୩୦ଜଣ ଖେଳାଳି ରହିଛନ୍ତି। ସେହିଭଳି ଆୟୋଜକ ଓଡ଼ିଶା ସମେତ ୧୮ ଟି ରାଜ୍ୟର ଖେଳାଳି ମଧ୍ୟ ଏହି ଦୁଇଦିନିଆ ପ୍ରତିଯୋଗିତାରେ ଭାଗନେବେ ବୋଲି ଆଇଜିୟୁ ତଥା ଆୟୋଜକ କମିଟିର ଦ୍ୱୀପାୟନ ପଟ୍ଟନାୟକ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅବସରରେ ଟ୍ରଫି ଓ ଜର୍ସି ଉନ୍ମୋଚନ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ, ଆୟୋଜକ କମିଟିର ଅଧ୍ୟକ୍ଷ ତାରିଣୀ ପ୍ରସାଦ ମହାନ୍ତି, ଆଇଜିୟୁ ସଭାପତି ଉମାକାନ୍ତ ପାଣି ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶୁଭଶ୍ରୀଙ୍କୁ ଡବଲ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୧୧(ସମିସ): ଅଡଶପୁରଠାରେ ଆଜି ଶେଷ ହୋଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃବିଶ୍ୱବିଦ୍ୟାଳୟ ଆଥଲେଟିକ ମିଟ୍‌ରେ ଏକାମ୍ର କଲେଜ୍‌ରେ ଶୁଭଶ୍ରୀ ପରିଡ଼ା ଡବଲ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେ ମହିଳା ୧୦୦ ଓ ୪୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ, ୨୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଛନ୍ତି। ସେହିପରି କୃଷ୍ଣପ୍ରିୟା ବରିସାଲ ୧୦୦ ଓ ୨୦୦ ମିଟର ଦୌଡ଼ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଖେଳ ଶିକ୍ଷକ ମନୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଭୟ ପ୍ରତିଯୋଗୀ ସଫଳ ହୋଇଛନ୍ତି।



# 'ସଟଲ୍'ରେ ୧ରୁ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୨୭।୧୧(ସମିସ):

ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍ 'ସଟଲ'ରେ ଡିସେମ୍ବର ୧ରୁ ୬ ତାରିଖ ଯାଏ ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆୟୋଜିତ ହେବ। କ୍ରମାଗତ ୨ ବର୍ଷରେ କଳିଙ୍ଗ ୨ଟି ଜାତୀୟ ଚାମ୍ପିଅନସିପ୍ ଆୟୋଜନ କରିବାର ଅଧିକାର ପାଇଛି। ଏଥର ସବ୍‌ଜୁନିଅର ଚାମ୍ପିଅନସିପ୍‌ରେ ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ରେକର୍ଡ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିବାର ସୂଚନା ମିଳିଛି। ଏହା ମଧ୍ୟରୁ ବାଳିକା ବିଭାଗରେ ୨୫୬ ଓ ବାଳକ ବିଭାଗରେ ୩୨୪ ଜଣ ପ୍ରତିଯୋଗୀ ଭାଗ ନେବାର ସମ୍ଭାବନା ରହିଛି।

**ନଜରରେ ତନ୍ୱୀ ପତ୍ରୀ**

ଓଡ଼ିଶାର ଜୁନିଅର ସୁପରଷ୍ଟାର ତନ୍ୱୀ ପତ୍ରୀଙ୍କୁ ଏହି ଟୁର୍ଣ୍ଣାମେଣ୍ଟର ବାଳିକା ବିଭାଗରେ ଫେବରାଇଟ୍ ବିବେଚନା କରାଯାଇଛି। ଉଭୟ ର୍‍ୟାଙ୍କିଙ୍ଗ୍ ଓ ଫର୍ମକୁ ଦେଖିଲେ ବାଲେଶ୍ୱରର ଏହି ଖେଳାଳି ଜଣଙ୍କ ଉଭୟ ୧୫ ଓ ୧୭ ବର୍ଷରୁ କମ୍ ବିଭାଗରେ ଏକକ ଟାଇଟଲ ଜିତିବାର ଦୃଢ଼ ଦାବିଦାର ରହିଛନ୍ତି। ଗତ ୬ ମାସରେ ସେ ୬ଟି ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ୩୫ତମ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସେ ଉଭୟ ୧୩ ଓ ୧୫ ବର୍ଷରୁ କମ୍ ବିଭାଗରେ ଏକକ ଟାଇଟଲ ଜିତିଥିଲେ। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ମନୋବଳ ବଢ଼ାଇବାକୁ ଉତ୍ସାହ ଦେଇଛନ୍ତି। ଆନ୍ଧ୍ରପ୍ରଦେଶର ପି. ରାମକ୍ରିଷ୍ଣା ଚିଫ୍ ରେଫରୀ ଭାବେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ।



# ଓଡ଼ିଶା ମାଷ୍ଟର୍ସରେ ୨୨ ଦେଶ

ଡିସେମ୍ବର ୯ରୁ ୧୪ ତାରିଖଯାଏ କଟକର ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଳାଯିବ ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ। ବିଶ୍ୱ ଓ ଭାରତୀୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଅନୁମୋଦିତ ଏହି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣରେ ଏଥର ୨୨ଟି ଦେଶ ଅଂଶଗ୍ରହଣ କରିବେ। ବିଶ୍ୱ ବ୍ୟାଡ୍‌ମିଣ୍ଟନରେ ପ୍ରାଧାନ୍ୟ ବିସ୍ତାର କରିଥିବା ଏସୀୟ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଆୟୋଜକ ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇଥିବାରୁ ରାଜ୍ୟ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଏହାକୁ ସମ୍ମାନର ସହ ଆୟୋଜନ କରିବାକୁ ସମସ୍ତ ପ୍ରକାର ଯୋଜନା କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS